# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 42 ◆ISSUE-336 ◆BHUBANESWAR ◆WEDNESDAY ◆4 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୬ ◆ଭୁବନେଶ୍ୱର ◆ବୁଧବାର ◆୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜୁନ୍ ୨୭ରେ 'ନିକିତା ରାୟ'

▶ପୃଷ୍ଠା ୧୧ ଦେଖନ୍ତୁ...

# ପାକ୍ ଜେଲ୍‌ରୁ ୨୧୬ କଏଦୀ ଫେରାର୍; ଧରା ହେଲେ ୮୦

■ **ଇସ୍‌ଲାମାବାଦ୍, ୩।୬ (ଏଜେନ୍ସି):** ପାକିସ୍ତାନର କରାଚୀସ୍ଥିତ ମଲିର ଜେଲ୍‌ରୁ ସୋମବାର ରାତିରେ ୨୧୬ ଜଣ କଏଦୀ ଫେରାର ହୋଇଛନ୍ତି। କରାଚୀରେ ହୋଇଥିବା ଭୂକମ୍ପ କାରଣରୁ ନିରାପତ୍ତା ପାଇଁ ସ୍ଥାନାନ୍ତର କରିବା ବେଳେ କଏଦୀମାନେ ଚମ୍ପଟ ମାରିଥିଲେ ଜେଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ପାଖାପାଖି ୮୦ ଜଣଙ୍କୁ ପୁଣିଥରେ ଧରା ଯାଇଛି। କିନ୍ତୁ ୧୩୫ଜଣ କଏଦୀ ଏବେବି ଫେରାର ରହିଛନ୍ତି। ପ୍ରଥମେ କାନ୍ଥ ଭାଙ୍ଗି କଏଦୀମାନେ ଫେରାର ହୋଇଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଏହାକୁ ଜେଲ ସୁପରିଟେଣ୍ଡେଣ୍ଟ ଅରଶାଦ ଶାହ ଖଣ୍ଡନ କରିଛନ୍ତି। ଦୌଡ଼ାଦୌଡ଼ି ବେଳେ ତରବରିଆ ସ୍ଥିତିରେ କଏଦୀମାନେ ମୁଖ୍ୟ ଗେଟ୍ ଦେଇ ଫେରାର ହୋଇଥିଲେ ବୋଲି ସେ କହିଛନ୍ତି। ଭୂକମ୍ପ ପରେ କଏଦୀମାନେ ପରସ୍ପରକୁ ଧକ୍କା ଦେଇଥିଲେ। ୭୦୦ରୁ ୧୦୦୦ ଜଣଙ୍କୁ ବାରାକରୁ ସ୍ଥାନାନ୍ତର କରାଯାଉଥିବା ବେଳେ ମୁଖ୍ୟ ଗେଟ୍ ପାଖରେ କଏଦୀମାନେ ପରସ୍ପର ମଧ୍ୟରେ ଠେଲାପେଲା କରିଥିଲେ ଓ ମୌକା ଦେଖି ୧୦୦ରୁ ଊର୍ଦ୍ଧ୍ୱ ଫେରାର ହୋଇଯାଇଥିଲେ ବୋଲି କୁହାଯାଇଛି। ଏହି ଘଟଣାରେ ଜଣେ କେଏଦୀ ମୃତ୍ୟୁ ବରଣ କରିଥିବା ବେଳେ ୪ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ପ୍ରଶାସନର ବେପରୁଆ ମନୋଭାବ କାରଣରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି ବୋଲି ପାକିସ୍ତାନ ଗୃହମନ୍ତ୍ରୀ ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଗତବର୍ଷ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରୁ ୧୯ କଏଦୀ ଫେରାର ହୋଇଥିଲେ।

# ଜୁନ୍ ୬ରୁ ୱାକଫ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

■ **ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ବହୁଚର୍ଚ୍ଚିତ ୱାକଫ୍ ସଂଶୋଧନ ଆଇନ ଅନୁଯାୟୀ ୱାକଫ୍ ସଂପତ୍ତି/ଜମି ପଞ୍ଜୀକରଣ ଲାଗି କେନ୍ଦ୍ର ସରକାର 'ଉମିଦ' ନାମରେ ନୂଆ ପୋର୍ଟାଲ ଖୋଲିବାକୁ ଯାଉଛନ୍ତି। ଆସନ୍ତା ୬ ତାରିଖରେ ଏହି ପୋର୍ଟାଲର ଶୁଭାରମ୍ଭ କରିବାକୁ ଯୋଜନା କରିଛନ୍ତି ସରକାର। ସାରା ଦେଶରେ କେବଳ ଏହି ପୋର୍ଟାଲ ମାଧ୍ୟମରେ ୱାକଫ୍ ଜମି/ସଂପତ୍ତିର ପଞ୍ଜୀକରଣ କରାଯିବ। ଏହି ପୋର୍ଟାଲର ଶୁଭାରମ୍ଭ ସହିତ ଜୁନ୍ ୬ ତାରିଖରୁ ଆରମ୍ଭ ହୋଇଯିବ ୱାକଫ ପଞ୍ଜୀକରଣ ପ୍ରକ୍ରିୟା।

ମିଳିଥିବା ସୂଚନା ଅନୁଯାୟୀ 'ଉମିଦ୍' ପୋର୍ଟାଲର ଆରମ୍ଭ ହେବାର ୬ ମାସ ମଧ୍ୟରେ ସମସ୍ତ ୱାକଫ୍ ସଂପତ୍ତିର ପଞ୍ଜୀକରଣ କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକରଣ ବେଳେ ୱାକଫ୍ ସଂପତ୍ତିର ଆକାର ଓ ସ୍ଥିତି ସମେତ ଅନ୍ୟ ସମସ୍ତ ବିସ୍ତୃତ ବିବରଣୀ ଏଥିରେ ଉଲ୍ଲେଖ କରିବାକୁ ପଡ଼ିବ। ।ତେବେ ମହିଳାମାନଙ୍କ ନାମରେ ପଞ୍ଜୀକରଣ ହୋଇଥିବା ଜମିକୁ ୱାକଫର ମାନ୍ୟତା ମିଳିବ ନାହିଁ। ପଞ୍ଜୀକରଣ ପ୍ରକ୍ରିୟାରେ ସଂପୃକ୍ତ ରାଜ୍ୟର ୱାକଫ ବୋର୍ଡ ସହାୟତା କରିବେ। ପଞ୍ଜୀକରଣ ବେଳେ କୌଣସି ବୈଷୟିକ କିମ୍ବା ଅନ୍ୟ କୌଣସି ବଡ଼ ଧରଣର ସମସ୍ୟା ଉପୁଜିଲେ ଏହି ସମୟସୀମାକୁ ଆଉ ଏକ କି ଦୁଇ ମାସ ପାଇଁ ବୃଦ୍ଧି କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରିବାରେ ବିଫଳ ହେଲେ ସଂପୃକ୍ତି ଜମି/ସଂପତ୍ତିକୁ ବିବାଦୀୟ ବୋଲି ବିଚାର କରାଯିବ। ସମାଧାନ ପାଇଁ ଏହାକୁ ୱାକଫ୍ ଟ୍ରିବୁନାଲକୁ ପଠାଇ ଦିଆଯିବ।

# ପ୍ରଥମ ଟାଇଟଲ୍ ପାଇଁ ଲଢ଼େଇ



ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଫାଇନାଲ୍ ମୁକାବିଲା ଅବସରରେ ଆଇପିଏଲ୍ ୧୮ ଟ୍ରଫି ସହ ଦଳର ଅଧିନାୟକ

## ସରକାରରେ ନାହିଁ ତାଳମେଳ; ବିଭିନ୍ନ ବିଭାଗରେ ଫାଇଲ୍ ଗଦା

# ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ; ଗୁମର ଖୋଲିଲା ନୋଟସିଟ୍

**ଫାଇଲ ପରିଚାଳନାରେ ବିଳମ୍ବ; ଖର୍ଚ୍ଚ ହୋଇପାରୁନି ବଜେଟ ବରାଦ**

**ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା**



■ **ଭୁବନେଶ୍ୱର, ୩।୬ (ସମିସ):** ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ପ୍ରସ୍ତୁତି ଚାଲିଛି। ଉତ୍ସବ ସହ ଉଦ୍‌ଘାଟନ ଆଦି ନିମନ୍ତେ ବିଶାଳ ଆୟୋଜନ ପାଇଁ ଯୋଜନା ହୋଇଛି। ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ସଫଳତାର ରିପୋର୍ଟ କାଡର୍ ଦେଇଛନ୍ତି। ବର୍ଷକ ମଧ୍ୟରେ ସରକାର ୫୦ ବର୍ଷର ସଫଳତା ଅର୍ଜିଛନ୍ତି ବୋଲି ଡ଼ିଣ୍ଡିମ ପିଟୁଛନ୍ତି। ରାସ୍ତାଘାଟରେ ବଡ଼ବଡ଼ ହୋଡର୍ଙ୍ଗ୍ କରି ନିଜର ପାରିବାପଣିଆ ବିଜ୍ଞପିତ କରୁଛନ୍ତି। ମାତ୍ର ବାସ୍ତବିକତା ଠିକ୍ ଓଲଟା। ସରକାରରେ ବିଭାଗଗୁଡ଼ିକ ମଧ୍ୟରେ ତାଳମେଳ ନାହିଁ, ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ। ବିଭିନ୍ନ ବିଭାଗରେ ଫାଇଲଗୁଡ଼ିକ ଅକାଣରେ ଅଟକି ରହିଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଛି। ପାତରଅନ୍ତର କରି କେବଳ ବିଜେପି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ବିଧାନସଭା କ୍ଷେତ୍ରକୁ ଦିଆଯାଇଥିବା ଅନୁଦାନ ବି ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ଏପରି ଅଚଳାବସ୍ଥା ସରକାରଙ୍କ ଶିରଚାପ ବଢ଼ାଇ ଦେଇଛି ଓ ନିଜେ ମୁଖ୍ୟମନ୍ତ୍ରୀ ନୋଟ୍ ସିଟ୍‌ରେ ଏଥିପାଇଁ କ୍ଷୋଭବ୍ୟକ୍ତ କରିଛନ୍ତି।

ରାଜ୍ୟ ପ୍ରଶାସନିକ ସ୍ତରରେ ସ୍ଥାଣୁତା କାରଣରୁ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍। ଏପରିକି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ତୃଣମୂଳସ୍ତରଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ଅଧିକାରୀମାନେ ଅନୁପାଳନ କରୁନାହାନ୍ତି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକ ଟାଣୁଛନ୍ତି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ନିର୍ଦ୍ଦେଶନାମା ବିରୋଧୀଙ୍କ ଅଭିଯୋଗ ସତ୍ୟ ବୋଲି ପରୋକ୍ଷରେ ପ୍ରମାଣିତ ହୋଇଛି । ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୋଟସିଟ୍‌ରେ ଫାଇଲଗୁଡ଼ିକର ବିଳମ୍ବିତକରଣକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ସରକାର ଓ ପ୍ରଶାସନରେ ରହିଥିବା ବିଚ୍ୟୁତିକୁ ସ୍ପଷ୍ଟ କରି ଦେଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓସ୍ୱାସରେ ନିଷ୍ପତ୍ତି ପରେ ମଧ୍ୟ ଅନେକ ଫାଇଲ ପର୍ଯ୍ୟାପ୍ତ କାରଣ ବିନା ଅନେକ ଦିନ ଧରି ବିଭିନ୍ନସ୍ତରରେ ପଡ଼ି ରହୁଛି। ▶ପୃଷ୍ଠା-୭

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ



■ **ନବରଙ୍ଗପୁର/ନନ୍ଦାହାଣ୍ଡି, ୩।୬ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡା ଗ୍ରାମରେ ଏକ ନିର୍ମାଣାଧୀନ ପାଇଖାନା ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଜଣ ପ୍ରାଣ ହରାଇଛନ୍ତି। ପାଇଖାନା ସ୍ଲାବର ଫଲ୍ସ ଭୁଶୁଡ଼ି ପଡ଼ିବାରୁ ଏଥିରେ ଚାପି ହୋଇଯାଇଥିବା ଦୁଇ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ମୃତକ ମାନେ ହେଲେ ଏମ.ସନ୍ତୁ (୨୮), ଅମିର ଖୁରା (୩୦), ତ୍ରିଲୋଚନ ଭତରା (୨୫) ଏବଂ ଲାଲୁରଣା କାମରା(୨୬)। ସୂଚନା ଅନୁସାରେ ପଡାଲଗୁଡା ଗ୍ରାମରେ ଏକ ପାଇଖାନା ଟାଙ୍କି ନିର୍ମାଣ ▶ପୃଷ୍ଠା-୭

# ଦାଗୀ ସଂସ୍ଥାକୁ ଅନୁଗ୍ରହ ଲାଗି ଟେଣ୍ଡର ଜାଲିଆତି!

## ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଟେଣ୍ଡରରେ ପାର୍ଥକ୍ୟ

**ଆରମ୍ଭରୁ ଝୁଣ୍ଟିଲା ମହାନଦୀ ସମ୍ମୁଖ ବିକାଶ ପ୍ରକଳ୍ପ**

■ **ଭୁବନେଶ୍ୱର, ୩।୬ (ସମିସ):** ଆରମ୍ଭରୁ ଝୁଣ୍ଟିଛି ପ୍ରସ୍ତାବିତ ମହାନଦୀ ସମ୍ମୁଖଭାଗ ବିକାଶ ପ୍ରକଳ୍ପ। ମେ ୬ ତାରିଖରେ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗୃହୀତ କରାଯିବା ନିମନ୍ତେ କର୍ତ୍ତୃପକ୍ଷ ପେଞ୍ଚପାଞ୍ଚ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ନିମନ୍ତେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ତଦନ୍ତର ସମ୍ମୁଖୀନ ହୋଇଥିବା ଦାଗୀ ସଂସ୍ଥାକୁ ଅନୁଗୃହୀତ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଯାବତୀୟ ଚଞ୍ଚକତା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ସିଡ଼ିଏ ପକ୍ଷରୁ ମହାନଦୀ ଜଳ ସମ୍ମୁଖସ୍ଥ ୩.୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଅଞ୍ଚଳର ବିକାଶ ପାଇଁ ଗତ ମେ ୬ ତାରିଖରେ (ଇଓଆଇ ନଂ ୪୯୧୦) ବିଭିନ୍ନ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ଦାଖଲ ପାଇଁ ଏଥିପାଇଁ ଶେଷ ତାରିଖ ରଖାଯାଇଛି ୨୦୨୫ ମେ ୧୪ ତାରିଖ। ୪୫.୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସରକାରୀ ବ୍ୟବସ୍ଥା ଅନୁସାରେ ଟେକ୍‌ନିକାଲ ପ୍ରପୋଜାଲ ଓ ଫିନାନସିଆଲ ପ୍ରପୋଜାଲ ଧାର୍ଯ୍ୟ ଅବଧି ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ତେବେ କୌତୂହଳର ବିଷୟ ହେଉଛି ଅଫ୍‌ଲାଇନ୍‌ରେ ପ୍ରକାଶିତ ବିଜ୍ଞପ୍ତିରେ ଆଗ୍ରହୀ ସଂସ୍ଥାଗୁଡ଼ିକର ମୂଲ୍ୟାୟନ ପାଇଁ ୫ଟି ପାରାମିଟର ବା ସର୍ତ୍ତ ରହିଥିବାବେଳେ ଅନଲାଇନ୍ ବିଜ୍ଞପ୍ତିରେ ସର୍ତ୍ତ ସଂଖ୍ୟା ୪କୁ ହ୍ରାସ କରାଯାଇଛି। ▶ପୃଷ୍ଠା-୭


**JUPITER**
**+2 Science Higher Secondary School**
BHUBANESWAR
www.jupiter.ac.in
Tested & Trusted since 2002
*Celebrating Success year after year...*
TOPPER +2 SCIENCE STREAM 2024 Mr. Soumyajit Rout BIITs, PILANI
TOPPER +2 SCIENCE STREAM 2023 Ms. Aparna Pradhan St. Stephen's College, New Delhi
Highlights of +2 Sc. Results 2024
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks
Highlights of +2 Sc. Results 2025
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks
ADMISSION OPEN 9439489157 / 9439489158

**JUPITER PUBLIC SCHOOL**
BHUBANESWAR
CBSE- I to XII ( Science & Commerce)
Awarded as No.1 NUMBER ONE SCHOOL IN INTEGRATED TEACHING & COACHING By Times School Ranking Survey Odisha THE TIMES OF INDIA
HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt | 92% FIRST CLASS
Bishal Ku. Sahu, Phulbani 10th Class - 68% 12th Class - 93.5%
95 other students achieved similar remarkable growth, testament to Jupiter's excellence
FOUNDATION COURSE for JEE, NEET, NDA from Class VIII
ADMISSION OPEN 6371853130 / 6371853132

**JUPITER DEGREE COLLEGE**
Affiliated to UTKAL UNIVERSITY
8093052844 / 845
+3 SCIENCE & +3 COMMERCE with Coaching for IIT-JAM, CUET, CPET, Civil Service, & Banking exams etc...
Day Cum Residential Separate AC Hostel Facility Available For Boys and Girls
SPECIAL DISCOUNTS AVAILABLE FOR Girl Students or Wards of Teachers
Gangapada, Near Old Toll Plaza, Adjacent to NH-16, Bhubaneswar



**Vikash Bargarh**
Vikash Higher Educational Institutions
Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.
Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.
Vikash Law School:
• B.A. LL.B (H) 5 Years Int. Law
Vikash School of Business Management:
• BBA / BCA (3 Years)
Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math. Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English
Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)
Vikash College of Paramedical Science:
• DMLT (2 Years)
• DMRT (2 Years)
Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science
AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com
ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh
Grooming Talent Vikash Higher Educational Institutions


## ବେଆଇନ ବିସ୍ଫୋରକ ଜବତ ଘଟଣା

# ଗୋଦାମ ମାଲିକ, ଚାଳକ ଗିରଫ

**୨ ବିସ୍ଫୋରକ ବୋଝେଇ ଭ୍ୟାନ୍ ଜବତ**

■ **ରାଉରକେଲା, ୩।୬ (ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ଦେଓଗାଁସ୍ଥିତ ପେଟ୍ରୋଲ ପମ୍ପରୁ ୨ଟି ବେଆଇନ ବିସ୍ଫୋରକ ବୋଝେଇ ଭ୍ୟାନ୍ ଜବତ ଘଟଣାରେ ରଘୁନାଥପାଲି ପୁଲିସ୍ ମଙ୍ଗଳବାର ବିସ୍ଫୋରକ ଗୋଦାମ ମାଲିକ ଓ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବିସ୍ଫୋରକ ଗୋଦାମ ମାଲିକ ହେଲେ, ବାସନ୍ତୀ କଲୋନୀ ଇଏମ୍/୮୭ରେ ରହୁଥିବା ଶ୍ରବଣ କୁମାର ଅଗ୍ରୱାଲ (୪୨) ଓ ବ୍ରାହ୍ମଣୀତରଙ୍ଗ ଥାନା କେନ୍ଦୁବରନୀ ଗ୍ରାମର ଭ୍ୟାନ୍ ଚାଳକ ବିର୍ସା ସାମଦ ଓରଫ ଇଶାକ (୩୦)। ସେମାନଙ୍କଠାରୁ ଦୁଇଟି ମିନି ଟ୍ରକ୍, ୧୧୫ ପେଟି ଆପେକ୍ସ ୯୦ ବିସ୍ଫୋରକ, ୪୦୦ଟି ଡେଟୋନେଟର୍, ୧୫ପେଟି ତାର, ୧୫୦ ▶ପୃଷ୍ଠା-୭

# ପୁଣି ୧୫ ଟନ ବିସ୍ଫୋରକ ଜବତ

■ **ରାଉରକେଲା, ୩।୬ (ସମିସ):** ବଡଗାଁ ସ୍ଥିତ ବିସ୍ଫୋରକ ସାମଗ୍ରୀ ଗୋଦାମ ସିଲ ହେବା ସହ ଗୋଦାମ ମାଲିକ ଜେଲ୍ ଯାଇଥିବା ବେଳେ ଆଜି ହାଇଦ୍ରାବାଦରୁ ଏକ ବିସ୍ଫୋରକ ବୋଝେଇ ଟ୍ରକ ଆସି ବଡ଼ଗାଁରେ ପହଞ୍ଚିବା ଘଟଣା ପୁଲିସ ତଦନ୍ତକୁ ଆହୁରି ଅଡୁଆ କରିଛି। ଏହି ଟ୍ରକ୍‌ରେ ୧୫ଟନ୍ ଓଜନର ବିସ୍ଫୋରକ ସାମଗ୍ରୀ ରହିଥିବା ବେଳେ ୩ଲକ୍ଷ ମିଟରର ଜିଲେଟିନ ତାର ରହିଥିବା ସୂଚନା ମିଳିଛି। ଏହି ସୂଚନା ମିଳିବା ପରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ସୁନ୍ଦରଗଡ ଏସପି ପ୍ରତ୍ୟୁଷ ଦିବାକର ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ବୋଝେଇ ଟ୍ରକ ମାଓବାଦୀଙ୍କ ଦ୍ୱାରା ଲୁଟ ହେବା ପରେ ବଡଗାଁ ଥାନା ଅନ୍ତର୍ଗତ ଇତମା ଖଡ଼ିଆପଡ଼ା ନିକଟରେ ଥିବା ବାରୁଦ ଗୋଦାମକୁ ଗତ ୨୮ ତାରିଖ ଦିନ ପୁଲିସ ସିଲ୍ କରିଥିଲା। ତେବେ ବାରୁଦ ଗୋଦାମ ସିଲ ହୋଇଥିବା ବେଳେ ଆଜି ପୁଣି ଏଠାକୁ ହାଇଦ୍ରାବାଦରୁ ଆହୁରି ୧୫ଟନ୍ ଓଜନର ବିସ୍ଫୋରକ ବୋଝେଇ ଏକ ଟ୍ରକ ଆସି ପହଞ୍ଚିଥିଲା। ଏକ ଟ୍ରକ୍‌ରେ ୨୫ କେଜିଆ ୬ ଶହ ▶ପୃଷ୍ଠା-୭

# ୮ ଘଣ୍ଟାରେ ଆଣ୍ଠେଇଲା ପାକିସ୍ତାନ: ସିଡିଏସ୍

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ନିଜର ମତ ରଖିଛନ୍ତି। ମଙ୍ଗଳବାର ପୁଣେ ବିଶ୍ୱବିଦ୍ୟାଳୟରେ ସେ ପହଞ୍ଚିଥିଲେ। ସେଠାରେ ସେ 'ଭବିଷ୍ୟତର ଯୁଦ୍ଧ ଓ ଯୁଦ୍ଧ' ଶୀର୍ଷକକୁ ନେଇ ନିଜର ମତ ରଖିଥିଲେ। ମେ ୧୦ ରାତି ୧ଟାରେ ପାକିସ୍ତାନ ଭାରତକୁ ୪୮ ଘଣ୍ଟା ମଧ୍ୟରେ ହରାଇବାକୁ ଯୋଜନା କରିଥିଲା। କେତୋଟି ଯାଗାରେ ପାକିସ୍ତାନ ଆକ୍ରମଣ ମଧ୍ୟ କରିଥିଲା ଓ ଏଥିପାଇଁ ସଂଘର୍ଷ ବଢ଼ିଥିଲା। କିନ୍ତୁ ମାତ୍ର ୮ ଘଣ୍ଟାରେ ହିଁ ପାକିସ୍ତାନର ସବୁ ଯୋଜନା ପଣ୍ଡ ହୋଇଥିଲା। ଏହାପରେ ବଡ଼ କ୍ଷୟକ୍ଷତିର ଆଶଙ୍କା କରି ସିଜଫାୟାର ଅର୍ଥାତ ଅସ୍ତ୍ରବିରତି କରିବାକୁ ଭାରତକୁ ଫୋନ ମାଧ୍ୟମରେ ନିବେଦନ କରିଥିଲା। ଏହାକୁ ଆମେ ସ୍ୱୀକାର କରିଥିଲୁ ବୋଲି ସେ କହିଥିଲେ।

ଆମେ କେବଳ ଆତଙ୍କବାଦୀ ଠିକଣା ଉପରେ ମାଡ କରିଥିଲୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଭାରତ ଆତଙ୍କ ଓ ନ୍ୟୁକ୍ଲିୟର ବ୍ଲାକମେଲିଂକୁ ଆଦୌ ଭ୍ରୂକ୍ଷେପ

**୪୮ ଘଣ୍ଟାର ତାଣ୍ଡବ ପାଇଁ ଯୋଜନା କରିଥିଲା ପାକିସ୍ତାନ**

କରେନାହିଁ। ପେସଦାର ସେନାବାହିନୀ ଉପରେ ଅସଫଳତା ଓ କ୍ଷୟକ୍ଷତିର ପ୍ରଭାବ ପଡେନାହିଁ। ସବୁପ୍ରକାର ସ୍ଥିତରେ ମନୋବଳ ଉଚ୍ଚ ରଖିବାକୁ ହୋଇଥାଏ। ଯୁଦ୍ଧରେ କ୍ଷତି ନୁହଁ ବରଂ ପରିଣାମ ହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଥିଲେ। ପହଲଗାମ ଆତଙ୍କବାଦୀ



ଆକ୍ରମଣ ପୂର୍ବରୁ ହିଁ ପାକିସ୍ତାନ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର ଭାରତ ଓ ହିନ୍ଦୁଙ୍କୁ ନେଇ ବିଷ ଓଗାଳିଥିଲେ। ଏହାପରେ ଏହି ଅମାନବୀୟ ଘଟଣା ଘଟିଥିଲା। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ରୋକିବା ପାଇଁ ଅପରେସନ ସିନ୍ଦୂରର ମୁଖ୍ୟ ଲକ୍ଷ୍ୟ ଥିଲା। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ନେଇ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି। ଭାରତ କେତୋଟି ଫାଇଟର ଜେଟ୍ ହରାଇଲା ନେଇ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଥିଲେ। କ୍ରିକେଟର ଉଦାହରଣ ଦେଇ ସେ କହିଥିଲେ ଯେ, ଯଦି ଆପଣ ଏକ ଟେଷ୍ଟ ମ୍ୟାଚ୍‌ର ଗୋଟିଏ ପାଳିରେ ପରାସ୍ତ ହୁଅନ୍ତି ତେବେ, ସେତେବେଳେ କେତେ ୱିକେଟ, ବଲ୍ ଓ ଖେଳାଳିଙ୍କ ସଂଖ୍ୟା ନେଇ ଆଲୋଚନାର ମୁଲ୍ୟ କିଛି ନଥାଏ। ଉଲ୍ଲେଖଥାଉ କି, ଅପରେସନ ସିନ୍ଦୂରରେ ଭାରତ ମେ ୭ ରାତି ୧.୩୦ରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ଼ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ।

● ତାମିଲନାଡୁ ସରକାରଙ୍କ ବିଲ୍‌କୁ ମଞ୍ଜୁରୀ

## ସୁପ୍ରିମକୋର୍ଟଙ୍କୁ ରାଜ୍ୟପାଳଙ୍କ ଭୟ ପ୍ରମାଣିତ: ଷ୍ଟାଲିନ୍



ଚେନ୍ନଇ,୩।୬(ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ସରକାରଙ୍କ ତରଫରୁ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୨,୦୦୦ରୁ ଅଧିକ ଦିବ୍ୟାଙ୍ଗ ନାଗରିକଙ୍କୁ ସହର ଓ ସ୍ଥାନୀୟ ନିର୍ବାଚନରେ ନାମାଙ୍କନ ଦାଖଲ କରିବାକୁ ଅଧିକାର ମିଳିବ। ଏହି ବିଲ୍ ଦୀର୍ଘଦିନ ହେବ ରାଜଭବନରେ ପଡି ରହିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏ ନେଇ ରାଜ୍ୟପାଳଙ୍କୁ କଟାକ୍ଷ କରିଛନ୍ତି। ଏହି ବିଲ୍‌କୁ ମଞ୍ଜୁରୀ ମିଳିବାର ହିଁ ଥିଲା। ଯଦି ଏହାକୁ ରୋକା ଯାଇଥାନ୍ତା ତାହାଲେ, ଆମେ ସୁପ୍ରିମ କୋର୍ଟ ଯାଇଥାନ୍ତୁ ଓ ରାଜ୍ୟପାଳଙ୍କୁ ଏ ନେଇ ଡର ରହିଥିଲା ବୋଲି ପ୍ରମାଣିତ ହୋଇଛି ବୋଲି ଷ୍ଟାଲିନ୍ କହିଛନ୍ତି। ଗତ ଏପ୍ରିଲ ୮ରେ ସୁପ୍ରିମ କୋର୍ଟ ତାମିଲନାଡୁ ରାଜ୍ୟପାଳ ଓ ସରକାରଙ୍କ ମାମଲାରେ ରାଜ୍ୟପାଳଙ୍କୁ ଅଧିକାରର ସୀମା ଧାର୍ଯ୍ୟ କରିଥିଲେ। ରାଜ୍ୟପାଳଙ୍କ ପାଖରେ କୌଣସି ଭେଟୋ ପାୱାର ନାହିଁ। କେବଳ ସେତିକି ନୁହଁ ସରକାରଙ୍କ ଏହିଭଳି ୧୦ଟି ବିଲ୍‌କୁ ରାଜ୍ୟପାଳଙ୍କ ତରଫରୁ ରୋକାଯିବା ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଅବୈଧ ବୋଲି ଘୋଷଣା କରିଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣ ମନମାନୀକୁ ଦର୍ଶାଉଛି। ବିଧାନସଭାକୁ ରାଜ୍ୟପାଳ ସହଯୋଗ କରିବା ସହ ପରାମର୍ଶ ଦେବା ଉଚିତ। ଆଗାମୀ ମାସେ ମଧ୍ୟରେ ରାଜ୍ୟପାଳ ଏ ନେଇ ଠୋକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସୁପ୍ରିମକୋର୍ଟ କହିଥିଲେ ଓ ଏହି କ୍ରମରେ ଦୁଇଟି ପରାମର୍ଶ ଦେଇଥିଲେ। ସେତେବେଳେ ଏହା ସବୁ ରାଜ୍ୟ ସରକାରଙ୍କ ବିଜୟ ବୋଲି ଷ୍ଟାଲିନ୍ କହିଥିଲେ। ଉଲ୍ଲେଖଥାଉ କି, ୨୦୨୧ରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଆସିଛି।

## ଜନ୍ମଦିନରେ ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସ୍‌ଲାମାବାଦ୍,୩।୬(ଏଜେନ୍ସି): ପ୍ରେମ ନିବେଦନ ପ୍ରତ୍ୟାଖାନ କରିବାରୁ ଜଣେ ବିଫଳ ପ୍ରେମିକ ଉତ୍‌କ୍ଷିପ୍ତ ହୋଇ ପାକିସ୍ତାନରେ ଜଣେ ୧୭ ବର୍ଷୀୟା ଟିକ୍‌ଟକ୍ ଷ୍ଟାରଙ୍କୁ ହତ୍ୟା କରିଛି। ସ୍ଥାନୀୟ ଜି-୧୩ ଅଞ୍ଚଳରେ ଏହି ଅଭାବନୀୟ



ଘଟଣା ଘଟିଛି। ଟିକ୍‌ଟକ୍ ତାରକା ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ବେଶ୍ ଜଣାଶୁଣା ଥିବା ସାନା ୟୁସୁଫ୍‌ଙ୍କୁ ସୋମବାର ତାଙ୍କ ଘରେ ପଶି ଗୁଳି ମାରିବା ସହ ଦୁର୍ବୃତ୍ତ ଏହି ଘଟଣା ଘଟାଇଛି। ହତ୍ୟାକାରୀକୁ ଚିହ୍ନଟ କରାଯାଇଛି ବୋଲି ଇସ୍‌ଲାମାବାଦ ପୁଲିସ ଆଇଜି ସୟଦ ଅଲି ନାସିର ରିଜ୍‌ଭି କହିଛନ୍ତି। ଅପରାଧୀର ବୟସ ୨୨ ବର୍ଷ ବୋଲି ଜଣାଯାଇଛି ଓ ତାକୁ ଫୈସଲାବାଦ୍‌ରେ ଗିରଫ୍ କରାଯାଇଛି। ସେ ଅତିଥି ହୋଇ ସାନାଙ୍କ ଘରକୁ ଆସିଥିଲା। ପୂର୍ବରୁ ସେ ସାନାଙ୍କୁ ଏକାଧିକ ବାର ପ୍ରେମ ନିବେଦନ କରିଥିଲା ବୋଲି ପୁଲିସ୍ କହିଛି। ଅପରାଧୀ ମେଟ୍ରିକ୍ ପାସ୍ କରିଥିଲା ଓ ବେରୋଜଗାର ଥିଲା। ସେ ନିହାତି ଗରିବ ପରିବାରର ବୋଲି ପୁଲିସ କହିଛି। ସେ ସାନାଙ୍କୁ ହତ୍ୟା କରିଛି ବୋଲି ସ୍ୱୀକାର କରିଛି। ଜନ୍ମଦିନରେ ହିଁ ସେ ସାନାଙ୍କ ଘରେ ପହଞ୍ଚିଥିଲା ଓ ତାଙ୍କୁ ଭେଟିବାକୁ ଏକାଧିକ ବାର ପ୍ରୟାସ କରିଥିଲା। ସେ ବ୍ୟବହାର କରିଥିବା ଅସ୍ତ୍ରକୁ ପୁଲିସ ଜବତ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ଅପରାଧୀକୁ ପୁଲିସ୍ ଗିରଫ କରିଥିଲା।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ: ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି?

ଚଣ୍ଡିଗଡ଼, ୩।୬ (ଏଜେନ୍ସି): ପଞ୍ଜାବରେ ଅପରେସନ ସିନ୍ଦୂରକୁ ନେଇ ରାଜନୀତି ଜୋର୍ ଧରିଛି। ସବୁ ଘରକୁ ସିନ୍ଦୂର ପଠାଇବାକୁ ନେଇ ବିଜେପିକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଶାଣ କରିଛନ୍ତି। ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି ବୋଲି ପଚାରିଛନ୍ତି। ଏହା ପୂର୍ବରୁ କଂଗ୍ରେସର ରାଜ୍ୟ ମୁଖିଆ ଅମରିନ୍ଦର ସିଂହ ରାଜା ୱଡିଂ ବିଜେପିକୁ ଘେରିଥିଲେ। ସେ କହିଥିଲେ ଯେ ସିନ୍ଦୂର ଉପରେ ମହିଳାଙ୍କ ସ୍ୱାମୀଙ୍କ ହକ୍ ରହିଛି। ସେ ପ୍ରତି ଘରକୁ ସିନ୍ଦୂର ନ ପଠାଇବା ପାଇଁ ବିଜେପି ନେତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ଏହାକୁ ନ ଶୁଣିଲେ ମହିଳା ପିଟିବେ ବୋଲି କହିଥିଲେ। ସେହିପରି ଆଜି କ୍ୟାବିନେଟ ବୈଠକ ପରେ ମାନ୍ କହିଥିଲେ ଯେ ବିଜେପି ନେତା ସିନ୍ଦୂର ନାମରେ ଭୋଟ ମାଗିବା ଦୁଃଖର ବିଷୟ। ସିନ୍ଦୂରକୁ ପରିହାସ କରାଯାଉଛି। ମାନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ପାଲଟା ପ୍ରଶ୍ନ ମଧ୍ୟ କରିଥିଲେ। ଘରକୁ ସିନ୍ଦୂର ଆସିଲେ କଣ କହିବେ ବୋଲି ପଚାରି ଥିଲେ। କାହା ନାମରେ ସିନ୍ଦୂର ଲଗାଇବାକୁ କହିବେ। ଏହା ଏକ ଦେଶ ଏକ ସ୍ୱାମୀ ଯୋଜନା କି?

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବିକଲେ ୧୬ ଦଳ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ଦୀର୍ଘ ଦିନ ପରେ ମଙ୍ଗଳବାର ନୂଆଦିଲ୍ଲୀରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ବସିଛି। ଏଥିରେ 'ଅପରେସନ ସିନ୍ଦୂର'କୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ୧୬ ଦଳ ଏକାଠି ହୋଇ ଦାବି କରିଛନ୍ତି। ଜାତୀୟ ସୁରକ୍ଷା ପ୍ରସଙ୍ଗ ଏବଂ ବୈଦେଶିକ ନୀତିର ଅଗ୍ରଗତି ଉପରେ ଏକ ମୁକ୍ତ ଏବଂ ନିରପେକ୍ଷ ଆଲୋଚନାର ଆବଶ୍ୟକତା ଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସବୁ ଦଳ ଚିଠି ଲେଖିଛନ୍ତି। ଏହା ବିରୋଧୀଙ୍କ ସାମୂହିକ ସ୍ୱର ଏବଂ ଦେଶର ସୁରକ୍ଷା ଚିନ୍ତା ଭାବନାକୁ ସ୍ପଷ୍ଟ କରୁଛି। ବୈଠକ ପରେ ଟିଏମ୍‌ସି ସାଂସଦ ଡେରେକ ଓ' ବ୍ରାଇନ ଏହି ସୂଚନା ଦେଇଛନ୍ତି। ସଂସଦୀୟ ଦଳ ସ୍ତରରେ ଆଲୋଚନା କରି ନୁହେଁ, ବରଂ ୧୬ଟି ରାଜନୈତିକ ଦଳର ମୁଖ୍ୟଙ୍କ ମଧ୍ୟରେ ସହମତି ଭିତିରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଏହି ବୈଠକରେ ଆମ ଆଦମୀ ପାର୍ଟି (ଆପ୍) ଏବଂ ଏନ୍‌ସିପି (ଶରଦ) ସାମିଲ ହୋଇ ନ ଥିଲା। କିନ୍ତୁ ଆପ୍ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବ।

■ 'ଅପରେସନ ସିନ୍ଦୂର'କୁ ନେଇ ଇଣ୍ଡିଆ ମେଣ୍ଟ ବୈଠକ
■ ସାମିଲ ହେଲେନି ଆପ୍, ଏନ୍‌ସିପି (ଶରଦ)

ଏହି ବୈଠକରେ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି, ଡିଏମକେ, ଶିବସେନା (ଉଦ୍ଧବ), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ଆଇୟୁଏମଏଲ, ଏନ୍‌ସି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆରଏସପି, ଜେଏମଏମ, ଭିସିକେ, କେରଳ କଂଗ୍ରେସ, ଏମ୍‌ଡିଏମକେ ଏବଂ ସିପିଆଇଏମଏଲ ସାମିଲ ହୋଇଥିଲା। କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଏବଂ ଆତଙ୍କବାଦର ମୁଖା ଖୋଲିବା ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ବିଭିନ୍ନ ଦେଶକୁ ପଠାଇଛନ୍ତି। ଏହି ସବୁ ଦଳ ସପ୍ତାହ ଶେଷ ସୁଦ୍ଧା ଭାରତ ଫେରିବେ। ସେମାନେ ଫେରିବା ପରେ ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦାବି କରୁଛନ୍ତି। ଆରଜେଡିର ମନୋଜ ଝା କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ହୋଇଥିଲା। ଏକ ଦେଶର ରାଷ୍ଟ୍ରପତି ପ୍ରତିଦିନ ଏହାକୁ ନେଇ ମାମଲାତକାର ସାଜିଛନ୍ତି। ୧୫ ଦିନରେ ୧୩ ଥର ମନ୍ତବ୍ୟ ଦେଲେଣି। ଏହାକୁ ନେଇ ସରକାରଙ୍କୁ ଆଘାତ ଲାଗିଛି କି ନାହି ଜଣନାହିଁ, କିନ୍ତୁ ଭାରତକୁ ଧକ୍କା ଲାଗିଛି। ଏହା ଯନ୍ତ୍ରଣାଦାୟକ। ସୋସିଆଲ ମିଡିଆ, ଟିଭି ବିତର୍କରେ ଏ ନେଇ ଆଲୋଚନା ହେବ ନାହିଁ। ୧୯୬୨ ମସିହାରେ ଚୀନ୍ ସହ ଯୁଦ୍ଧ ସମୟରେ ମଧ୍ୟ ସଂସଦ ଅଧିବେଶନ ଡକାଯାଇଥିଲା। ଏହା ୧୪୦ କୋଟି ଭାରତୀୟଙ୍କ ପ୍ରସଙ୍ଗ। ଏହା ଶାସକ କିମ୍ବା ବିରୋଧୀଙ୍କ ପ୍ରସଙ୍ଗ ନୁହେଁ। ଏହା ଦାୟିତ୍ୱର ପ୍ରସଙ୍ଗ। ସରକାର ସଂସଦ ପ୍ରତି ଏବଂ ସଂସଦ ଜନତାଙ୍କ ପ୍ରତି ଉତ୍ତରଦାୟୀ।

# ଭୁଲ୍ ମାଗିବାକୁ ମନାକଲେ କମଲ ହାସନ

ଚେନ୍ନଇ,୩।୬(ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ତାମିଲ ବର୍ଷୀଆନ ଅଭିନେତା, ନିର୍ଦ୍ଦେଶକ ତଥା ରାଜନେତା କମଲ ହାସନଙ୍କୁ ଭର୍ତ୍ସନା କରିଛନ୍ତି। ଜୁନ୍ ୨ରେ ସେ ଦାଖଲ କରିଥିବା ଆବେଦନର ଶୁଣାଣି ମଙ୍ଗଳବାର ହୋଇଥିଲା। କର୍ଣ୍ଣାଟକରେ ତାଙ୍କ ସିନେମା 'ଠକ୍ ଅଫ୍ ଲାଇଫ୍'ର ରିଲିଜ ପାଇଁ ସେ ଆବେଦନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଏହି ସିନେମାକୁ ରାଜ୍ୟରେ ମୁକ୍ତିଲାଭ କରିବା ନେଇ ରୋକ ଲଗାଇଥିଲା। ଏହି ବ୍ୟାନ୍‌କୁ ହଟାଇବାକୁ କମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୫ ତାରିଖରେ ଏହି ସିନେମା ରିଲିଜ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କମଲଙ୍କୁ ଏହି ମାମଲାରେ ନ୍ୟାୟଳୟ ଭର୍ତ୍ସନା କରିଛି।

କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କମଲ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। 'ଆପଣ କେଉଁ ଆଧାରରେ ଏହି ମନ୍ତବ୍ୟ ଦେଇଥିଲେ? ଆପଣ କ'ଣ ଐତିହାସିକ ନା ଭାଷାବିତ୍? ଆପଣ କମଲ ହାସନ ନା ଆଉ କିଏ? କାହାର ଭାବନାକୁ କ୍ଷତି ପହଞ୍ଚାଇବାର ଆପଣଙ୍କର ଅଧିକାର ନାହିଁ ବୋଲି ବିଚାରପତି ଏମ୍ ନାଗପ୍ରସନ୍ନା କମଲଙ୍କୁ ଆକ୍ଷେପକରି କହିଥିଲେ। ଦେଶର ବିଭାଜନ ଭାଷାକୁ ଆଧାର କରି ହୋଇଛି। ନାଗରିକଙ୍କ ପାଇଁ ଜଳ,ଜମି ଓ ଭାଷା ବହୁତ ମହତ୍ତ୍ୱପୂର୍ଣ୍ଣ। ଆପଣଙ୍କ ମନ୍ତବ୍ୟ ଦେଶରେ ଅଶାନ୍ତି ସୃଷ୍ଟି କରିପାରେ। ଏପରିସ୍ଥଳେ ଆପାଣଙ୍କୁ କେବଳ କର୍ଣ୍ଣାଟକ ଲୋକଙ୍କୁ କ୍ଷମା ମାଗିବେ ବୋଲି ଆଶା କରାଯାଉଥିଲା, କିନ୍ତୁ ଆପଣ ସୁରକ୍ଷା ମାଗିବାକୁ ଆସିଗଲେ। ଅତି ସାଧାରଣ ଭାବେ



**ଅଭିନେତାଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ**

ଆପଣଙ୍କ କ୍ଷମାରେ ଏହି ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ବିଚାରପତି କହିଥିଲେ। କିନ୍ତୁ ଏହାପରେ ମଧ୍ୟ କମଲ କ୍ଷମା ମାଗି ନଥିଲେ। ସେ କେଏଫ୍‌ସିସିକୁ ଚିଠି ଲେଖିଛନ୍ତି ବୋଲି ନ୍ୟାୟଳୟଙ୍କୁ କୁହାଯାଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୦ରେ ହେବ। ସେପର୍ଯ୍ୟନ୍ତ ଏହି ସିନେମା କର୍ଣ୍ଣାଟକରେ ମୁକ୍ତିଲାଭ ନ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଉଲ୍ଲେଖଥାଉ କି, ୭୫ ବର୍ଷ ତଳେ ଶ୍ରୀ ରାଜଗୋପାଳ ଆଚାର୍ଯ୍ୟ ଏହିଭଳି ମନ୍ତବ୍ୟ ଦେଇ କ୍ଷମା ମାଗିଥିଲେ। ତେଣୁ ଆପଣ କାହିଁକି କ୍ଷମା ମାଗିବେ ନାହିଁ ବୋଲି କମଲଙ୍କୁ ପ୍ରଶ୍ନ ପଚାରାଯାଇଥିଲା। ପୂର୍ବରୁ କ୍ଷମା ମାଗିବେ ନାହିଁ ବୋଲି କମଲ ମନ୍ତବ୍ୟ ଦେଇ ବିବାଦକୁ ଆହୁରି ବଢ଼ାଇଥିଲେ।

● ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ

## ଟ୍ରମ୍ପଙ୍କ ଫୋନ ଆସିବାରୁ ତୁରନ୍ତ ଆତ୍ମସମର୍ପଣ କରିଦେଲେ ମୋଦୀ

ଭୋପାଳ, ୩।୬ (ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଅପରେସନ ସିନ୍ଦୂର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଫୋନ୍ ଆସିଥିଲା। ଏହା ପରେ ମୋଦୀ ତୁରନ୍ତ ଆତ୍ମସମର୍ପଣ କରିଦେଲେ। ନରେନ୍ଦର ସରେଣ୍ଡର କରିଦେଲେ। ଆଉ ହଜୁର ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କଲେ। ଇତିହାସ ସାକ୍ଷୀ ଅଛି। ବିଜେପି-ଆରଏସଏସ ଏପରି



**କଂଗ୍ରେସ କେବେ ନଇଁ ନାହିଁ**

କରିଆସିଛି। ଟିକେ ଚାପ ପକାଇ ଦେଲେ ଏମାନେ ସବୁବେଳେ ନଇଁ ଯାଆନ୍ତି। ଭୟରେ ପଳାନ୍ତି। ପାକିସ୍ତାନର ଧମକ ସତ୍ତ୍ୱେ ୧୯୭୧ରେ ଭାରତ ଏହି ଦେଶକୁ ଦୁଇ ଖଣ୍ଡ କରି ଦେଇଥିଲା। କିନ୍ତୁ କଂଗ୍ରେସ କେବେ ନଇଁ ନାହିଁ। ଦଳର ସିଂହ ଏବଂ ସିଂହୀମାନେ ସୁପର୍ ପାୱାର ସହ ଲଢ଼ିଛନ୍ତି।

ଏହା ପୂର୍ବର ରାହୁଲ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଜେମା ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। କିନ୍ତୁ ଏହି ସମୟରେ ସେ ଚପଲ ପିନ୍ଧିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ରାହୁଲଙ୍କୁ ନିଶାଣ କରିଥିଲେ। ଏହା ସଂସ୍କୃତି ବିରୋଧୀ କହି ଧ୍ୟାନ ରଖିବାକୁ ପରାମର୍ଶ ଦେଇଥିଲେ।

**ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ମାର୍ଗଦର୍ଶିକା**

## ବ୍ୟକ୍ତିଗତ ସୂଚନା ଜାରି କରିପାରିବନି ଗଣମାଧ୍ୟମ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ମଙ୍ଗଳବାର ମାର୍ଗଦର୍ଶିକା ଜାରି କରିଛି। ଏଥିରେ କାର୍ଯ୍ୟରେ ମୁତୟନ କିମ୍ବା ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ତାଙ୍କ ପରିବାର ଗୋପନୀୟତା ପ୍ରତି ଧ୍ୟାନ ରଖିବାକୁ କୁହାଯାଇଛି। ବିନା ଅନୁମତିରେ ଅଧିକାରୀଙ୍କ ଘରକୁ ନ ଯିବାକୁ, ସାକ୍ଷାତକାର ନ ନେବାକୁ କିମ୍ବା ବ୍ୟକ୍ତିଗତ କାହାଣୀ ପାଇଁ ଯୋଗାଯୋଗ ନ କରିବାକୁ କୁହାଯାଇଛି। ଘର ଠିକଣା, ପରିବାର ସଦସ୍ୟଙ୍କ ଫଟୋ କିମ୍ବା କୌଣସି ବ୍ୟକ୍ତିଗତ ସୂଚନା ନ ଛପାଇବାକୁ ଏବଂ ନ ଦେଖାଇବାକୁ କୁହାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ହୋଇ ନ ଥିଲେ କିମ୍ବା ଅଧିକାରୀଙ୍କ ଠାରୁ ଅନୁମତି ମିଳି ନ ଥିଲେ ଏହାକୁ ଜାରି ନ କରିବାକୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରାଳୟର ଏଡିଜି ବିଜୟ କୁମାର ଏହି ମାର୍ଗଦର୍ଶିକାରେ ସ୍ୱାକ୍ଷର କରିଛନ୍ତି।

ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଅପରେସନ୍ ସିନ୍ଦୂର ଏବଂ ତା'ପରର ସୂଚନା ଦେବା ପାଇଁ ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖକୁ ଆସିଥିଲେ। ଏହି ଅଧିକାରୀଙ୍କ ନେଇ ପ୍ରସାରଣ କରାଯାଉଥିବା ଖବର ସିଧା ତାଙ୍କ ପରିବାର ସଦସ୍ୟ ଏବଂ ବ୍ୟକ୍ତିଗତ ଜୀବନରେ ପହଞ୍ଚି ଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପରିବାର ସଦସ୍ୟଙ୍କ ବାସଭବନକୁ ଯାଇ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ସେନା ଅଧିକାରୀଙ୍କ ପରିବାରର ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ମଧ୍ୟ ଖବର ପରିବେଷଣ କରାଯାଇଥିଲା। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ-ପାକ୍ ଉତ୍ତେଜନା ସମୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କୁ ମଧ୍ୟ ଅନଲାଇନରେ ଖରାପ ବ୍ୟବହାର କରାଯାଇଥିଲା। ଏପରିକି ପରିବାର ସହିତ ତାଙ୍କର ପୁରୁଣା ଫଟୋ ମଧ୍ୟ ସେୟାର କରାଯାଉଥିଲା। ଝିଅର ମୋବାଇଲ୍ ନମ୍ବର ବି ଭାଇରାଲ ହେଉଥିଲା। ଏହା ପରେ ମିଶ୍ରି ନିଜ ଆକାଉଣ୍ଟଙ୍କୁ ସୁରକ୍ଷିତ କରିଦେଇଥିଲେ।

## ଘରୋଇ ହିଂସା ଆଇନ୍ କାର୍ଯ୍ୟକାରୀ କରିବାକୁ ୭ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଦେଶରେ ଘରୋଇ ହିଂସା ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ୭ଟି ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ହିଂସା ନେଇ ଉପଯୋଗୀ ଆଇନ ରହିଥିଲେ ମଧ୍ୟ ଏହାକୁ ସଫଳ ରୂପେ କାର୍ଯ୍ୟକାରୀ କରାଯାଇପାରୁନାହିଁ ବୋଲି ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୁଙ୍ଖାନୁପୁଙ୍ଖ ଭାବେ ନ୍ୟାୟଳୟଙ୍କ ତରଫରୁ ନିର୍ଦ୍ଦେଶନାମା ପତ୍ର ଜାରି କରାଯାଇଛି। ଏହି ନିର୍ଦ୍ଦେଶଗୁଡିକ ହେଲା ପ୍ରୋଟେକସନ ଅଫିସରଙ୍କୁ ଚିହ୍ନଟ କରି ନିଯୁକ୍ତି କରାଯିବା। ୬ ମାସ ମଧ୍ୟରେ ପ୍ରୋଟେକସନ ଅଫିସରଙ୍କୁ ନିଯୁକ୍ତି ଦିଆଯିବା। ଘରୋଇ ହିଂସାର ଶିକାର ହେଉଥିବା ପୀଡିତଙ୍କୁ ଆଇନ ନେଇ ସଚେତନ କରାଇବା। ଘରୋଇ ହିଂସା ଆଇନ୍‌ର ସେକସନ ୧୧ରୁ ଯଥାଶୀଘ୍ର ଲାଗୁ କରାଇବା। ପୀଡିତଙ୍କୁ ମାଗଣାରେ ଆଇନ୍ ସହାୟତା ଦେବା। ରାଜ୍ୟ ଓ ଜିଲ୍ଲାସ୍ତରରେ ଅଧିକାରୀଙ୍କ ଭୂମିକା ନେଇ ସମସ୍ତଙ୍କୁ ଅବଗତ କରାଇବା ଏବଂ ଶେଷରେ ୧୦ ସପ୍ତାହ ମଧ୍ୟରେ ପୀଡିତଙ୍କୁ ଚିହ୍ନଟ କରିବା ସହ ଆଶ୍ରୟସ୍ଥଳରେ ପହଞ୍ଚାଇବା।

## ସଂସଦରେ ନିଜ ଉଲଗ୍ନ ଫଟୋ ଦେଖାଇଲେ ମହିଳା ସଦସ୍ୟ

ୱେଲିଂଟନ,୩।୬(ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା ସାଂସଦ ଲାଉରା ମ୍ୟାକକ୍ଲୁର ସଂସଦରେ ନିଜର ଉଲଗ୍ନ ଫଟୋ ଦେଖାଇ ସମସ୍ତଙ୍କୁ ଚକିତ କରାଇଥିଲେ। କିନ୍ତୁ ଏହି ଫଟୋ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ ଥିଲା। ଏଆଇ ଦ୍ୱାର କିପର ଅତି ସହଜରେ ମାତ୍ର କେତେ ମିନିଟ୍ ମଧ୍ୟରେ ଡିପ୍ ଫେକ୍ ଫଟୋ ଉତ୍ତୋଳନ କରାଯାଇପାରିବ ସେ ସଂସଦରେ ଦର୍ଶାଇବାକୁ ପ୍ରୟାସ କରିଥିଲେ। ଏହା ମୋର ପ୍ରକୃତ ଫଟୋ ନ ଥିଲେ ମଧ୍ୟ ଅବିକଳ ମୋ ଭଳି ଦେଖାଯାଉଛି। ତେଣୁ ଅତି ସହଜରେ ଏଆଇ ଦ୍ୱାରା ଜଣଙ୍କ ପ୍ରତିଷ୍ଠା ଓ ସମ୍ମାନ ହାନୀ କରାଯାଇପାରିବ। ତେଣୁ ଏଆଇ ଓ ଡିପ୍ ଫେକ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଆଇନ୍ ପ୍ରଣୟନ କରିବାକୁ ସେ ପରାମର୍ଶ ଦେଇଥିଲେ।

## ବିଜେପି ନେତାଙ୍କ ହୋଟେଲରେ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟ

ଜବଲପୁର, ୩।୬ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରର ଗଡ଼ାରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। କ୍ଷମତାର ଛତ୍ରଛାୟାରେ ରହି ଖରାପ ଖେଳ ଚଳାଇଥିବା ଜଣେ ବିଜେପି ନେତାଙ୍କ ଗୁମର ଖୋଲି ଯାଇଛି। ବିଜେପି ନେତା ଅତୁଲ ଚୌରାସିଆଙ୍କ ହୋଟେଲରୁ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ସହଯୋଗୀ ଶୀତଲ ଦୁବେଙ୍କ ସହ ମିଶି ସେ ଏହି ବେଆଇନ କାରାବାର ଚଳାଇ ଥିଲେ। ନେତା ଏବଂ ମନ୍ତ୍ରୀ ବି ଏଥିରେ ସହଯୋଗ କରୁଥିଲେ। କାରଣ ଅତୁଲ ଏହି ନେତା ଏବଂ ଅଧିକାରୀଙ୍କ ପାଖକୁ ଯୁବତୀ ପଠାଉ ଥିଲେ। କୋଲକାତା, ଆସାମ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରୁ ଏହି ହୋଟେଲକୁ ଯୁବତୀଙ୍କୁ ଅଣା ଯାଉଥିଲା। ଏହି ଯୁବତୀଙ୍କୁ ଆଣିବା ପାଇଁ ମହିଳା ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଆସାମର ଜଣେ ମହିଳାଙ୍କ ଅଭିଯୋଗ ଏହାର ଖୁଲାସା ହୋଇଥିଲା। ଏହି ମହିଳା କହିଥିଲେ ଯେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜବଲପୁର ଅଣା ଯାଇଥିଲା। ପରେ ତାଙ୍କୁ ଦେହ ବ୍ୟବସାୟକୁ ଠେଲି ଦିଆଯାଇଥିଲା। ଗତ ୧୮ ତାରିଖରେ ଏଥିପାଇଁ ମନା କରିବାରୁ ମହିଳାଙ୍କୁ ପ୍ରକୋଷ୍ଠରେ ବନ୍ଦ କରି ଶୀତଲ ଦୁବେ ଏବଂ ତାଙ୍କ ସହଯୋଗୀ ପ୍ରବଳ ମାଡ଼ ମାରିଥିଲେ। ପରେ ହୋଟେଲରୁ ବାହାର କରିଦେଇଥିଲେ। ଏଠାରୁ ମହିଳା ସିଧା ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଷ୍ଟେସନକୁ ଯାଇ ପୋଲିସକୁ ସମସ୍ତ ଘଟଣା କହିଥିଲେ। ସେ ଗତ ଛଅ ମାସ ଧରି ଅଭିଯୋଗ ନେଇ ଥାନାକୁ ଆସୁଥିଲେ, କିନ୍ତୁ ଅତୁଲଙ୍କ ରାଜନୈତିକ ପ୍ରଭାବ ଯୋଗୁଁ କେହି ଏହା ଶୁଣୁ ନ ଥିଲେ। ଏବେ ପୁଲିସ ଅତୁଲକୁ ଗିରଫ କରିଛି ଏବଂ ଶୀତଲ ଫେରାର ଅଛି।

● ନେତା-ମନ୍ତ୍ରୀଙ୍କ ପାଖକୁ ପଠା ଯାଉଥିଲା ଯୁବତୀ କୋଲକାତା, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଆସୁଥିଲେ ଯୁବତୀ
● ଯୁବତୀଙ୍କୁ ଆଣିବା ପାଇଁ ହାତ ବାରିସି ସାଜିଥିଲେ ମହିଳା ଏଜେଣ୍ଟ
● ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ବରୁ ଶୁଣି ନ ଥିଲା ପୁଲିସ



୩୨ ବର୍ଷୀୟା ପୀଡିତା କହିଛନ୍ତି ଯେ ତିନି ବର୍ଷ ପୂର୍ବେ ଦଲାଲ ମନୀଷା ତାଙ୍କୁ ଭଲ ଚାକିରିର ପ୍ରତିଶ୍ରୁତି ଦେଇ ଆସାମରୁ ଜବଲପୁରକୁ ଡକାଇଥିଲେ। ଏଠାରେ ତାଙ୍କୁ ଅତୁଲଙ୍କ ହୋଟେଲରେ ଅତିଥି ଭାବରେ ରହିବାକୁ କୁହାଯାଇଥିଲା। ପରେ ଅସହାୟତାର ସୁଯୋଗ ନେଇ ବେଶ୍ୟାବୃତ୍ତିକୁ ଠେଲି ଦିଆଯାଇଥିଲା। ଏଠାରୁ ଝିଅଙ୍କୁ ରାଜନେତା, ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଲୋକଙ୍କ ପାଖକୁ ପଠାଯାଉଥିଲା। ପ୍ରତିଦିନ ରାତିରେ ଲୋକେ ଆସୁଥିଲେ ଏବଂ ସକାଳୁ ଚାଲି ଯାଉଥିଲେ। ଏହି ବ୍ୟବସାୟ ଗତ ତିନି ବର୍ଷ ଧରି ଚାଲିଥିଲା। ହୋଟେଲ କର୍ମଚାରୀ ମଧ୍ୟ ଏହି ର୍‍ୟାକେଟରେ ସମ୍ପୂର୍ଣ୍ଣ ଜଡିତ ଥିଲେ। ଶୀତଲ ଏହି ର୍‍ୟାକେଟର ମୁଖ୍ୟ ଦଲାଲ ଥିଲା। ସେ ନିଜକୁ କିନ୍ନର କହୁଥିଲା। ସେ ସବୁ ବ୍ୟବସ୍ଥା ବୁଝୁଥିଲା। ଗ୍ରାହକଙ୍କଠାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। କିନ୍ତୁ ଯୁବତୀଙ୍କୁ ୫୦୦ରୁ ହଜାରେ ଟଙ୍କା ଦିଆଯାଉଥିଲା। ଝିଅଙ୍କୁ ଗୋଟି ଶ୍ରମିକ ଭଳି ରଖାଯାଉଥିଲା।

## ଇସ୍ପାତ ପ୍ରକଳ୍ପ
# ଆନ୍ଧ୍ରରେ ଦ୍ରୁତ; ଓଡ଼ିଶାରେ ମନ୍ଥର

ଭୁବନେଶ୍ୱର,୩।୬(ସମିସ): କେନ୍ଦ୍ରାପଡାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ- ନିପ୍ପନ ଷ୍ଟିଲ କାରଖାନାକୁ ଅନିଶ୍ଚିତତା ଲାଗି ରହିଛି। ଗୋଟିଏ ପଟେ ଓଡ଼ିଶାରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅନୁମୋଦନ ପ୍ରକଳ୍ପକୁ ବିଳମ୍ବିତ ହୋଇ ଚାଲିଛି; ଅନ୍ୟପଟେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥାନୀୟ ସରକାର ଫୁଲ୍ ଦମରେ ଲାଗି ପଡ଼ିଛନ୍ତି। ଯାହାଫଳରେ ଆନ୍ଧ୍ରରେ ପ୍ରକଳ୍ପ କାର୍ଯ୍ୟନ୍ୱୟନ ଗତି ଜୋର୍ ଧରିଥିବା ବେଳେ ଓଡ଼ିଶାର କେନ୍ଦ୍ରାପଡ଼ାରେ ଦେଶର ଏହି ବୃହତ୍ ଶିଳ୍ପ ପ୍ରକଳ୍ପକୁ ନେଇ ସଂଶୟ ଏବଂ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ପ୍ରଥମ ପର୍ଯ୍ୟାୟରେ ୫୫୯୬୧ କୋଟି ଟଙ୍କା ନିବେଶ କରିବ । ୨୨୦୦ ଏକର ଜମିରେ ଏହି ପ୍ରକଳ୍ପ ଆସନ୍ତା ୨୦୨୯ ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୦ ହଜାର କୋଟି ଟଙ୍କା ନିବେଶ ହେବ ଓ ୨୦୩୩ ସୁଦ୍ଧା ଏହାର ଉତ୍ପାଦନ ଆରମ୍ଭ ହେବ। ଉଭୟ ପର୍ଯ୍ୟାୟ ଶେଷ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୧୭.୮ ଏମଟିପିଏକୁ ବୃଦ୍ଧି ପାଇବ। ଆଗାମୀ ଦିନରେ ଏହି ପ୍ରକଳ୍ପକୁ ଗୁରୁରାଟରେ ବର୍ତ୍ତମାନ ସମ୍ପ୍ରସାରିତ କରାଯାଉଥିବା ହାଜିରା ପୋର୍ଟ ସହ ସଂଯୋଗ କରାଯିବ । ଆନ୍ଧ୍ର ପ୍ରଦେଶର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ନାରା ଲୋକେଶଙ୍କ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଅସ୍ଥାୟୀ(ପ୍ରୋଭିଜିଓନାଲ) ଜମି ଆବଣ୍ଟନ ପ୍ରକ୍ରିୟା ରେକର୍ଡ ୪ ମାସ ମଧ୍ୟରେ ସମାପ୍ତ ହୋଇଛି। ପ୍ରକଳ୍ପ କାର୍ଯ୍ୟନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ନୂଆ ଶିଳ୍ପ ନୀତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପ୍ରୋତ୍ସାହନ ଏବଂ ରିଆତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେବେ ବୋଲି ସେ କହିଛନ୍ତି।

■ ୪ ମାସରେ ସରିଲା ଆର୍ସେଲର ମିତ୍ତଲ ଜମି ଅଧିଗ୍ରହଣ
■ ଅନିଶ୍ଚିତତାରେ କେନ୍ଦ୍ରାପଡ଼ା ପ୍ରସ୍ତାବିତ ଇସ୍ପାତ କାରଖାନା

ଅପରପକ୍ଷେ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ କାରଖାନା କାର୍ଯ୍ୟକାରୀ ଥିବାକୁ ହେଲେ ହେଁ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପ ପାଇଁ ମୋଟ ୬୮୧୮ ଏକର ଜମି ଯୋଗାଇ ଦେବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଗତ ଡିସେମ୍ବରରେ ରାଜ୍ୟ ସରକାର ମହାକାଳପଡ଼ାର ବଡ଼ଟୁବି ଗ୍ରାମରେ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବଡ଼ଟୁବି ଗ୍ରାମରେ ଆର୍ସେଲର ନିପ୍ପନ ପାଇଁ ୩୮୩ ଏକର ଜମି ଅଧିଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଜମି ଅଧିଗ୍ରହଣ ପାଇଁ ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି। ସେହିପରି ପ୍ରକଳ୍ପ କାର୍ଯ୍ୟନ୍ୱୟନ ପାଇଁ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରୀ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ପ୍ରକଳ୍ପ ପାଇଁ ପାଣି, ବିଦ୍ୟୁତ୍, ରାସ୍ତା ଏବଂ ଅନ୍ୟ ଆବଶ୍ୟକତାକୁ ସରକାର ନଜରରେ ରଖି ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୁହାଯାଉଥିଲେ ହେଁ ଏହା ସେପରି ଆଖିଦୃଶିଆ ହୋଇ ପାରିନାହିଁ।

## ସୋଲାର କରେଣ୍ଟ ଲାଗି ମାଈ ହାତୀ ମୃତ

ଅନୁଗୋଳ/ଛେଣ୍ଡିପଦା,୩।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତର ଡଙ୍କାପାଳ ଗ୍ରାମ ନିକଟ ନାଲିଆସାହିଠାରେ ୨୫ବର୍ଷୀୟ ଏକ ମାଈହାତୀର ମୃତଦେହ ଠାବ ହୋଇଛି। ସୌର୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ରାତି ପ୍ରାୟ ୮ଟା ବେଳେ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗର ତଦନ୍ତରୁ ଜଣାପଡ଼ିଛି। ପ୍ରାଣୀଧନ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରିବା ପରେ ତାକୁ ମାଟିରେ ପୋତି ଦିଆଯାଇଛି।



ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ(ପିସିସିଏଫ୍)ଙ୍କ ନିର୍ଦ୍ଦେଶରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳରେ ତଦନ୍ତ କରିଥିଲେ। ମଙ୍ଗଳବାର ସକାଳେ ଛେଣ୍ଡିପଦା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରାଥମିକ ତଦନ୍ତ କରିଥିଲେ। ଗ୍ରାମକୁ ହାତୀ ପ୍ରବେଶ ନ କରିବା ପାଇଁ ଜଙ୍ଗଲ ଓ ଗ୍ରାମ୍ୟ ସୀମାରେ ସୌରଶକ୍ତି ତାର ବାଡ଼ ଦିଆହାଇଛି। ୧୭ଟିକିଆ ହାତୀପଲ ସୋମବାର ଅପରାହ୍ଣରେ ଉକ୍ତ ସୌରଶକ୍ତି ତାରବାଡ଼ ଅତିକ୍ରମ କରି ଗ୍ରାମ ନିକଟ ନାଲିଆସାହି ନିକଟକୁ ଆସିଥିଲେ। ସେଠାରେ ଗ୍ରାମର ପଙ୍କଜ ପ୍ରଧାନଙ୍କ ନିଜସ୍ୱ ସୌରବାଡ଼ ସଂସ୍ପର୍ଶରେ ଆସିବାରୁ ଏକ ମାଈ ହାତୀଟି ଟଳି ପଡ଼ିଥିଲା। ପରେ ଛେଣ୍ଡିପଦା ରେଞ୍ଜରଙ୍କ ସହ ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଆସିଥିବା ଟାସ୍କଫୋର୍ସ, ଅନୁଗୋଳର ରାପିଡ୍ ଆକ୍ସନ୍ ଫୋର୍ସ ଓ ବନ୍ୟପ୍ରାଣୀ ଡାକ୍ତରୀ ଟିମ, ସମସ୍ତ ବନ କର୍ମଚାରୀ ତଦନ୍ତ କରିଥିଲେ। ଲୋକେ କିନ୍ତୁ ବନ ବିଭାଗର ଅବହେଳା ପାଇଁ ହାତୀର ମୃତ୍ୟୁ ହୋଇଥିବା ଅଭିଯୋଗ କରୁଛନ୍ତି। ପରପକ୍ଷରେ, ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସୋଲାର ଫେନସିଙ୍ଗ ମେସିନ ଓ ତାର ବାଡ଼କୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି।

## 'ଆୟୁଷ୍ମାନ' ଯନ୍ତ୍ରଣା
# ୬ ସପ୍ତାହ ପରେ ବି ମିଳୁନାହିଁ କାର୍ଡ

ଭୁବନେଶ୍ୱର, ୩।୬(ସମିସ): ଗତ ଏପ୍ରିଲ୍ ମାସରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେଲାଣି। ହେଲେ ଏପର୍ଯ୍ୟନ୍ତ ଅଧାରୁ ଅଧିକ ହିତାଧିକାରୀଙ୍କୁ କାର୍ଡ ମିଳିନାହିଁ। ଏମିତିକି ଅଧିକାଂଶ ହିତାଧିକାରୀଙ୍କୁ କାର୍ଡ ମିଳିଥିଲେ ହେଁ ପରିବାର ସଦସ୍ୟଙ୍କ ନାଁ ନାହିଁ। ସେହିପରି ରାଜ୍ୟ ବାହାରେ ରହୁଥିବା ଲୋକଙ୍କୁ ବି ଏହି କାର୍ଡରେ ଚିକିତ୍ସା ମିଳିବ ବୋଲି କୁହାଯାଇଥିଲେ ହେଁ ବାସ୍ତବରେ ଏହା ମଧ୍ୟ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ। ସରକାରଙ୍କ ଘୋଷଣା ପରେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ପରିବାର ସହ ରହୁଥିବା ଲୋକମାନେ ଏହାକୁ ନେଇ ଆଶ୍ୱସ୍ତ ହୋଇଥିଲେ। ମାତ୍ର ସେମାନଙ୍କ ଭିତରୁ ଅଧିକାଂଶ ଲୋକଙ୍କୁ ଏପର୍ଯ୍ୟନ୍ତ କାର୍ଡ ମିଳିନାହିଁ, ତେଣୁ ସ୍ୱାଭାବିକ ଭାବରେ ସେମାନେ ଚିକିତ୍ସା ସେବା ପାଇପାରୁନାହାନ୍ତି। ଏହି ଯୋଜନା ଲାଗୁ ହେବା ପରେ ମାଳମାଳ ସମସ୍ୟା ଉପୁଜୁଥିଲେ ହେଁ ସରକାର ଏହାକୁ ସମାଧାନ କରୁନଥିବା ଅଭିଯୋଗ ହେଉଛି।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ରାଜ୍ୟରେ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାର କହିଲେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନାରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜୋରଦାର ପ୍ରଚାର କଲେ। ମାତ୍ର ତୃଣମୂଳସ୍ତରରେ ଉପୁଜୁଥିବା ସମସ୍ୟାର ସମାଧାନ ଏଯାଏ ହୋଇ ପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ଏହାକୁ ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଉନାହାନ୍ତି। ଫଳରେ ଲୋକମାନଙ୍କର ସମସ୍ୟାର ସମାଧାନ ହୋଇପାରୁନି ବୋଲି ଖୋଦ୍ ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ରାଜ୍ୟରେ ବିଜେଡି ସରକାର 'ବିଜୁ ସ୍ୱାସ୍ଥ୍ୟ କାର୍ଡ' ଯୋଜନା ପ୍ରଣୟନ କରିଥିଲେ। ସେଥିରେ ରାଜ୍ୟ ଭିତରେ ୯ ଶହ ହସ୍ପିଟାଲ୍‌ରେ ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିଲା। ଯେ କୌଣସି ସମସ୍ୟା ଉପୁଜୁଥିଲା, ମାତ୍ର ୨୪ ଘଣ୍ଟା ଭିତରେ ସମାଧାନ ହୋଇଯାଉଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସେଭଳି ହେଉନାହିଁ ବୋଲି ଅଭିଯୋଗ ହୋଇଛି ।

■ ଏବେ ବି ଅର୍ଦ୍ଧାଧିକ ହିତାଧିକାରୀ କାର୍ଡରୁ ବଞ୍ଚିତ
■ ସେବା ପାଇପାରୁନାହାନ୍ତି ଯୋଗ୍ୟ ହିତାଧିକାରୀ
■ ବାହାର ରାଜ୍ୟରେ କଲବଲ ହେଉଛନ୍ତି ରୋଗୀ

ବ୍ଲକ୍ ଗୁଡ଼ିକରେ ଯେତିକି ସଂଖ୍ୟକ ହିତାଧିକାରୀ ଅଛନ୍ତି, ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ କାର୍ଡ ଦିଆଯାଇଥିଲେ ହେଁ ସଂପୂର୍ଣ୍ଣ କାର୍ଡ ପହଞ୍ଚି ପାରିନାହିଁ। ତେଣୁ ଲୋକମାନେ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଶା ଓ ଅଙ୍ଗନବାଡି ୱାର୍କର କାର୍ଡ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏଥିସହ ହିତାଧିକାରୀ ନିଜେ ମଧ୍ୟ ଚାହିଁଲେ ଅନ୍‌ଲାଇନ୍‌ରୁ ନିଜର କାର୍ଡ ଡାଉନ୍‌ଲୋଡ୍ କରିପାରିବ। ହେଲେ ଯେଉଁମାନେ କାର୍ଡ ପାଇନାହାନ୍ତି, ସେମାନେ ଚେଷ୍ଟା କରି ମଧ୍ୟ ଅନ୍‌ଲାଇନ୍‌ରୁ କାର୍ଡ ଡାଉନ୍‌ଲୋଡ୍ କରିପାରୁନାହାନ୍ତି। ଏଥିସହ କିଛି ଲୋକଙ୍କର କାର୍ଡରେ ଅନ୍ୟ ଲୋକମାନେ ଯୋଡ଼ି ହୋଇଛନ୍ତି। ତାକୁ ନେଇ ମଧ୍ୟ ବିରାଟ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମସ୍ୟା ଥିବା ରୋଗୀମାନଙ୍କୁ ଓଡ଼ିଶାରେ ଯଦିଓ ସେବା ମିଳୁଛି, କିନ୍ତୁ ଓଡ଼ିଶା ବାହାରେ ଚିକିତ୍ସା ସେବା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଏସ୍‌କେୱାଇ ଯୋଜନାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରୁଥିଲେ। ତେଣୁ ଯାହା ସମସ୍ୟା ଉପୁଜୁଥିଲା, ତା'ର ତୁରନ୍ତ ସମାଧାନ କରାଯାଇ ପାରୁଥିଲା। ମାତ୍ର ଆୟୁଷ୍ମାନ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ସମସ୍ୟା ସମାଧାନ କରିବାରେ ବିଳମ୍ବ ହେଉଛି। ବାହାର ରାଜ୍ୟରେ ରହୁଥିବା ଲୋକମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଆମେ ଅଗ୍ରାଧିକାର ଭିତ୍ତିରେ ଦେବାକୁ ଚେଷ୍ଟା କରିବୁ। ପ୍ରାଥମିକ ପର୍ଯ୍ୟାୟରେ କିଛି ସମସ୍ୟା ଉପୁଜୁଥିଲା, ଏବେ ତା'ର ସମାଧାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ବ୍ୟବସ୍ଥିତ ହୋଇଯିବ ବୋଲି ସେ କହିଛନ୍ତି।

## ସତକୋଶିଆରେ ପୁଣି ଜନ୍ମହେଲେ ୩୦ ଘଡ଼ିଆଳ

ଅନୁଗୋଳ, ୩।୬(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ପୁଣି ଖୁସି ଖବର। ଗତ ସପ୍ତାହରେ ବିରଳ ଘଡ଼ିଆଳ ଯୋଡ଼ା ପୁଣି ଥରେ ୩୦ଟି ଘଡ଼ିଆଳ ଛୁଆ ଫୁଟାଇଛନ୍ତି। ଗତ ୨୦୨୧ଠାରୁ ଚଳିତବର୍ଷ ମଧ୍ୟରେ ଲଗାତାର ଭାବେ ସେହି ଗୋଟିଏ ଯୋଡ଼ା ଘଡ଼ିଆଳ ଛୁଆ ଫୁଟାଉଥିବାରୁ ମହାନଦୀ ସାତକୋଶିଆ ଗଣ୍ଡ ଘଡ଼ିଆଳ ବଂଶ ବୃଦ୍ଧି ପାଇ ଉତ୍କୃଷ୍ଟ ପ୍ରାକୃତିକ ସ୍ଥାନ ବୋଲି ପ୍ରମାଣିତ ହୋଇଛି। ଫଳରେ ବନ ବିଭାଗ, ପରିବେଶପ୍ରେମୀ ଓ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

୨୦୨୧ରେ ୨୮ଟି, ୨୦୨୨ରେ ୩୨ଟି, ୨୦୨୩ରେ ୩୫ଟି, ୨୦୨୪ରେ ୩୫ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ। ଚଳିତ ବର୍ଷ ପୁଣି ଥରେ ୩୦ଟି ଛୁଆ ସହ ଏହି ସ୍ଥାନରେ ମୋଟ ୧୬୦ଟି ଛୁଆ ଗତ ୫ ବର୍ଷ ମଧ୍ୟରେ ଜନ୍ମ ହୋଇଛନ୍ତି। ବନ ବିଭାଗ ତରଫରୁ ସେହି ଛୁଆଗୁଡିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଗଣ୍ଡ ଭିତରେ ମୋଟର ବୋଟ ଚଳାଚଳ ବନ୍ଦ କରାଯାଇଥିବା ବେଳେ କାଠ ଡଙ୍ଗାରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଏକ ସ୍ୱତନ୍ତ୍ର ଟିମ ଗଣ୍ଡ ଭିତରେ ପଇଁତରା ମାରୁଛନ୍ତି। ସେଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଜରିଆରେ ଘଡ଼ିଆଳ ଯୋଡ଼ା ଏବଂ ଛୁଆ ଗୁଡିକର ସ୍ଥିତି ପର୍ଯ୍ୟବେକ୍ଷଣ ପ୍ରତିବର୍ଷ ଜୁନ ଓ ଜୁଲାଇ ମାସ ବେଳକୁ ନଦୀ ବଢି ହେଉଥିବାରୁ ଘଡ଼ିଆଳ ଛୁଆ ଭାସି ଯିବାର ନଜିର ରହିଛି। ତେଣୁ ଚଳିତ ବର୍ଷ ମହାନଦୀରେ ବଢି ଆସିବା ସଂକେତ ମିଳିଲେ ଘଡ଼ିଆଳ ଛୁଆଗୁଡିକୁ ସେଠାରୁ ସୁରକ୍ଷିତ ଅଣାଯାଇ ଅନ୍ୟଏକ ପ୍ରାକୃତିକ ଆବାସରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଘଡ଼ିଆଳ ହେଉଛି ଏକ ବିରଳ ପ୍ରଜାତିର କୁମ୍ଭୀର। ସେମାନଙ୍କର ବଞ୍ଚିବା ହାର ବହୁତ କମ ଅର୍ଥାତ ଶତକଡା ୧ଭାଗ ବୋଲି ଆକଳନ କରାଯାଇଛି । ସେଥିପାଇଁ ଗତ ପ୍ରାୟ ୩ ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଳ ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଠାରୁ ବିଭିନ୍ନ ସମୟରେ ଘଡ଼ିଆଳ ଆଣି ମହାନଦୀ ଗଣ୍ଡରେ ଛଡ଼ାଯାଉଛି। ଗତ ୩ ବର୍ଷ ମଧ୍ୟରେ ଏଠାରେ ୨୦ରୁ ଅଧିକ ଘଡ଼ିଆଳ ଛଡ଼ାଯାଇଛି। ପ୍ରାକୃତିକ ପରିବେଶରେ ଏହି ପ୍ରକଳ୍ପ ଜରିଆରେ ଶତକଡା ୮୦ ଭାଗ ସଫଳତା ମିଳିପାରିଛି। ଦୀର୍ଘ ୪୦ ବର୍ଷ ପରେ ସାତକୋଶିଆ ଗଣ୍ଡରେ ପ୍ରଥମ ଥର ପାଇଁ ୨୦୨୧ରେ ୨୮ଟି ଘଡ଼ିଆଳ ଛୁଆ ପ୍ରାକୃତିକ ପରିବେଶରେ ଜନ୍ମ ହୋଇଥିଲେ। ସେତେବେଳେ ସବୁଆଡେ ଖୁସି ଦେଖା ଦେଇଥିଲା। ଏପରିକି ସେ ସମୟର ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ କରି ନିଜର ଖୁସି ବ୍ୟକ୍ତ କରିଥିଲେ। କାରଣ ଭାରତରେ ଗଣ୍ଡକ ଓ ଚମ୍ବଲ ନଦୀରେ ଘଡ଼ିଆଳ ଦେଖାଯାଆନ୍ତି।

## ଅଣ୍ଡା ତରକାରୀ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟା

ଉଦଳା, ୩।୬(ସମିସ): ଅଣ୍ଡା ତରକାରୀ ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ମଦ୍ୟପ ସ୍ୱାମୀ। ଏଭଳି ଏକ ଆପରାଧିକ ଘଟଣା ଘଟିଛି ଉଦଳା ଥାନା ବହୁବନ୍ଧ ପଞ୍ଚାୟତ କୁଟଲିଂ ବନ୍ଧସାହି ଗାଁରେ। ମୃତ ମହିଳା ହେଲେ, ଗ୍ରାମର ବାସନ୍ତୀ ବାସ୍କେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଲମା ବାସ୍କେ(୪୧)କୁ ଗିରଫ କରିଛି।



ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଲମା ଖାଇ ବସିଥିବା ବେଳେ ଅଣ୍ଡା ତରକାରୀ ନ ଥିବା ଦେଖି ବାସନ୍ତୀଙ୍କୁ ଗାଳିମନ୍ଦ କରିଥିଲେ। ବାସନ୍ତୀ ପ୍ରତ୍ୟୁତ୍ତର ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ପାଖରେ ପଡ଼ିଥିବା ଏକ ନିଆଁଫୁଙ୍କା ନଳୀରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ସମେତ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲେ।

## ଏଫ୍‌ଏମ୍‌ଏମ୍‌ସିଏଚ୍‌କୁ ଶବ ଅଭାବ



ବାଲେଶ୍ୱର,୩।୬(ସମିସ): ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତଦେହର ଘୋର୍ ଅଭାବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଅନ୍ୟୁନ ୪ଟି ମୃତଦେହର ଆବଶ୍ୟକତା ଥିବା ବେଳେ ଗତ ୭ ବର୍ଷ ଭିତରେ ଅର୍ଥାତ୍ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହେବାଠାରୁ ମାତ୍ର ୧୧ଟି ମୃତଦେହ ମିଳିପାରିଛି। ସେଥିମଧ୍ୟରୁ ଚଳିତବର୍ଷ କଟକ ଏସ୍‌ସିବିରୁ ୫ଟି ଶବ ଅଣାଯାଇଛି। ଆବଶ୍ୟକତା ଅନୁଯାୟୀ ଶବ ମିଳୁନଥିବାରୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପ୍ରଭାବିତ ହେଉଛି।

ବାଲେଶ୍ୱର ସହର ସଂଲଗ୍ନ ରେମୁଣା ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ଏହି ମେଡିକାଲ (ଏଫ୍‌ଏମଏମସିଏଚ) କଲେଜରେ ଗତ ୨୦୧୮ ମସିହାଠାରୁ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି। ୧୦୦ ସିଟ୍ ବିଶିଷ୍ଟ ଏହି ସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ ସରଞ୍ଜାମ ସରକାର ଯୋଗାଇ ଦେଇଛନ୍ତି। ମାତ୍ର କଲେଜର ଆନାଟୋମି ବିଭାଗରେ ଆବଶ୍ୟକତା ଥିବା ମୃତ ବ୍ୟକ୍ତିଙ୍କ ଶରୀରର ଅଭାବ ହେତୁ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତ ବ୍ୟକ୍ତିଙ୍କ ଅକ୍ଷତ ଶରୀର ଆବଶ୍ୟକ ହୋଇଥାଏ। ହେଲେ ଆବଶ୍ୟକତା ଅନୁଯାୟୀ ମୃତଦେହ ମିଳୁନି। ଏହି ସମସ୍ୟା ସୃଷ୍ଟି ହେବା କାରଣ ପଛରେ ମୁଖ୍ୟତଃ ମୃତ୍ୟୁ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ କେହି ଶରୀର ସମସ୍ତ ଅଙ୍ଗଦାନ କରିବାକୁ କହି ଚାହୁଁନାହାନ୍ତି।

ପ୍ରତିବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ନିହାତି ୪ଟି ମୃତଶରୀରର ଆବଶ୍ୟକ ରହିଛି। ଚଳିତବର୍ଷ ଏସସିବି କଲେଜରୁ ୫ଟି ମୃତଶରୀର ମାଗି ଆଣିଛି ଏଫ୍‌ଏମଏମସିଏଚ। ହୁଏତ ଚଳିତ ବର୍ଷ ଏହି ୫ଟି ମୃତଶରୀର ଦ୍ୱାରା ଡ଼ାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ହେଇଯିବ। ହେଲେ ଆଗାମୀ ବର୍ଷ ପାଇଁ ଆବଶ୍ୟକ ହେଉଥିବା ମୃତଦେହ ପୁଣି ଅନ୍ୟ କେଉଁ ମେଡିକାଲ୍ କଲେଜରୁ ଆଣିବାକୁ ପଡ଼ିବ। ତେଣୁ, ଜିଲ୍ଲାର ଜନ ସାଧାରଣ ଏଥିପ୍ରତି ସଚେତନ ହୋଇ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିବାକୁ ଆଗେଇ ଆସିବା ଦରକାର।

■ ପିଲାଙ୍କ ପ୍ରାକ୍ଟିକାଲ ଶିକ୍ଷା ବାଧାପ୍ରାପ୍ତ
■ ପ୍ରତିବର୍ଷ ଅନ୍ୟୁନ ୪ ଶବ ଆବଶ୍ୟକ
■ ଯୋଗାଡ଼ଯନ୍ତ୍ରରେ ମିଳିଛି ୧୧ ମୃତଦେହ
■ ବ୍ୟାପକ ସଚେତନତା ଓ ପୁଲିସ୍ ସହଯୋଗ ଦରକାର: ପ୍ରଫେସର୍

ଏ ସଂପର୍କରେ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିଥିବା ବାଲେଶ୍ୱର ବସ୍ତା ଅଞ୍ଚଳର ଜଗବନ୍ଧୁ ନାୟକ କହିଛନ୍ତି, ଯେକୌଣସି ଜୀବ ମରିଗଲା ପରେ ତା'ର ପାର୍ଥିବ ଶରୀରର କିଛି ମୂଲ୍ୟ ନ ଥାଏ। ମୃତ୍ୟୁ ପରେ ମଣିଷର ଶରୀରକୁ ପୋଡ଼ି ଦିଆଯାଉଛି କିମ୍ବା ପୋତି ଦିଆଯାଉଛି। ଯାହା କୌଣସି କାମରେ ଆସୁନି। ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ଯଦି ନିଜର ସର୍ବାଙ୍ଗ ଦାନ କରାଯାଏ, ତାହାଲେ ତାହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିପାରିବ। ଏନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି।

ଅପରପକ୍ଷେ ଏଫ୍‌ଏମଏମସିଏଚର ଆନଟୋମି ବିଭାଗର ମୁଖ୍ୟ ପ୍ରଫେସର୍ ମଧୁସ୍ମିତା ପଣ୍ଡା କହିଛନ୍ତି, ପ୍ରତିବର୍ଷ କଲେଜକୁ ୪ଟି ମୃତଶରୀର ଆବଶ୍ୟକ। ମୃତ୍ୟୁ ପୂର୍ବରୁ ଯେକୌଣସି ବ୍ୟକ୍ତି ତାଙ୍କର ସର୍ବାଙ୍ଗ ଦାନ କରିପାରିବେ। ଏଥିପାଇଁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ଦରକାର। ପୁଣି, ପୁଲିସ ପକ୍ଷରୁ ମଧ୍ୟ ଏ ଦିଗରେ ସହଯୋଗ ଆବଶ୍ୟକ। ଅନେକ ଅଚିହ୍ନା ବ୍ୟକ୍ତିଙ୍କ ଶବ ପୁଲିସ୍ ଉଦ୍ଧାର କରୁଛି। ଯେଉଁ ଶବକୁ ନେବା ପାଇଁ କେହି ଦାବିଦାର ନାହାନ୍ତି। ସେହି ସବୁ ଅଚିହ୍ନା ଶବଗୁଡ଼ିକୁ ଯଦି ପୁଲିସ୍ ପକ୍ଷରୁ ପୋଡ଼ା କିମ୍ବା ପୋତାନଯାଇ ମେଡିକାଲ୍ କଲେଜକୁ ଦାନ କରାଯାଆନ୍ତା, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

## ■ ଶିକାରୀଙ୍କୁ ଗୁଳି ଯୋଗାଉଥିଲେ
# ପୂର୍ବତନ ସିକ୍ୟୁରିଟି ଗାର୍ଡ ଗିରଫ; ବନ୍ଧୁକ ଜବତ

ବାରିପଦା, ୩।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଶିକାରୀଙ୍କୁ ଗୁଳି ଯୋଗାଇବା ଅଭିଯୋଗରେ ଜଣେ ପ୍ରାକ୍ତନ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରିଛି। ପୁଲିସ୍ ବାଙ୍ଗିରିପୋଷି ଥାନା ଧୋବଣିଶୋଳ ଗ୍ରାମରୁ ୯୫୦ ଗୁଳିର ରସିଦ, ୪ଟି ଅଫୁଟା ଗୁଳି ଏବଂ ଗୋଟିଏ ବନ୍ଧୁକ ଜବତ କରିଛି। ଗିରଫ ବ୍ୟକ୍ତିଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଥାନା ଅର୍ନ୍ତଗତ ଧୋବଣିଶୋଳ ଗ୍ରାମର ଚିତ୍ତରଞ୍ଜନ ଗିରି (୬୨)। ଚିତ୍ତରଂଜନ ଶ୍ୟାମସୁନ୍ଦର ବ୍ୟାଙ୍କ ଶାଖାରେ ପୂର୍ବରୁ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି।



ମଙ୍ଗଳବାର ଅପରାହ୍ଣରେ ଆଇଆଇସି ବୀରେନ୍ଦ୍ର ସେନାପତି ସଦଳବଳ ତାଙ୍କ ଘରେ ଅଚାନକ ଚଢ଼ଉ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ୩ଜଣ ଶିକାରୀଙ୍କ ବୟାନକୁ ଆଧାର କରି ପୁଲିସ୍ ଅଭିଯୁକ୍ତ ଚିତ୍ତରଂଜନଙ୍କ ଉପରେ ନଜର ରଖିଥିଲା। ସେ ଲାଇସେନ୍ସ କରି ସିଙ୍ଗଲ ବେରେଲ ମୋଜର ଲୋଡିଂ ରାଇଫଲ ବ୍ୟବହାର କରୁଥିଲେ। ଏହାର ସୁଯୋଗରେ ସେ ବନ୍ଧୁକ ଗୁଳି ବ୍ୟବସାୟ କରୁଥିଲେ। କାରଣ ତାଙ୍କ ନିକଟରୁ ୯୫୪ଟି ଗୁଳି କିଣିଥିବା ୩୫ଟି ରସିଦ୍ ମଧ୍ୟ ମିଳିଛି। ସେଗୁଡିକୁ ସେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ମେଦିନାପୁରରୁ କିଣିଥିଲେ। ଏହିସବୁ ଗୁଳିକୁ ସେ ଶିକାରୀଙ୍କୁ ବିକ୍ରି କରୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ■ ମଦ୍ୟପ ବାପାର ନୃଶଂସ କାଣ୍ଡ
# ୭ ମାସର ଛୁଆକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା

କାମାକ୍ଷାନଗର/ପରଜଙ୍ଗ,୩।୬(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ୭ମାସର ଶିଶୁକନ୍ୟାକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା ମଦ୍ୟପ ବାପା। ଆଖି ଆଗରେ ଏହା ଦେଖି ଶିଶୁକନ୍ୟାର ମା' ଏକ କାଚ ବୋତଲ ନୃଶଂସ ବାପା ପେଟରେ ଭୁସି ଦେଇଛି। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କଣ୍ଟାପାଳ ଗାଁରେ ଗତକାଲି ସଂଧ୍ୟାରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଚାତାର ଶଶୁରଘର କଙ୍କଡାହାଡ଼ ଥାନା କଣ୍ଟାପାଳରେ ସପରିବାର ରହି ଶ୍ରମିକ ଭାବେ କାମ କରୁଥିଲେ। କିଛି ମାସ ହେବ, କୌଣସି କାମଧନ୍ଦା ନକରି ଘରେ ବସି ରହୁଥିଲେ। ସୋମବାର ପତ୍ନୀ ଜନନୀ ମୁଣ୍ଡାଙ୍କ ସହ ଡିଲର୍ ପାଖରୁ ଚାଉଳ ଆଣି ଫେରିବା ବେଳେ ବାଟରେ ଦୁହିଁଙ୍କ ଝଗଡ଼ା ହୋଇଥିଲା। ସଞ୍ଜୟ ମଦ ପିଇ ସ୍ତ୍ରୀ ସହ ଗାଁ ଦାଣ୍ଡରେ ପାଟିତୁଣ୍ଡ କରିବା ସହ ନିଜର ୭ ମାସର ଝିଅକୁ ଗାଁ ଦାଣ୍ଡରେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀର ଏହି ନୃଶଂସ କାଣ୍ଡ ଦେଖି ଜନନୀ ଏକ କାଚ ବୋତଲରେ ସ୍ୱାମୀକୁ ଆକ୍ରମଣ କରିଥିଲା। ଏଥିରେ ସଞ୍ଜୟ ଆହତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। କଙ୍କଡାହାଡ଼ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ପରେ ଶିଶୁଟିର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ କଳ୍ପନା ବେହେରା କହିଛନ୍ତି।

# ରାଜଧାନୀରେ ଛାଇଗଲାଣି ଚୋରା ବନ୍ଧୁକ

ଭୁବନେଶ୍ୱର,୩।୬(ସମିସ): ରାଜଧାନୀରେ ଅପରାଧୀଙ୍କ ରାଜ। ସଞ୍ଜ ହେଲେ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। ପୁଲିସକୁ ଖାତିର କରୁନାହାନ୍ତି। ଯେଉଁଠି ଭାଇପଣିଆ ଉପରେ ଆଞ୍ଚ ଆସୁଛି, ସେଠାରେ କଥାକଥାରେ ଫୁଟାଉଛନ୍ତି ଗୁଳି। ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ଅସହାୟ ଥିଲା ଭଳି ଜଣାପଡୁଛି। ଗିରଫ ହେଲେ ମଧ୍ୟ କିଛି ପ୍ରଭାବ ପଡୁନି। ଜେଲରୁ ବାହାରି ପୁଣି ସମାନ ଢଙ୍ଗରେ ଅପରାଧ ଘଟାଉଛନ୍ତି।

ଦୁଇ ଦିନ ତଳେ ଚନ୍ଦକା ଥାନା ପାଣିଓଳା ଗ୍ରାମରେ ଦୁଇଥର ବନ୍ଧୁକ ଫୁଟିଛି। ରବିବାର ରାତିରେ ଏକତରଫା ପ୍ରେମକୁ ନେଇ କୁମାରବସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁଳିମାଡ଼ ହୋଇଥିଲା। ଗତ ୯ ତାରିଖରେ ଜମି ବ୍ୟବସାୟକୁ ନେଇ ପାଣିଓଳା ଗ୍ରାମରେ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସେହିପରି ଗତମାସ ୨୪ ତାରିଖରେ ପାଣିଓଳା ଗ୍ରାମରେ ଫୁଟିଥିଲା ଗୁଳି। ଗୁଳିମାଡ଼ ପଛରେ ଥିଲା ପୂର୍ବ ଶତ୍ରୁତା ଏବଂ ଦବଦବା ପ୍ରଦର୍ଶନ। ନିଜ ନିଜର କ୍ଷମତା ଗାଁରେ ଦେଖାଇବା ପାଇଁ ଶତ୍ରୁତା ରହିଥିଲା। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଗୁଳିମାଡ଼ ଘଟିଥଲା। ଗତ ଏପ୍ରିଲ ୨୦ ତାରିଖରେ ବାଲିପାଟଣା ଥାନା ନିକଟରେ ଗୁଳିମାଡ଼ ହୋଇଥିଲା। ଦୀପ୍ତିରଞ୍ଜନ ମହାପାତ୍ରଙ୍କୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ମେ' ୧୦ତାରିଖରେ କସ୍‌ମସ୍ ବାର୍ ବାଉନସରଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ଜାନୁୟାରୀରେ ସାମାନ୍ୟ କଥାରୁ ଖଣ୍ଡଗିରିବାରିସ୍ଥିତ ବସ୍ ପାର୍କିଂଷ୍ଟାଣ୍ଡର ପ୍ରୀତମ ଜେନାମଣିଙ୍କୁ ଗୁଳି କରିଥିଲେ ଅପରାଧୀ।



ଏବେ ପ୍ରଶ୍ନ ଉଠିଲାଣି ଏତେ ବନ୍ଧୁକ ଆସୁଛି କେଉଁଠୁ ? କୁହାଯାଉଛି ଯେ ରାଜଧାନୀକୁ ଆସୁଥିବା ବନ୍ଧୁକ ପଛରେ ଗଞ୍ଜାମ ଗ୍ୟାଙ୍ଗର ହାତ। ଗଞ୍ଜାମରେ ଥିବା କୁଖ୍ୟାତ ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଇବା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ସେ ବିହାରରୁ ବନ୍ଧୁକ ଆଣି ଗଞ୍ଜାମରେ ଥିବା ଅପରାଧୀଙ୍କ ହାତରେ ଧରାଉଛି। ସେଠାରୁ ବନ୍ଧୁକ ଭୁବନେଶ୍ୱର,କଟକ,କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରରେ ଥିବା ଅପରାଧୀଙ୍କ ହାତକୁ ଯାଉଛି। ବନ୍ଧୁକ ୧୦ରୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଉଛି। ତେବେ ୯ଏମ୍‌ଏମ୍ ବନ୍ଧୁକର ଚାହିଦା ଅପରାଧୀଙ୍କ ମଧ୍ୟରେ ଅଧିକ ଥିବା କୁହାଯାଉଛି। ନିକଟରେ କଟକରୁ ଧରାପଡ଼ିଥିବା ବନ୍ଧୁକ କାରବାରର ମାଷ୍ଟରମାଇଣ୍ଡ ଓଡ଼ିଶାର ଏକାଧିକ ଗ୍ୟାଙ୍ଗଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲା। ଆଡ୍‌ଭାନ୍ସ ବାବଦକୁ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆକାଉଣ୍ଟରେ ନିଆଯାଉଛି। କଟକରୁ ତିଆରି ବନ୍ଧୁକ ଉପରେ ମେଡ୍-ଇନ୍-ମୁଙ୍ଗେର ଲେଖି ରାଜ୍ୟ, ରାଜ୍ୟ ବାହାରକୁ ସପ୍ଲାଏ କରାଯାଉଥିଲା। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲମର ହାତ। ପୁଲିସ ଏବେ ସବୁ ଜିଲ୍ଲାରେ ବନ୍ଧୁକ କାରବାର ରୋକିବାକୁ ଅଭିଯାନ ଆରମ୍ଭ କରିଛି।

■ ଅପରାଧୀଙ୍କ ଅଣ୍ଟାରେ ବନ୍ଧୁକ; ବଢୁଛି ଗୁଳିକାଣ୍ଡ
■ ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ମାଫିଆ
■ ଜବତ ହେଲାଣି ୨ଶହରୁ ଅଧିକ ଚୋରା ବନ୍ଧୁକ

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାଜଧାନୀରେ ବନ୍ଧୁକ କାରବାରକୁ ରୋକାଯାଇଛି। ଯଦି କୌଣସି ଅପରାଧୀଙ୍କ ନିକଟରେ ବନ୍ଧୁକ ଥିବା ଖବର ମିଳୁଛି, ତେବେ ଖବରୀ ସୂତ୍ର ଆଧାରରେ ପୁଲିସ୍ ଚଢ଼ଉ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଅନ୍ୟ ଟିମ୍ ଚଢଉ କରି ଧରପଗଡ଼କୁ ଜୋରଦାର କରୁଛନ୍ତି।

କମିସନରେଟ୍ ପୁଲିସର ଗୁଇନ୍ଦା ଖବର ଏବେ ବିଫଳ ହୋଇଛି। କାରଣ ରାଜଧାନୀରେ କେଉଁ ଗ୍ୟାଙ୍ଗ୍ ସକ୍ରିୟ ରହିଛି, କେଉଁ ଗ୍ୟାଙ୍ଗ୍ ପଛରେ କାହାର ହାତ ରହିଛି, ସେମାନେ ବନ୍ଧୁକ କେଉଁଠୁ ଆଣୁଛନ୍ତି, ତାହା କମିସନରେଟ୍ ପୁଲିସର ଥିବା ଖବରୀ ସୂଚନା ଦେଉନାହାନ୍ତି। ଏହି ଅପରାଧୀମାନେ ଏଠାରେ ନିଜର ଆଡ୍‌ଡା ଜମାଇ ଦାଦାବଟି ଏବଂ ଡରାଇ ଧମକାଇ ଟଙ୍କା ଅସୁଲ କରୁଛନ୍ତି। ଆଉ ଟଙ୍କାରେ ଅଧିକରୁ ଅଧିକ ବନ୍ଧୁକ ବାହାରୁ ଆଣୁଛନ୍ତି। ଏବେ ରାଜଧାନୀରେ ଘରେ ଘରେ ଅପରାଧୀ ବନ୍ଧୁକ ରଖିଛନ୍ତି। ସେମାନେ ଚାଉଳ ବସ୍ତା ଏବଂ ଅନ୍ୟାନ୍ୟ ଖାଦ୍ୟବସ୍ତା ଭିତରେ ବନ୍ଧୁକ ଲୁଚାଇ ରଖୁଛନ୍ତି। ତେଣୁ ପୁଲିସ ଅପରାଧୀଙ୍କ ତାଲିକା କରି ସେମାନଙ୍କ ଘର ସର୍ଚ୍ଚ କଲେ ଚୋରା ବନ୍ଧୁକ ଜବତ କରାଯାଇ ପାରିବ ବୋଲି କୁହାଯାଉଛି।

# ଠାକୁରମାହାଲ ସାମ୍ନାରେ ଧାରଣାରେ ବସିଲେ ଶ୍ରଦ୍ଧାଳୁ

ନୀଳଗିରି, ୩।୬ (ସମିସ): ଠାକୁରମାହାଲ ଅଧୀନରେ ନୀଳଗିରିର ତିନିପ୍ରମୁଖ ଜଗନ୍ନାଥ ମନ୍ଦିର ଯଥା ଗଡ଼ଡ଼ିହି, ନୀଳଗିରି ଏବଂ ଔପଦା ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ବଳଦେବଜୀଉ ମନ୍ଦିରର ରକ୍ଷଣାବେକ୍ଷଣ, ନୀତିକାନ୍ତିର ସମସ୍ତ ଦାୟିତ୍ୱ ରହିଥାଏ। ମାତ୍ର ମୁକୁନ୍ଦପୁର ବଳଦେବଜୀଉ ମନ୍ଦିର ବୈମାତୃକ ମନୋଭାବର ଶିକାରହୋଇ କେବଳ ବାର୍ଷିକ ୨୦ହଜାର ଟଙ୍କା ପ୍ରଦାନ କରି ହାତବାନ୍ଧି ବସିଯାଏ ଠାକୁରମାହାଲ। ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ ରଥନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଚକ, ଅଖ ଏବଂ ଅନ୍ୟ ଆନୁଷଙ୍ଗିକ କାଠ ବଳଦେବଜୀଉ ମନ୍ଦିର ପାଖରେ ନଥିବାରୁ ଏନେଇ କମିଟି ଗତ ୧୩ତାରିଖରେ ଠାକୁରମାହାଲକୁ ଅବଗତ କରିଥିଲେ। ନହେଲେ ଜୁନ ୩ତାରିଖରେ ଧାରଣା ଦିଆଯିବବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଆଜି ଠାକୁରମାହାଲ ସାମ୍ନାରେ ଧାରଣାରେ ବସିଥିଲେ। ଭକ୍ତ ଯୋଗାନନ୍ଦ ଦାସ, ଶରତଚନ୍ଦ୍ର ଦାସ, ସୁରେନ୍ଦ୍ର ରାଉଳ, ଅନନ୍ତ ବେହେରା, ମଧୁସୂଦନ ନାୟକ, ରାଜେନ୍ଦ୍ର ମହାକୁଡ, ରାଧାକୃଷ୍ଣ ବେହେରା, ରାମଚନ୍ଦ୍ର ଦାସ, ନିତ୍ୟାନନ୍ଦ ବାରିକ, ହରିଶ ଚନ୍ଦ୍ର ବାରିକ, ଶ୍ରୀକାନ୍ତ ରାଉଳ, ଗୌରାଙ୍ଗ ସେନାପତି ପ୍ରମୁଖ ୫୦ରୁ ଅଧିକ ଶ୍ରଦ୍ଧାଳୁ ଧାରଣାରେ ସାମିଲ ରହିଥିଲେ। ଖବରପାଇ ନୀଳଗିରି ଧାରଣାସ୍ଥଳରେ ତହସିଲଦାର ସୋନମ୍ ଦାସ ପହଞ୍ଚିଥିବା ବେଳେ ଠାକୁରମାହଲର ବଂଶାନୁକ୍ରମିକ ସ୍ଥାୟୀ ସଭାପତି ରାଣୀ ମନୋଜାମଞ୍ଜରି ଦେବୀ ଫୋନଯୋଗେ ଧାରଣାକାରିଙ୍କ ସହିତ କଥାହୋଇ ଆଗାମୀ ୨୦ତାରିଖ ସୁଦ୍ଧା ୪ଟି ଚକ, ୨ଟି ଅଖ ପାଇଁ ଆବଶ୍ୟକ କାଠ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହ ମନ୍ଦିରର ପୂଜକଙ୍କୁ ସହାୟତା ରାଶି ଯୋଗାଇଦେବା, ମନ୍ଦିର ନାମରେ ଥିବା ପୋଖରୀକୁ ପରିଚାଳନା କମିଟିକୁ ହସ୍ତାନ୍ତର ନେଇ ମଧ୍ୟ ଆଲୋଚନା ହୋଇଥିଲା।



## ଧାନମଣ୍ଡିର ସ୍ଥିତି ପରଖିଲେ ବିଜେପି କୃଷକ ମୋର୍ଚ୍ଚା ସଭାପତି

# ଅବ୍ୟବସ୍ଥା ନେଇ ଚାଷୀ ଅଭିଯୋଗ କରିବାରୁ କ୍ଷୁବ୍ଧ ହେଲେ

ବାଲେଶ୍ୱର(ଉତ୍ତର), ୩।୬ (ସମିସ)

ସମଗ୍ର ରାଜ୍ୟରେ ରବିଧାନ କିଣା ନେଇ ସରକାରୀ ଧାନମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। ଧାନ ମଣ୍ଡି ଗୁଡ଼ିକୁ ଟୋକନ ଅନୁଯାଇ ଟାର୍ଗେଟ ଦିଆଯାଇ ନଥିବା ବେଳେ ମିଲର ମାନଙ୍କ ଦ୍ୱାରା କରାଯାଉଥିବା କଟନୀଛଟନୀରେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଯାହା ଫଳରେ ଧାନ ସଂଗ୍ରହରେ ବିଳମ୍ବ ହେଉଛି। ଏହି ସମୟରେ ଗତ ସୋମବାର ବିଜେପି କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ସମବାୟ ସମିତିକୁ ଯାଇ ସ୍ଥିତି ପରଖି ଥିଲେ। ମାତ୍ର ଏଭଳି ସ୍ଥିତିରେ ଶ୍ରୀ ସାହୁ ଚାଷୀମାନଙ୍କୁ ଆଶ୍ୱାସନା ଦେବା ପରିବର୍ତ୍ତେ ସେଠାରେ ଉପସ୍ଥିତ ଥିବା ଚାଷୀମାନେ ଧାନକିଣା ପ୍ରସଙ୍ଗରେ ଅଭିଯୋଗ କରିବାରୁ ସେମାନଙ୍କ ଉପରେ ନିଜର ରୋଷ ଝାଡ଼ିଥିବାକୁ ନେଇ ସମଗ୍ର ଭୋଗରାଇରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ ଯେ, ଗତ ସୋମବାର ଅପରାହ୍ନରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ସାହୁ ଏବଂ ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ କମର୍ଦ୍ଦା ସେବା ସମବାୟ ସମିତିରେ ଅଚାନକ ଭାବେ ପହଞ୍ଚି ଧାନ ରହୁଥିବା ଗୋଦାମ ଘରକୁ ଯାଇ ସ୍ଥିତି ପରଖିଥିଲେ। ଏପରିକି ଆଜି ଚାଷୀଙ୍କଠାରୁ ଧାନ କ୍ରୟ ଚାଲିଥିବା ବେଳେ ଏହାର ମାନ ନିରୀକ୍ଷଣ ଦାୟିତ୍ୱ ରେ ବୈଷୟିକ କର୍ମଚାରୀ ଏବଂ ଭାରପ୍ରାପ୍ତ ସମିତି ସମ୍ପାଦକଙ୍କ ସହ ଧାନର ମାନ ପରୀକ୍ଷଣ ଯନ୍ତ୍ର ଏବଂ ଆନାଲାଇଜର ସମ୍ପର୍କରେ କଥା ହୋଇଥିଲେ। ମାତ୍ର ଏତିକିବେଳେ ସେଠାରେ ଉପସ୍ଥିତ କିଛି ଚାଷୀମାନେ ତାଙ୍କୁ ଧାନ କ୍ରୟ ଟାର୍ଗେଟ୍ ବୃଦ୍ଧି ସଂକ୍ରାନ୍ତରେ ଥିବା ସମସ୍ୟା ସମ୍ପର୍କରେ ପଚାରିବାରୁ ସଭାପତି ଶ୍ରୀ ସାହୁ କ୍ଷୁବ୍ଧ ହୋଇ କିଛି କଥା ନ ଶୁଣି ସରକାରୀ ନିୟମ ସମ୍ବନ୍ଧରେ ଅବଗତ କରାଇଥିଲେ। ସେହିପରି ସମିତିର ସଭାପତି ଜୟଦେବ ଦାସ ଶ୍ରୀ ସାହୁ ଙ୍କୁ ଚାଷୀଙ୍କ ଟୋକନ୍ ମୂଳେ ଧାନ କ୍ରୟ ନିମନ୍ତେ ଟାର୍ଗେଟ୍ ବୃଦ୍ଧି କରିବା ନେଇ ଆଲୋଚନା ବେଳେ ମଧ୍ୟ ସେ ରାଗ ତମତମ ହୋଇ ତାଙ୍କୁ ଇଆଡୁ ସିଆଡୁ କହି ଆଉ କହିବାକୁ ଦେଇନଥିଲେ। କେବଳ ଯିଏ ଧାନ କିଣାରେ ଅବହେଳା କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଧମକ ଦେଇଥିଲେ। ଶ୍ରୀ ସାହୁଙ୍କ ଏଭଳି ଅଶୋଭନୀୟ ଆଚରଣକୁ ନେଇ ଉପସ୍ଥିତ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଏହି ମଣ୍ଡିରେ ନିଯୁକ୍ତ ମିଲର କଟନୀ ଛଟନୀ କରୁଥିବାର ଶୁଣି ରାଗିଯାଇଥିଲେ ଏବଂ ଏଭଳି ଶୋଷଣ ବନ୍ଦ କରିବା ସହ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକେନ୍ ମୂଳେ ଧାନ କ୍ରୟ ନିମନ୍ତେ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲାଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଶ୍ରୀ ସାହୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ କମର୍ଦ୍ଦା ସେବା ସମବାୟ ସମିତିରେ ମୋଟ ୧୦୫୯ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୪୮ହଜାର କ୍ୱିଣ୍ଟାଲ ଧାନ ଦେବାକୁ ଚାଷୀଙ୍କୁ ଟୋକାନ ମିଳିଛି। ଏଯାବତ୍ ମାତ୍ର ୭୨୬୪ କ୍ୱିଣ୍ଟାଲର ଧାନ କିଣାଯିବାର ଟାର୍ଗେଟ୍ ମିଳିଥିବା ବେଳେ ବାକି ୪୦ ହଜାର ୭୩୮ କ୍ୱିଣ୍ଟାଲ ଆବଶ୍ୟକ ଅଛି। ତେଣୁ ଏହି ପରିପ୍ରେକ୍ଷୀରେ ଦିନକୁ ୧୦୦୦ କ୍ୱିଣ୍ଟାଲ ଧାନ କ୍ରୟ ହେଲେ ବାକି ଆଗାମୀ ୧୪ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ଧାନ ଉଠାଣ ସମ୍ଭବ ନୁହେଁ। ତେଣୁ ଟୋକାନର ଅବଧି ମଧ୍ୟ ଶେଷ ହୋଇଯିବ ବୋଲି ସମିତି ସଭାପତି ଜୟଦେବ ଦାସ ଶ୍ରୀ ସାହୁଙ୍କୁ କହିବାରୁ ସେ ଏହାକୁ ଏଡ଼ାଇ ଯାଇଥିଲେ।



# ପରଟାରେ ଶ୍ରୀଜଗନ୍ନାଥ

କାଳିପଦା, ୩।୬ (ସମିସ): ପରଟାରେ ଶ୍ରୀଜଗନ୍ନାଥଙ୍କୁ ଦେଖି ପରିବାର ଲୋକେ ଭାବବିହ୍ୱଳ ହୋଇଉଠିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପ୍ରତିଛବି ଦେଖିବାକୁ ଲୋକଙ୍କ ଗହଳି ହୋଇଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନ ବଣିଆଡିହା ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମର ଯୁବ ସାମ୍ବାଦିକ ସୁବାସ ଦାସଙ୍କ ସ୍ତ୍ରୀ କଳ୍ପନା ଦାସ ରାତିରେ ପରଟା କରୁଥିବା ସମୟରେ ପରଟାରେ ଶ୍ରୀଜଗନ୍ନାଥଙ୍କ ଅବିକଳ ପ୍ରତିଛବି ଦେଖିବାକୁ ପାଇଥିଲେ। ସେ ଭାବବିହ୍ୱଳ ହୋଇ ସ୍ୱାମୀ ସୁବାସ ଓ ପରିବାର ଲୋକଙ୍କୁ ଡାକି ଦେଖାଇ ଥିଲେ। ପରିବାର ଲୋକ ମଧ୍ୟ ଜଗନ୍ନାଥଙ୍କ ପ୍ରତିଛବି ଦେଖି ନିଜ ଆଖିକୁ ବିଶ୍ୱାସ କରିପାରୁନଥିବା ବେଳେ କାଳିଆ ସାଆଁନ୍ତକୁ ଦେଖି ଭାବବିହ୍ୱଳ ହୋଇଉଠିଥିଲେ। ଖବରପାଇ ସ୍ଥାନୀୟ ଲୋକେ ତାଙ୍କ ଘରେ ଭିଡ଼ ଜମାଇଥିଲେ।



# ଇଦ୍ ଉଲ ଜୁହା ପର୍ବ ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ



ବାଲେଶ୍ୱର, ୩।୬(ସମିସ): ଆଗାମୀ ସାତ ତାରିଖ ଠାରୁ ନଅ ତାରିଖ ପର୍ଯ୍ୟନ୍ତ ଇସଲାମ ଧର୍ମାବଲମ୍ବୀମାନେ ଇଦ ଉଲ ଜୁହା ପର୍ବ ପାଳନ କରିବାକୁ ଯାଉଛନ୍ତି। ଏହି ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନ ପରିସରରେ ଶାନ୍ତି କମିଟି ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ପୋରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ଘାଟ ଗୁଡ଼ିକର ମରାମତି, ଆଲୋକ ବ୍ୟବସ୍ଥାର ସୁଦୃଢ଼ୀକରଣ, ସମୟ ମୁତାବକ ଆଖଡ଼ା ସଠିକ ମାର୍ଗରେ ଯିବା, ଦୁଇ ସମ୍ପ୍ରଦାୟ ମଧ୍ୟରେ ସଦଭାବ ଅବ୍ୟାହତ ରଖିବା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଉପସ୍ଥିତ ଥିବା ଶାସକ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୌର ପାଳିକାର ଅଧ୍ୟକ୍ଷା ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ,ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେ ସିର୍କେ, ପ୍ରୋବେସନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭଗତ ସାମଲ କଲ୍ୟାଣ ରାଓ ଆଡିସନାଲ ଏସପି ନିରଞ୍ଜନ ବେହେରା, ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଦାସ ପ୍ରମୁଖ ନିଜର ମତବ୍ୟକ୍ତ କରିଥିଲେ। ଆଡିସନାଲ ଏସପି ଦେବ ଜ୍ୟୋତି ଦାସ ମଞ୍ଚ ପରିଚାଳନା କରିଥିଲେ। ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ନିର୍ଦ୍ଧାରିତ ସମୟରେ ଆଖଡ଼ାସାହି ବସ୍ତିରୁ ବାହାରିବା ଏବଂ ସଠିକ ତଥା ନିର୍ଦ୍ଧାରିତ ସମୟରେ ଦରଘା ମୈଦାନରେ ପହଂଚିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ଆଖଡ଼ା ପ୍ରଦର୍ଶନ ସମୟରେ କେବଳ ଦୁଇଜଣକୁ ବାଡ଼ି ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେବା ସହିତ ଧାର୍ମିକ ପରମ୍ପରା ପାଳନ ବେଳେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ବଜାୟ ରଖିବା ଲାଗି ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ନିବେଦନ କରିଛନ୍ତି।

**● ନୀଳଗିରି ବଉଲଗଡିଆ ରାସ୍ତା ନିର୍ମାଣ ପ୍ରସଙ୍ଗ**

# ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ନୀଳଗିରି, ୩।୬ (ସମିସ): ନୀଳଗିରି ବଉଲଗଡିଆ ରାସ୍ତାର ସମ୍ପ୍ରସାରଣ ଏବଂ ପୁନଃନିର୍ମାଣ କାର୍ଯ୍ୟ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ ସମୟର ଅବଧି ପରିସମାପ୍ତି ହୋଇଯାଇଥଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଠପ ହୋଇ ପଡିଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ଓଡିଶାଙ୍କୁ ଏ ନେଇ ଗତ ମାର୍ଚ୍ଚ ଓ ଏପ୍ରିଲରେ ବାଲେଶ୍ୱର ଡିଭିଜନ ୧ ର ଏସ. ଇ ଏବଂ ସି. ଇଙ୍କୁ ଚିଠିଲେଖି ଉକ୍ତରାସ୍ତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏହାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆ ନ ଯିବା କାରଣରୁ ଜୁନ ୨ ତାରିଖ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ଓଡିଶାଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ର ସମାଧାନ କରିବା ପାଇଁ ଚିଠି ଲେଖିଛନ୍ତି । ୨୦୨୩ ମସିହା ମାର୍ଚ୍ଚମାସ ୧୬ ତାରିଖରେ ୨୮ କୋଟି ୪୧ ଲକ୍ଷ ୫୦ ହଜାର ଟଙ୍କା ଉକ୍ତ ରାସ୍ତାପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ହୋଇ କାର୍ଯ୍ୟାଦେଶ ମିଳିଥିଲା। ଯାହା ୨୦୨୪ ମସିହା ଏପ୍ରିଲ ମାସ ୧୫ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଅବଧି ଥାଇ ମେସର୍ସ ମେକଇନଟସ ବର୍ଣ୍ଣ ଲିଃକୁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା । ମାତ୍ର କୁଳଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନ କଟକଣା ପାଇଁ ବନ ବିଭାଗର ହସ୍ତକ୍ଷେପ ଏବଂ ବିରୋଧ କାରଣରୁ ଉକ୍ତ ସଂସ୍ଥା କାମ ଛାଡି ଚାଲିଯିବା ସହିତ ନିଜର କ୍ଷତିପୂରଣ ପାଇଁ ଅଦାଲତରେ ଆଶ୍ରିତ ହୋଇଛନ୍ତି। ପ୍ରତ୍ୟେହ ଉକ୍ତ ରାସ୍ତାରେ ଦୈନିକ ବଡ଼ ବଡ଼ ଭାରିଯାନ ଯିବାଆସିବା କରିବା ଫଳରେ ରାସ୍ତାର ଅବସ୍ଥା ଅଧିକ ଶୋଚନୀୟ ହୋଇ ପଡିଛି। ଫଳରେ ଉକ୍ତ ରାସ୍ତାଉପରେ ନିର୍ଭର କରି ଯାତାୟାତ କରୁଥିବା ସାଧାରଣ ଲୋକ, ଛୋଟବଡ଼ ଯାନବାହାନ ଏବଂ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ କରିବାପାଇଁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଧୀରେ ଧୀରେ ପର୍ଯ୍ୟଟକ ମୁହଁ ମୋଡୁଥିବାର ଦେଖିବାକୁ ମିଳିଛି । ଫଳରେ ଉକ୍ତ ଶୈବପୀଠ ନିକଟରେ ଛୋଟବଡ଼ ଦୋକାନ କରି ପ୍ରାୟ ୨୦୦ ରୁ ଉର୍ଦ୍ଧ ବ୍ୟବସାୟୀଙ୍କ ପରିବାର ସଙ୍କଟରେ ପଡିଛନ୍ତି । ତେଣୁ ରାଜ୍ୟ ସରକାର ଏବଂ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ତୁରନ୍ତ ସମସ୍ୟାର ସମାଧାନ କରି ପର୍ଯ୍ୟଟନ ଶିଳ୍ପକୁ ପ୍ରାଧାନ୍ୟ ଦେବାକୁ ନୀଳଗିରିର ପୂର୍ବତନ ବିଧାୟକ ଶ୍ରୀ ନାୟକ ଚିଠି ଲେଖିଥିବା ଜଣାପଡିଛି।



**ନାବାଳିକା ବାହାଘର**

# ପରିବାର ଲୋକଙ୍କ ବିରୋଧରେ ଥାନାରେ ଏତଲା ଦେଲେ ସିଡିପିଓ

ବାଲେଶ୍ୱର, ୩।୬ (ସମିସ): ବାଲେଶ୍ୱର ଚାନ୍ଦିପୁର ଥାନା ଅନ୍ତର୍ଗତ ଶ୍ରିକୋଣା ପଞ୍ଚାୟତର ବଣଚକ ଗ୍ରାମରେ ଜଣେ ୧୩ ବର୍ଷୀୟା ନାବାଳିକାର ବାହାଘର କରାଯାଇ ଥିବା ଅଭିଯୋଗରେ ପରିବାର ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇସିଡିଏସ ସୁପରଭାଇଜରଙ୍କ ପକ୍ଷରୁ ସ୍ଥାନୀୟ ଥାନା ପୁଲିସଙ୍କ ସହାୟତା ଲୋଡିଲେ। ଗତ କିଛଦିନ ତଳେ ବଣଚକ ଗ୍ରାମରେ ଏକ ପରିବାରର ନାବାଳିକା ଝିଅକୁ ତାର ଅଭିଭାବକ ଜୋର ଜବରଦସ୍ତ ବାହାଘର କରିଦେବା ପାଇଁ ଉଦ୍ୟମ କରିବାରୁ ନାବାଳିକା ଜଣକ ଘର ଛାଡ଼ି ପଳାଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନାବାଳିକାକୁ ବୁଝାଇସୁଝାଇ ଘରକୁ ଆଣିବା ପରେ ତାର ବାହାଘର କରିଦେଇଥିଲେ। ଏହି ଖବର ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଠାରୁ ପାଇ ଆଇସିଡିଏସ ସୁପରଭାଇଜର ରାଜଶ୍ରୀ ଦାସଙ୍କୁ ନାବାଳିକାର ଅଭିଭାବକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ପାଇଁ ସିଡିପିଓ ନିର୍ଦ୍ଦେଶ ଦେଇଥିଲେ। ସୁପରଭାଇଜର ଦାସ ଆଜି ଚାନ୍ଦିପୁର ଥାନାକୁ ଯାଇ ନାବାଳିକାର ଅଭିଭାବକଙ୍କ ବିରୁଦ୍ଧରେ ଏତଲା ଦେଇଛନ୍ତି।

**● ପୁରୁଣା ବିଲ୍ଡିଂ ଭାଙ୍ଗିବା ବେଳେ ଅଘଟଣ**

# ଛାତ ବିମ୍ ଖସି ବାଲେଶ୍ୱରର ଶ୍ରମିକ ମୃତ, ୨ ଗୁରୁତର

ଭୁବନେଶ୍ୱର, ୩।୬(ସମିସ): ପୋଖରୀପୁଟ ଲିଙ୍ଗରାଜ ବିହାରରେ ଘଟିଛି ଅଘଟଣ। ଶ୍ରମିକମାନେ ପୁରୁଣା ବିଲ୍ଡିଂକୁ ଭାଙ୍ଗିବା ସମୟରେ ଛାତର ବିମ୍ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ବାହାନଗା ଅଞ୍ଚଳର ଧରଣୀଧର ଦତ୍ତ। ଆହତ ଦୁଇ ଜଣ ହେଲେ ଶିଶିର କୁମାର ଦତ୍ତ ଏବଂ ପଶ୍ଚିମବଙ୍ଗ ନଦିଆର ଅବଦୁଲ ନଉଦା। ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏୟାରପୋର୍ଟ ଥାନା ପୁଲିସ ଶବ ଜବତ କରି ବ୍ୟବଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। କିଭଳି ଏହି ଅଘଟଣ ଘଟିଲା। ଶ୍ରମିକମାନଙ୍କୁ କିଏ କାମରେ ଲଗାଇଥିଲା? ସବୁ କିଛି ପଚରାଉଚରା କରୁଛି ପୁଲିସ। ଆହୁରି ମଧ୍ୟ ଉକ୍ତ ବିଲ୍ଡିଂ ଭାଙ୍ଗିବା ପାଇଁ ଦାୟିତ୍ୱ ନେଇଥିଲା ଠିକା ସଂସ୍ଥାକୁ ପଚରାଉଚରା କରୁଛି। ଆହୁରି ମଧ୍ୟ ଏୟାରପୋର୍ଟ ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିବ ବୋଲି ପୁଲିସ କହିଛି।

# ବସ୍ତା ବସ୍‌ଷ୍ଟାଣ୍ଡ ଲୋକାର୍ପିତ




ବସ୍ତା ବ୍ଲକ, ୩।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଅପରାହ୍ନରେ ଭର୍ଚୁଆଲ ମାଧ୍ୟମରେ ରାଜ୍ୟରେ ଅଟଳ ବସ୍‌ଷ୍ଟାଣ୍ଡ ଏବଂ ବସ ଅଟୋମେଟେଡ୍ ଟେଷ୍ଟିଙ୍ଗ ଷ୍ଟେସନ ଗୁଡିକର ଶୁଭ ଉଦଘାଟନ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମାଥାନୀ ଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ବସ ଷ୍ଟାଣ୍ଡ ର ଉଦଘାଟନ ଉତ୍ସବ ପାଳିତ ହୋଇ ହୋଇଛି। ଏ ନେଇ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥି ମାନଙ୍କ ମଧ୍ୟରେ ସାଂସଦ ଶ୍ରୀ ଷଡଙ୍ଗୀ ଙ୍କ ସହିତ ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସଭାପତି ( ଉତ୍ତର) ପ୍ରଦୀପ କୁମାର ପଣ୍ଡା, ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଶିଆ, ଏଡିଏମ ସୁଧାକର ନାୟକ, ଓଆରସିଟିସି ଜିଲ୍ଲା ମ୍ୟାନେଜର ଏଲ. ତିରୁପତି, ଆରଟିଓ ରଶ୍ମି ରଞ୍ଜିତ ଦୋଳବେହେରା, ବିଡ଼ିଓ ମିହିର ରଞ୍ଜନ ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ବସ୍‌ଷ୍ଟାଣ୍ଡ ୩,୭୨,୮୪,୧୦୦ ଟଙ୍କା ବ୍ୟୟରେ ୨.୩ ଏକର ଜାଗାରେ ନିର୍ମିତ ହୋଇଛି। ବସ୍‌ଷ୍ଟାଣ୍ଡରେ ସିକ୍ୟୁରିଟି ରୁମ, ପବ୍ଲିକ ପାର୍କିଂ, ଡ୍ରାଇଭର ରେଷ୍ଟ ରୁମ, ୱାସିଂ ପ୍ଲାଟଫର୍ମ, ଆଇଡିଏଲ ପାର୍କିଙ୍ଗ, ପେଭର ବ୍ଲକ ସହିତ ମାର୍କେଟ ବିଲଡିଂ ର ବ୍ୟବସ୍ଥା ରହିଥିବା କୁହାଯାଇଛି।

# ସୋର ଅବକାରୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସୋର, ୩।୬ (ସମିସ): ସୋର ଆଦର୍ଶ ଅବକାରୀ ଥାନାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଭାରପ୍ରାପ୍ତ ଅବକାରୀ ଅଧିକ୍ଷକ ତଥା ଅବକାରୀ ଡେପୁଟି କମିଶନର ମନୋଜ କୁମାର ସେଠୀ ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କୁ ମାନପତ୍ର ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସିକ୍ସ କେଶବ ଚନ୍ଦ୍ର ଦାସ, ସଦର ଆଇଆଇସି ଦୀପ୍ତିମୟୀ ସାହୁ, ଜିଲ୍ଲା ଭ୍ରାମ୍ୟମାଣ ଆଇଆଇସି ହରିହର ସିଂଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଶ୍ରୀ ସ୍ୱାଇଁ ଜାନୁୟାରୀ ୨୦୨୩ ମସିହାରେ ସୋର ଆଦର୍ଶ ଅବକାରୀ ଥାନାରେ ଯୋଗଦେଇ ସଫଳତାର ସହିତ କାର୍ଯ୍ୟକରି ମେ ୩୧ ତାରିଖରେ କାର୍ଯ୍ୟରୁ ଅବ୍ୟାହତି ନେଇଛନ୍ତି। ଅନୁରୂପ ଭାବେ ସୋର ଆଦର୍ଶ ଅବକାରୀ ଥାନାର କର୍ମଚାରୀ ମାନେ ଶ୍ରୀ ସ୍ୱାଇଁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶ୍ରୀ ସ୍ୱାଇଁଙ୍କ ପରେ ତାଙ୍କ ସ୍ଥାନରେ ଖଇରା ଅବକାରୀ ଅଧିକାରୀ ସୁରଜ କୁମାର ଟିଗାଙ୍କୁ ନିଯୁକ୍ତି ମିଳିଛି।

# ସୁବୁଦ୍ଧେଶ୍ୱର ମହାଦେବଙ୍କ ଚଡ଼କ ପର୍ବ ଉଦ୍‌ଯାପିତ

ଭୋଗରାଇ, ୩।୬ (ସମିସ)

ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ପାଲୁସିଆ ଗ୍ରାମରେ ବିରାଜିତ ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ପବିତ୍ର ଚଡ଼କ ପର୍ବ ଉଦ୍‌ଯାପିତ ହୋଇଯାଇଛି। ଗତ ଇଂରାଜୀ ମଇ ମାସ ୨୦ ତାରିଖ ଠାରୁ ୧୩ ଅର୍ଘ୍ୟ ଉପବିତ ଧାରଣ ଆରମ୍ଭ ହୋଇ ଗତ ଶନିବାର ନୀଳପର୍ବ ଓ କାମିନା ବିବାହ ଅନୁଷ୍ଠିତ ହୋଇଥିଲା ବେଳେ ଗତ ରବିବାର ଅନ୍ତିମ ପାଟ ପର୍ବ ସମ୍ପନ୍ନ ହୋଇଥିଲା। ଏହି ଚଡକ ପର୍ବରେ ଶହେରୁ ଅଧିକ ଉପବୀତଧାରୀ ଭକ୍ତ ଦୀର୍ଘ ୧୧ ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳିକୁ ଖାତିର ନ କରି ଉପବାସରେ ରହି ରାତିରେ ଅର୍ଘ୍ୟଦାନ ପରେ ହବିଷାନ୍ନ ଭୋଜନ କରିଥିଲେ। ମନ୍ଦିର ଦାତା ଗୋପୀନାପୁର ଗ୍ରାମନିବାସୀ ଶୁଭ୍ରା ରାଣୀ ପ୍ରଧାନ ସମସ୍ତ ଉପବିତ ଧାରୀ ମାନଙ୍କ ପାଇଁ ୧୩ ଦିନ ଧରି ପ୍ରସାଦ ସେବନ କରାଇବାର ବ୍ୟବସ୍ଥା କରିବା ସହ ଏହି ପର୍ବରେ ମୁଖ୍ୟ ଦାୟିତ୍ୱ ତୁଲାଇ ଥିଲେ। ରବିବାର ଏହି ଚଡ଼କ ପର୍ବର ଉଦଯାପନୀ ଉତ୍ସବ ଭାବେ ପବିତ୍ର ପାଟ ପର୍ବ ଯଥାରୀତି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜୟନ୍ତ ମହାପାତ୍ର ରୀତିନୀତି ଅନୁଯାୟୀ ବିଭିନ୍ନ ସେବାବିଧି କରିଥିଲା ବେଳେ ପାଟଭକ୍ତ ପ୍ରବୋଧ କୁମାର ମହାନ୍ତି,ଶ୍ରୀବେକଡି ଜୟନ୍ତ କୁମାର ମହାନ୍ତି, ମୁଖ୍ୟ ଦେଉଳିଆ ଭକ୍ତ ରବୀନ୍ଦ୍ର ସାମଲଙ୍କ ସହିତ ଅନ୍ୟ ୧୦ ଜଣ ଦେଉଳିଆ ସେବାୟତଙ୍କ ନେତୃତ୍ୱରେ ହାକାଣ୍ଡ ପୋଖରୀରେ ପୂଜାର୍ଚ୍ଚନା କରାଯିବା ପରେ ସେଠାରୁ ମହାଦେବ ଓ ପାର୍ବତୀଙ୍କ ଚଳନ୍ତି ଘଟ ଦଶଲକ୍ଷ୍ମୀକୁ ମୁଣ୍ଡରେ ଧାରଣ କରି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନ୍ଦିରକୁ ନେଇଥିଲେ। ପାରମ୍ପରିକ ବାଦ୍ୟ,ବିଭିନ୍ନ ବାଦ୍ୟଯନ୍ତ୍ର,ଶିବ ପିର୍ବତୀ ଓ ବିଭିନ୍ନ ଜୀବଜନ୍ତୁ ବେଶରେ ସଜେଇ ହୋଇ ଭକ୍ତ ମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ମନୋରମ ପରିବେଶରେ ୧୦ରୁ ଅଧିକ ଭକ୍ତ ମାନସିକ ପୂରଣ ପାଇଁ ନିଜ ଶରୀରରେ କଣ୍ଟା ଫୋଡି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ମୁଖ୍ୟ ଯତୀନ୍ଦ୍ର ମହାନ୍ତିଙ୍କ ପରାମର୍ଶ କ୍ରମେ କମିଟିର ସଭାପତି ପ୍ରଦୀପ କୁମାର ପରିଡା ସମସ୍ତଙ୍କୁ ନେଇ ଏହି ମହାନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ଥିଲେ। ଗୋପୀନାଥପୁର ସରପଞ୍ଚ ରାଜୀବ ଘୋଷ, ରଘୁନାଥ ମହାନ୍ତି, ଅମଳେନ୍ଦୁ ଦାସ, ଜୟନ୍ତ ସାମଲ, ପୂର୍ବତନ ଶିକ୍ଷକ ତ୍ରିଲୋଚନ ଜେନା, ଅନିରୁଦ୍ଧ ପରିଡା, ଅନନ୍ତ ମହାନ୍ତି, ରାଜୀବ ମହାନ୍ତି, ସତ୍ୟନାରାୟଣ ସାମାଲ, ଲକ୍ଷ୍ମୀଧର ସାମଲ, ଅନନ୍ତ ସାମଲ, ଅରୁଣ ଜେନା, ଦେବାଶିଷ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ଜୟକୃଷ୍ଣ ଘୋଷ, ହରେକୃଷ୍ଣ ଘୋଷ, ପରେଶ ଘୋଷ, ପ୍ରଦୀପ ମହାପାତ୍ରଙ୍କ ସହ କମିଟିର ସମସ୍ତ ସଦସ୍ୟ /ସଦସ୍ୟାଙ୍କ ସାହାଯ୍ୟ ସହଯୋଗରେ ଅନୁଷ୍ଠାନକୁ ସରସ ସୁନ୍ଦର କରାଇବାରେ ସହାୟକ ହୋଇଥିଲେ।





# ଖାଲି ହୋଇଯିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ବାଲେଶ୍ୱର, ୩।୬ (ସମିସ)



- ୭ରେ ମେଡିକାଲ କଲେଜକୁ ଉଠିଯିବ ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ
- ୧୧ ପୂର୍ବରୁ ସମସ୍ତ ବିଭାଗ ସ୍ଥାନାନ୍ତର ନିଷ୍ପତ୍ତି

ସାମାନ୍ୟ ପ୍ଲାଷ୍ଟରଠୁ ଆରମ୍ଭ କରି ଅଲଟ୍ରାସାଉଣ୍ଡ, ଏକ୍ସରେ ଏବଂ ଡ୍ରେସିଂ ପାଇଁ ହଇରାଣ ହେଉଛନ୍ତି ଲୋକେ। ସବୁ ମେଡିକାଲ କଲେଜରେ ହେଉଛି। ଅନ୍ୟପଟେ ମେଡିକାଲ କଲେଜରେ ରୋଗୀ ରହିଲେ ରକ୍ତ ଦେବାକୁ, ପୋଷ୍ଟମର୍ଟମ, ସ୍କାନ୍ ପାଇଁ ଆସିବେ ଏଠାକୁ ଆସିବାକୁ ପଡୁଛି। ଲୋକ ସହରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଅନେକ ନିର୍ଭରଶୀଳ ଅଛନ୍ତି। ମାତ୍ର ବର୍ତ୍ତମାନ ଏହା ଅଚଳାବସ୍ଥା ହେବାକୁ ବସିଲାଣି। କାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ଧୀରେ ଧୀରେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର ହେବାରେ ଲାଗିଛି। ଉଦଘାଟନ ସମୟରେ ଯାହା ଯେମିତି ବିଭାଗ ସ୍ଥାନାନ୍ତର ହୋଇଥିଲା। ବାକି ସମସ୍ତ ବିଭାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲୁ ରହିଥିଲା। ମାତ୍ର ଏବେ ଗୋଟିଏ ପରେ ଗୋଟିଏ ବିଭାଗ ରେମୁଣା କ୍ୟାମ୍ପସକୁ ଚାଲିଗଲାଣି। ଆସନ୍ତା ୭ରେ ବାକି ଥିବା ଆଉ ଦୁଇଟି ଯଥା ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ ଉଠିଯିବ ବୋଲି ସୂଚନା ମିଳିଛି। ଏବେ ବିଭାଗ ସହ ପଦ ପଦବୀ ବି ଖାଲି ହୋଇଯିବ। କେମିତି ଚାଲିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେ ନେଇ ଚିନ୍ତାରେ କର୍ତ୍ତୃପକ୍ଷ। ଏ ବାବଦରେ ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କିଛି ଦିନ ତଳେ ଚକ୍ଷୁ ବିଭାଗ ସହ ଇଏନଟି ବିଭାଗ ରେମୁଣା ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର ହୋଇସାରିଛି। ଫଳରେ ବହୁ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସି ନିରାଶ ହେଉଥିବା ଦେଖିବାକୁ ମିଳୁଛି। ଆସନ୍ତା ୧୧ ତାରିଖ ପୂର୍ବରୁ ସମସ୍ତ ବିଭାଗ ରେମୁଣା ସ୍ଥାନାନ୍ତର ହେବା ନେଇ ନିଷ୍ପତ୍ତି ହୋଇଛି। ସେଥିପାଇଁ ଆସନ୍ତା ୭ରେ ପେଡିଆଟ୍ରିକ ଓ ଗାଇନିକ୍ ବିଭାଗ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି। ଏହାପରେ ଖାଲି ହୋଇଯିବ ମୁଖ୍ୟ ଚିକିତ୍ସାଳୟ ପରିସର। ଏବେଠୁ ଖାଁ ଖାଁ ହେବାକୁ ଲାଗିଲାଣି। ତେବେ ହଠାତ୍ ଏପରି ବିନା ସୂଚନାରେ ସମସ୍ତ ବିଭାଗ ସ୍ଥାନାନ୍ତର ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବାବଦରେ ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ କହିଛନ୍ତି, ସବୁ ବିଭାଗ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ୟାମ୍ପସକୁ ଉଠିଯିବା ପରେ କେମିତି ସୂଚାରୁରୂପେ ଚାଲିବ ସେ ନେଇ ଚେଷ୍ଟା ଚାଲିଛି। ବିଭିନ୍ନ ବିଭାଗରୁ ଡାକ୍ତର, ନର୍ସ ଏବଂ କର୍ମଚାରୀ ହଠାତ୍ ଅଭାବ ହୋଇଛି। ଫଳରେ ଅସୁବିଧା ହେଉଛି। ତେଣୁ ଆମେ ଯୋଜନା କରି ହସ୍ପିଟାଲ୍ ଚଲାଇବୁ। ଡ୍ୟୁଟି ସମୟ ଅଲଗା ରଖିବୁ କ'ଣ ଆଲୋଚନା କରିବୁ। ବର୍ତ୍ତମାନ ଦୁଇଟି ବିଭାଗ ଯଥା ପେଡିଆଟ୍ରିକ ଏବଂ ଗାଇନିକ ବିଭାଗ ରେମୁଣାକୁ ଉଠିନାହିଁ। ତାହା ପ୍ରାୟତଃ ୭ ତାରିଖ ଉଠିଯିବ ବୋଲି କୁହାଯାଉଛି। ତାହା ଉଠିବା ପରେ ଆମେ ନିଷ୍ପତ୍ତି ନେଇ ଆଗକୁ କାମ କରିବୁ। କାରଣ ବିଭାଗ ଉଠିଗଲେ ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ ପ୍ରମୁଖ ଖାଲି ହୋଇଯିବେ। ଫଳରେ ଆମକୁ ପରିଚାଳନା କରିବାରେ ଟିକେ ସମସ୍ୟା ହେବ। କିନ୍ତୁ ଆମେ ଚେଷ୍ଟା କରିବୁ।

## ଚାରିସୂତ୍ରୀ ବିଶିଷ୍ଟ ବାର୍ଷିକ ଅଭିଯାନ ନିମନ୍ତେ ବୈଠକ



ବାଲେଶ୍ୱର, ୩।୬ (ସମିସ): 'ଆମ ସଂକଳ୍ପ-ନିଶା ନୁହେଁ, ଜୀବନ' ଏକ ଚାରି ସୂତ୍ରୀ ଅଭିଯାନ ନିମନ୍ତେ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱକାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନରେ ୩୧ମଇଠାରୁ ଓଡ଼ିଶାକୁ ମାଦକ ଦ୍ରବ୍ୟର ବ୍ୟବହାର, ଗଞ୍ଜେଇ, ଅଫିମ, ଚରସ୍, ବ୍ରାଉନ ସୁଗର ଓ କୋକେନ୍ ଭଳି ଘାତକ ଦ୍ରବ୍ୟ ଆଦିର ଅପବ୍ୟବହାର କବଳରୁ ମୁକ୍ତି ପାଇଁ ଚାରି ସୂତ୍ରୀ ବା ପର୍ଯ୍ୟାୟ ବିଶିଷ୍ଟ ବାର୍ଷିକ ଅଭିଯାନ ଆରମ୍ଭ ହୋଇଛି। ଯେଉଁଥିରେ ଅବକାରୀ ବିଭାଗ ଚିଠି ସଂଖ୍ୟା ୩୧୬୬ ଅନୁସାରେ ଅନେକ ପଦକ୍ଷେପ ଲାଗି ନିଷ୍ପତ୍ତି ନିଆଯାଇଛି। ବିକେଏସଏସ, ଜେଡକେ ଏସଏସ ଓ ଏନକେଏସଏସ ତାଲିକାଭୁକ୍ତ କଳାକାରଙ୍କ ଦ୍ୱାରା ପାଲା, ଦାସ କାଠିଆ ଆଦି ଜରିଆରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ, ଏସଏଚଜି ଡିଏସଡବ୍ଲୁଙ୍କୁ ସଚେତନତା ମୂଳକ କାର୍ଯ୍ୟକ୍ରମ, ଏସିଏଫଙ୍କୁ ବୃକ୍ଷରୋପଣ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ମାରାଥନ ଓ ଯୋଗ ଶିବିର ଆୟୋଜନ ନିମନ୍ତେ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଶେଷରେ ନୋଡାଲ ଅଧିକାରୀ ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କୁ କାର୍ଯ୍ୟ ସମ୍ପାଦନ କରିବାକୁ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ଜିଲ୍ଲା ଶିକ୍ଷା ବଞ୍ଚାଅ ଚାପ୍ଟର ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ବାଲେଶ୍ୱର, ୩।୬ (ସମିସ): ସମ୍ପ୍ରତି ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ରେଶନାଲାଇଜେସନ ନୀତି ଲାଗୁ କରି ଅଧ୍ୟାପକ, ପ୍ରାଧ୍ୟାପକ, ସହକାରୀ ପ୍ରଫେସର, ପ୍ରଫେସର ସହିତ ଶିକ୍ଷା କର୍ମଚାରୀ ସଂଖ୍ୟା କମାଇବା ଏବଂ ବହୁ କୋର୍ସ ଉଚ୍ଛେଦ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଭିତ୍ତିରେ ଉଦ୍ୟମ କରୁଛନ୍ତି। ସେଥିପାଇଁ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ୨୨୨୫୯ ମାଧ୍ୟମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କଠାରୁ ମତାମତ ମାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସାରା ଭାରତ ଶିକ୍ଷା ବଞ୍ଚାଓ କମିଟିର ନିଷ୍ପତ୍ତି ଅନୁସାରେରାଜ୍ୟରସମସ୍ତବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କୁ ରେଶନାଲାଇଜେସନ ବିରୁଦ୍ଧରେ ମତାମତ ଦେବାକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଆଜି ବାଲେଶ୍ୱର ଜିଲ୍ଲା ଶିକ୍ଷା ବଞ୍ଚାଓ ଚାପ୍ଟର ତରଫରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପ୍ରଦାନ କରାଯାଇଛି। କୁଳପତି ଅନୁପସ୍ଥିତ ଥିବାରୁ ତାଙ୍କର ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରାଯାଇ କୁଳପତିଙ୍କୁ ସ୍ମାରକ ପତ୍ର ସମ୍ପର୍କରେ ଫୋନରେ ଅବଗତ କରାଯାଇଥିଲା। ସ୍ମାରକ ପତ୍ରରେ ଉଦବେଗ ପ୍ରକାଶ କରି କୁହାଯାଇଛି ଯେ, ସ୍କୁଲ ସ୍ତରରେ ରେଶନାଲାଇଜେସନ ଲାଗୁ କରି ରାଜ୍ୟରେ ପ୍ରାୟ ୧୪ ହଜାରରୁ ପ୍ରାଥମିକ ସ୍କୁଲଗୁଡ଼ିକୁ କ୍ଲୋଜର ଓ ମର୍ଜର ନୀତିରେ ବନ୍ଦ କରିଦେଲେ। ଗୋଟିଏ ପଟରେ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟରେ ଲକ୍ଷ ଲକ୍ଷ ଶିକ୍ଷକ ଅଣ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ରାସଲାନାଇଜେସନ ଦ୍ୱାରା ଆହୁରି ପଦ ଉଚ୍ଛେଦ ହେବ। ଏହି ପଲିସି ଲାଗୁ କରି ସ୍କୁଲ ବନ୍ଦ ଓ ମିଶ୍ରଣ ଭଳି ବହୁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ବନ୍ଦ ହେବ ଏଥିରେ ସନ୍ଦେହ କରିବାର କିଛି ନାହିଁ। ତେଣୁ ଏଭଳି ଶିକ୍ଷା ମାରଣ ନୀତିକୁ ବିରୋଧ କରିବା ଉଚିତ ବୋଲି ଶିକ୍ଷା ବଞ୍ଚାଓ କମିଟିର କର୍ମକର୍ତ୍ତା କହିଛନ୍ତି। ଶିକ୍ଷା ବଞ୍ଚାଓ କମିଟିର ରାଜ୍ୟ କମିଟି ସଦସ୍ୟ କ୍ରିଷ୍ଣାରାଣୀ ସାହୁ ଓ ଭୋଳାନାଥ ବେହେରା, ବିଷ୍ଣୁପଦ ଦାସ, ନୃସିଂ ଚରଣ ନାୟକ, ଶିବ ଶଙ୍କର ମଲ୍ଲିକ, ପ୍ରଶାନ୍ତ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲେଶ୍ୱର, ୩।୬(ସମିସ): ସହରସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ୮ରୁ ୧୬ ବର୍ଷର ଶିକ୍ଷାର୍ଥୀମାନଙ୍କୁ ଗତ ଜୁନ ୧ ତାରିଖରେ ଖୋ ଖୋ, ବ୍ୟାଡମିଣ୍ଟନ ଏବଂ ଟେବୁଲ୍ ଟେନିସ ଖେଳାଳିଙ୍କ ପ୍ରଶିକ୍ଷଣ ଶେଷ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ନାୟକ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଜୀବନର ଉଜ୍ଜ୍ୱଳ କାମନା କରିବା ସହିତ କ୍ରୀଡାକୁ ପାଥେୟ କରି ନିଜ ନିଜର ପ୍ରତିଭା, ଦକ୍ଷତା ବଳରେ ନିଜ ଅଞ୍ଚଳ, ଜିଲ୍ଲା, ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିବା ପାଇଁ ଉତ୍ସାହିତ ଏବଂ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଏବଂ କାର୍ଯ୍ୟକାରୀ ସଭାପତି, ଟେବୁଲ୍ ଟେନିସ ସମ୍ପାଦକ ଏବଂ ଟିପିଏନଓଡିଏଲର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, ୧୭୦ଜଣ ଶିକ୍ଷାର୍ଥୀ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଏହି ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିତ ସମସ୍ତ ଶିକ୍ଷାର୍ଥୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବାଲ୍ମିକୀ ମୁନି ସମାଜ ପକ୍ଷରୁ ଦାବିପତ୍ର

ବାଲେଶ୍ୱର,୩।୬(ସମିସ): ବିଭିନ୍ନ ଦାବି ନେଇ ବାଲ୍ମିକୀ ମୁନୀ ସମାଜ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାରଗାଁ, ଗରଡା, ଖେରଣା, ଦଳଶୁସା ଓ ଶୁସା ଗ୍ରାମର ସମସ୍ତ ଗ୍ରାମବାସୀ ଆଜକୁ ୫୦ବର୍ଷରୁ ଅଧିକ ହେବ ସାରଗାଁ ଗ୍ରାମର ବିଷେଇ ପଦା ନିକଟରେ ବାର୍ଷିକ ମୁନି ମେଳା ଅନୁଷ୍ଠିତ ହୋଇ ଆସୁଛି। ମାତ୍ର ମୁନି ଠାକୁରଙ୍କ ନାମରେ ଗରଡା ମୌଜାରେ ୧୨ଡେସିମିଲ ଜମି ଶ୍ରୀ ବାଲ୍ମିକୀ ମୁନୀ ବିଜେ ସାରଗାଁ ମାର୍ଫତ ରେକର୍ଡ ରହିଛି। ଉକ୍ତ ସମ୍ପତ୍ତିରୁ ଯାହା ଶସ୍ୟ ଉତ୍ପାଦନ ହୁଏ ତାହା ବାର୍ଷିକ ମୁନି କମିଟିକୁ ନିଆଯାଇ ମୁନି ମେଳାର ବାର୍ଷିକ ଉତ୍ସବରେ ଖର୍ଚ୍ଚ କରାଯାଏ। ବର୍ତ୍ତମାନ ଉକ୍ତ ସମ୍ପତିକୁ ସେମାନଙ୍କର ବଂଶଜମାନେ ମୁନି କମିଟିର ସଦସ୍ୟମାନଙ୍କୁ ନ ଜଣାଇ ଜବରଦସ୍ତ ରାସ୍ତା ପକାଇ ବିକ୍ରି କରିବାକୁ ଚାହୁଁଛନ୍ତି। ଏଣୁ ଉକ୍ତ ଠାକୁର ସମ୍ପତ୍ତିକୁ ରକ୍ଷଣା ବେକ୍ଷଣା କରିବା ସଙ୍ଗେ ସଙ୍ଗେ ସେଇ ଜାଗା ଉପରେ ପଡିଥିବା ବେଆଇନ ରାସ୍ତାକୁ ବନ୍ଦ କରାଯାଇ ଠାକୁର ସମ୍ପତ୍ତିକୁ ରକ୍ଷଣା ବେକ୍ଷଣା କରାଗଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଗ୍ରାମର ଦିବକାର ସ, ଗଣେଶ ଚନ୍ଦ୍ର ଦାସ, ଗୋବର୍ଦ୍ଧନ ଦାସ ଦାବି କରିଛନ୍ତି।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ

# ପାସ୍ ହାର ୮୨.୧ ପ୍ରତିଶତ, ସୁଜଳ ଶୁଭ୍ରଜିତ୍ ଶ୍ରେଷ୍ଠ ସ୍ନାତକ



ବାଲେଶ୍ୱର, ୩।୬ (ସମିସ): ଚଳିତବର୍ଷ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ଏବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ସମୁଦାୟ ୧୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୧୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଅନର୍ସ ଡିଷ୍ଟିଂସନ୍ ସହିତ ପ୍ରଥମ ଶ୍ରେଣୀରେ ୪୮୦ ଜଣ, କେବଳ ପ୍ରଥମ ଶ୍ରେଣୀରେ ୨୨୭ ଜଣ, ଅନର୍ସ ଡିଷ୍ଟିଂସନ୍ ସହିତ ଦ୍ୱିତୀୟ ଶ୍ରେଣୀରେ ୧୫ଜଣ, କେବଳ ଦ୍ୱିତୀୟ ଶ୍ରେଣୀରେ ୧୯୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୁଦାୟ ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୮୨.୧ ରହିଛି। ସେହିପରି କଳା ବିଭାଗରେ ପାସ୍ ହାର ୮୦.୪% ହୋଇଥିଲା ବେଳେ ବିଜ୍ଞାନ ବିଭାଗରେ ପାସ୍ ହାର ୮୮.୩% ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୮୦.୩ % ହୋଇଛି। ଭୂତତ୍ତ୍ୱ ବିଭାଗର ଛାତ୍ର ସୁଜଳ ଶୁଭ୍ରଜିତ୍ ଶ୍ରେଷ୍ଠ ସ୍ନାତକ ଭାବରେ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତି ବିଭାଗରେ ସ୍ମୃତି ଦାସ, ଶିକ୍ଷା ବିଭାଗରେ ଚର୍ଚ୍ଚିତା ବେହେରା, ଇଂରାଜୀ ବିଭାଗରେ ସ୍ୱାଗତିକା ରଥ, ଇତିହାସ ବିଭାଗରେ ପ୍ରଦୀପ ଭୋଇ, ଓଡ଼ିଆ ବିଭାଗରେ ସରସ୍ୱତୀ ପଲ୍ଲାଇ, ଦର୍ଶନ ବିଭାଗରେ କାହ୍ନ ତ୍ରିପାଠୀ, ସଂସ୍କୃତରେ ଆୟୁଷୀ ପରିଡ଼ା, ରାଜନୀତି ବିଜ୍ଞାନ ବିଭାଗରେ ଶ୍ରୁତିପ୍ରଜ୍ଞା ମଲ୍ଲିକ, ହିନ୍ଦୀ ବିଭାଗରେ କାବେରୀ କବି, ମନସ୍ତତ୍ତ୍ୱ ବିଭାଗରେ ମାହେଶ୍ୱରୀ ଦାସ, ସମାଜତତ୍ତ୍ୱ ବିଭାଗରେ ଦେବୀସ୍ମିତା ଦାସ, ଉର୍ଦ୍ଦୁ ବିଭାଗରେ ଅନିସା ଫାତେମା, ନୃତତ୍ତ୍ୱ ବିଭାଗରେ ପ୍ରଜ୍ଞା ପାରମିତା ଦାଶ ଏବଂ ଭୂଗୋଳ ବିଭାଗରେ ସୁଲଗ୍ନା ପାଣିଗ୍ରାହୀ ସ୍ନାତକ କଳା ଅନ୍ତର୍ଗତ ଉପଯୁକ୍ତ ବିଭିନ୍ନ ବିଷୟର ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନରେ ବିଶ୍ୱଜିତ ଷେଣ୍ଢ, ରସାୟନ ବିଜ୍ଞାନରେ ପ୍ରଣୟସୌରଭ ଘୋଷ, କମ୍ପ୍ୟୁଟର ବିଜ୍ଞାନରେ ବିଘ୍ନେଶ ଦାସ, ଗଣିତରେ ଶୁଭଶ୍ରୀ ପଣ୍ଡା, ପଦାର୍ଥ ବିଜ୍ଞାନରେ ସୌମ୍ୟା ଶୁଭଦର୍ଶିନୀ ସାହୁ, ପ୍ରାଣୀ ବିଜ୍ଞାନରେ ତନ୍ମୟ କର ଏବଂ ଭୂତତ୍ତ୍ୱ ବିଜ୍ଞାନରେ ସୁଜଳ ଶୁଭ୍ରଜିତ ସ୍ନାତକ ବିଜ୍ଞାନ ଅନ୍ତର୍ଗତ ଉପଯୁକ୍ତ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଛନ୍ତି। ସେହିପରି ସ୍ନାତକ ବାଣିଜ୍ୟ ଅନର୍ସ ପରୀକ୍ଷାରେ ଦର୍ଶନ ମହାନ୍ତି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବି.ବି.ଏ. ବିଭାଗରେ ସମୁଦାୟ ୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୩୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି ଓ ଛାତ୍ରୀ ଆକାଂକ୍ଷା ପ୍ରଧାନ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଇଣ୍ଟିଗ୍ରେଟେଡ୍ ବି.ଏଡ. କଳା ଓ ବିଜ୍ଞାନ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହୋଇଛି। ଏବର୍ଷ କଳା ଓ ବିଜ୍ଞାନରେ ସମୁଦାୟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ତନ୍ମଧ୍ୟରୁ ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୮୪.୮ ରହିଛି। ସ୍ନାତକ କଳା ଭାଷା ବିଭାଗ ଅନ୍ତର୍ଗତ ଅନର୍ସ ପରୀକ୍ଷାରେ ଓଡ଼ିଆ ବିଭାଗର ସାବିତ୍ରୀ ଗିରି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିଲା ବେଳେ ସାମାଜିକ ବିଜ୍ଞାନ ଅନ୍ତର୍ଗତ ଭୂଗୋଳ ବିଭାଗର ଜ୍ୟୋତିର୍ମୟୀ ନନ୍ଦି ଏବଂ ଜୈବିକ ବିଜ୍ଞାନ ଅନ୍ତର୍ଗତ ପ୍ରାଣୀ ବିଜ୍ଞାନ ବିଭାଗର ଶ୍ରଦ୍ଧା ସୁମନ ଗାଁଣ ଏବଂ ଭୌତିକ ବିଜ୍ଞାନ ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗର ଅନ୍ୱେଷା ବର୍ଦ୍ଧନ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସୂଚନା ଦେଇଛନ୍ତି।

## ବୋଇତବାଙ୍କରେ ସ୍ୱାସ୍ଥ୍ୟସେବା ଶିବିର



ବାଲେଶ୍ୱର, ୩।୬ (ସମିସ): ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଅନ୍ତର୍ଗତ ବୋଇତବାଙ୍କଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଇମାମି ପେପର ମିଲ୍ସ ଓ ଉତ୍କଳମଣି ଯୁବକ ସଂଘ ସହାୟତାରେ ଏହି ଶିବିରରେ ଡା. ଜିତେନ୍ଦ୍ର ମହାରଣା ଓ ଡା. ପ୍ରଦୀପ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ବର୍ଗର ୧୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ। ରୋଗୀମାନଙ୍କ ବ୍ଲଡପ୍ରେସର, ଏକ୍‌ଜିମା, ଡାଇବେଟିକ୍, ସ୍ତ୍ରୀରୋଗ, ବାତରୋଗ, ଅସ୍ଥିରୋଗ, ଶ୍ୱାସ ରୋଗ ପ୍ରଭୃତିର ଚିକିତ୍ସା କରାଯିବା ସହ ଔଷଧ ଦିଆଯାଇଥିଲା। ଯୁବକ ସଂଘର ସଭାପତି ଚିରଞ୍ଜିବୀ ପାଣିଗ୍ରାହୀ, ତପନ କମିଲା, ମୃତ୍ୟୁଞ୍ଜୟ ପଣ୍ଡା, ଆନନ୍ଦସାଇ ରଥ, ସୁମନ ସିଂ ଓ ବିବେକାନନ୍ଦ ମହାଳିକ ପ୍ରମୁଖ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ



ବାଲେଶ୍ୱର, ୩।୬(ସମିସ): ସାହିତ୍ୟିକମାନେ ସମାଜରେ ଅଘଟଣ, ଅସଙ୍ଗତି ଦୂର କରିପାରିବେ। ଉତ୍କୃଷ୍ଟ ଲେଖା ଲେଖିବା ନେଇ ଲେଖକମାନେ ସଚେତନ ହେବା ଆବଶ୍ୟକ। 'ଅପରାହ୍ନ' ପକ୍ଷରୁ ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନରେ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭର ଦ୍ୱିତୀୟ ଦିବସରେ ଉଦ୍‌ଘାଟକ ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ କିଶୋର ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ଏଭଳି ସାରସ୍ୱତ ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ, କବି ଅଭୟ ଦାସ, କବି ରଞ୍ଜନ ବାଗ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବିତା ପାଠ, ପୁସ୍ତକ ଉନ୍ମୋଚନ, ସମ୍ମାନ ପ୍ରଦାନ କରାଯାଇଥିଲା।


## ବାଲେଶ୍ୱରରେ ପାରଦ ଉପର ମୁହାଁ

# ଦିନ ୧୧ଟାରୁ ସହର ରାସ୍ତାଘାଟ ଶୂନ୍‌ଶାନ

ବାଲେଶ୍ୱର, ୩।୬ (ସମିସ)




ବାଲେଶ୍ୱରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ବାଲେଶ୍ୱର ସବୁଠାରୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ସକାଳ ୮ଟା ୩୦ରେ ୩୪.୮ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଅପରାହ୍ନ ୫ଟା ସୁଦ୍ଧା ୩୯.୦୫ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା। ଦିନ ୧୧ଟା ପରଠୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ୨୦୨୪ମସିହାରେ ଜିଲ୍ଲାରେ ଏପ୍ରିଲ ୩୦ତାରିଖରେ ସର୍ବାଧିକ ୪୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ୨୦୨୩ ଏପ୍ରିଲ ୨୦ରେ ୪୧.୧ଡିଗ୍ରୀ, ୨୦୨୨ମସିହା ମେ ମାସରେ ୪୦.୪ ଡିଗ୍ରୀ ଏବଂ ୨୦୨୧ମସିହା ମାର୍ଚ୍ଚ ମାସ ୩୧ତାରିଖରେ ୪୩ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା ବୋଲି ପାଣିପାଗ ବିଭାଗର ବାଲେଶ୍ୱର ଅଧିକାରୀ ମୋହନ ଦାସ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଏହି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇ ୪୦ରୁ ୪୧ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହେବାର ସମ୍ଭାବନା ରହିଛି । ଖରା ତାତି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକେ ପଦାକୁ କମ୍ ବାହାରୁଛନ୍ତି। ଏହି ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତିମାନ କରାଯାଉଛି। ଅଂଶୁଘାତ ରୋକିବା ପାଇଁ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ସହ ଖରାକୁ ଅଧିକ ନ ବାହାରିବା ପାଇଁ ପରାମର୍ଶ ମଧ୍ୟ ଦିଆଯାଉଛି। ଏହାଛଡା କୌଣସି ସ୍ଥାନରୁ ଅଂଶୁଘାତର ସୂଚନା ମିଳିଲେ ତୁରନ୍ତ ସେମାନଙ୍କୁ ଚିକିତ୍ସା କରାଯିବା ନେଇ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନା କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲାସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି।



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଡାମ ସ୍ମିଥ୍

ସକାଳ
THE SAKALA

# ସଇତାନର ବେଦପାଠ

ଯିଏ ବିଭେଦ ଓ ବିଦ୍ୱେଷର ମଞ୍ଜି ବୁଣୁଛି ସେ ଯଦି ସମାଧାନର ମଞ୍ଚ ଗଠନ କରି ଶାନ୍ତିର ବାର୍ତ୍ତା ଦିଏ ତେବେ ତାହା ଆମ ଲୋକକଥାରେ ପ୍ରଚଳିତ ସଇତାନର ବେଦ ପାଠ ଭଳି। ଏବେ ଚୀନ୍ ସେଭଳି ଏକ ଉଦ୍ୟମ ଆରମ୍ଭ କରିଛି, ଯାହାକୁ ନେଇ ପଶ୍ଚିମ-ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱିପାକ୍ଷିକ ବିବାଦରେ ଚୀନ୍ ମାମଲତି କରିବାକୁ ଆଗ୍ରହୀ ହୋଇପଡ଼ିଛି ଏବଂ ଏଥିଲାଗି ହଂକଂରେ 'ଇଣ୍ଟରନ୍ୟାଶନାଲ୍ ଅର୍ଗାନାଇଜେସନ୍ ଫର ମେଡିଏସନ୍(ଆନ୍ତର୍ଜାତିକ ମଧ୍ୟସ୍ଥି ସଂଗଠନ)' ନାମରେ ଏକ ବିଶ୍ୱମଞ୍ଚ ଗଠନ କରିଛି। ଜାତିସଂଘ ଓ ଆନ୍ତର୍ଜାତିକ ଆଇନ ଅଦାଲତ(ଆଇସିଜେ) ସମାନ୍ତରାଳରେ ଗଠିତ ଏହି ମଞ୍ଚର ସଦସ୍ୟତା ଗ୍ରହଣ କରିବା ପାଇଁ ଚୀନ୍ ୩୩ଟି ଦେଶକୁ ରାଜି କରାଇବାରେ ସଫଳ ହୋଇଛି। ଏଥିଲାଗି ଆୟୋଜିତ ସମ୍ମିଳନୀରେ ୮୫ଟି ଦେଶ ଓ ଜାତିସଂଘ ସମେତ ୨୦ଟି ଆନ୍ତର୍ଜାତିକ ସଂଗଠନର ୪୦୦ ସଦସ୍ୟ ଯୋଗ ଦେଇଥିବା ଉଲ୍ଲେଖନୀୟ। ଆନ୍ତର୍ଜାତିକ ବିବାଦ ସମାଧାନରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଚୀନ୍ ଦାବି କରିଛି। ଏହାଉପରେ ସ୍ୱାଭାବିକ ଭାବେ ଆମେରିକା ପ୍ରତିକ୍ରିୟା ପ୍ରକାଶ କରି ଚୀନ୍ ବିଶ୍ୱରେ ବିସ୍ତାରବାଦୀ ଆଭିମୁଖ୍ୟକୁ ଲଦି ଦେବାକୁ ଚାହୁଁଛି ବୋଲି ଅଭିଯୋଗ କରିଛି। ଫ୍ରାନ୍ସ ମଧ୍ୟ ଚୀନ୍ ଉପରେ ଅନୁରୂପ ଆରୋପ ଆଣିଛି।

ଦକ୍ଷିଣ ଚୀନ୍ ସାଗର ଉପରେ ଚୀନ୍‌ର ଆଧିପତ୍ୟକୁ 'ୟୁଏନ୍ କନ୍‌ଭେନସନ୍ ଅନ ଦ ଲ ଅଫ୍ ଦି ସି'(ସାମୁଦ୍ରିକ ନୀତି ସମ୍ପର୍କିତ ଜାତିସଂଘ ରାଜିନାମା) ଉଲ୍ଲଙ୍ଘନ ବୋଲି ୨୦୧୬ରେ 'ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍' ଦର୍ଶାଇ ଚୀନ୍‌ର କାର୍ଯ୍ୟକଳାପକୁ ଅବୈଧ ଘୋଷଣା କରିବା ପରେ ଚୀନ୍ ଅତିଶୟ କ୍ଷୁବ୍ଧ ଥିଲା। ଏହି ସମଗ୍ର ଘଟଣାରେ ଆମେରିକାର ପ୍ରଚ୍ଛନ୍ନ ସମର୍ଥନରେ ଫିଲିପାଇନ୍‌ସର ଜିତାପଟକୁ ଚୀନ୍ ଆଦୌ ସହ୍ୟ କରିପାରିନଥିଲା। ଏହାଛଡ଼ା 'ଇଣ୍ଟରନ୍ୟାଶନାଲ୍ କ୍ରିମିନାଲ୍ କୋର୍ଟ'ରେ ଚୀନ୍ ତା'ର ସମଭାବାପନ୍ନ ଦେଶମାନଙ୍କୁ ଉଚିତ ନ୍ୟାୟ ଦେଇପାରୁ ନ ଥିବା ଅନୁଭବ କରି ଆସୁଥିଲା। ସେହିପରି ଦକ୍ଷିଣ ଏସିଆରେ 'କ୍ୱାଡ୍' ଓ 'ଆଉକସ୍' ମେଣ୍ଟ ଜରିଆରେ ଆମେରିକାର ଉପସ୍ଥିତି ଯୋଗୁଁ ଚୀନ୍ ଅସୁରକ୍ଷିତ ମଣୁଛି। ତାଇୱାନ୍ ମାମଲାରେ ମଧ୍ୟ ଆମେରିକା ହସ୍ତକ୍ଷେପକୁ ଚୀନ୍ ଅଯାଚିତ ଓ ଅବାଞ୍ଛନୀୟ ବୋଲି ଅଭିଯୋଗ କରିଆସୁଛି। ତେଣୁ ଏହି କୂଟନୈତିକ ଓ ଭୂ-ରାଜନୈତିକ ବାମନତା ଜନିତ ହୀନମନ୍ୟତାରୁ ଚୀନ୍ ନିଜକୁ ଉଦ୍ଧାର କରିବା ପାଇଁ ସମଭାବାପନ୍ନ ଓ ଋଣ-ଆନୁଗତ୍ୟ ଦେଶମାନଙ୍କୁ ପକ୍ଷଭୂତ କରି ବିଶ୍ୱ ଭୂ-ରାଜନୀତିରେ ଏକ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି।

ଅର୍ଥନୀତି, ସୂଚନା ପ୍ରଯୁକ୍ତି, ବାଣିଜ୍ୟ, ପ୍ରତିରକ୍ଷାରେ ଚୀନ୍ ଆମେରିକାର ପ୍ରାୟ ସମାସ୍କନ୍ଧ ହୋଇସାରିଥିଲେ ହେଁ ବଡ଼ଭାଇ ପଣିଆ ଜାହିର କରିବାରେ ଆମେରିକାଠାରୁ ଦୁଇପାଦ ପଛରେ ରହିଯାଇଛି। ଏଥିଯୋଗୁଁ ଚୀନ୍‌ର ଆଧିପତ୍ୟ କେବଳ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୀମିତ ଥିବା ବେଳେ ଆମେରକାର ପ୍ରଭୁତ୍ୱ ଓ କର୍ତ୍ତୃତ୍ୱ ନାଟୋରୁ ଆରମ୍ଭ କରି ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ବ୍ୟାପିଚାଲିଛି। ବିଶେଷକରି ସଦ୍ୟତମ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘଟଣାରେ ଆମେରିକା ଯେଭଳି ଭାବରେ ମାମଲାତି କରି ବିଶ୍ୱର ବଡ଼ଭାଇ ହେବାର ଶ୍ରେୟ ନେଇଗଲା, ତାହା ଚୀନ୍‌କୁ ଅତିମାତ୍ରାରେ କ୍ଷୁବ୍ଧ ଓ ଅସ୍ୱସ୍ତିକର କରିଛି। ଏହିକାରଣରୁ ଚୀନ୍ ଏବେ ବିଶ୍ୱ ଭୂ-ରାଜନୀତି-କୂଟନୀତିରେ ଆମେରିକାର ମାମଲାତିକୁ ଟକ୍କର ଦେବା ପାଇଁ ନୂଆ ଫନ୍ଦି ଫାନ୍ଦିଛି।

ସମ୍ପ୍ରତି ଆମେରିକା-ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ବା ତାରିଫ୍ ଯୁଦ୍ଧ ବିଶ୍ୱକୁ ଦୁଇଧ୍ରୁବୀୟ କରିଚାଲିଛି। ଯେଉଁମାନେ ଆମେରିକାର ଉତ୍ପାଦ ପ୍ରତି ଅନୁକୂଳ ନୀତି ପୋଷଣ କରିବେ ସେମାନଙ୍କ ପ୍ରତି ଆମେରିକା କୋହଳ ହେବ। ଅର୍ଥାତ୍ ସେହି ରାଷ୍ଟ୍ରମାନେ ଆମେରିକାର ଛତ୍ରଛାୟା ତଳେ ରହିବେ ଏବଂ ଆମେରିକାର ମାମଲାତିକୁ ସହିବେ। ଅପରପକ୍ଷରେ ଯେଉଁମାନେ ଆମେରିକା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାଣିଜ୍ୟ କରିବେ ସେମାନେ ଚୀନ୍‌ର ନାଲିଆଖିର ଶିକାର ହେବେ। ତେଣୁ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ-ରଣନୀତିରେ ଋଣ ଓ କୋହଳ ତାରିଫ୍ ଜାଲରେ ଫସିଥିବା ଅନେକ ଅନୁନ୍ନତ ଦେଶ ନିକଟ ଭବିଷ୍ୟତରେ ଚୀନ୍‌ର ବଶତା ସ୍ୱୀକାର କରିବାକୁ ଏକପ୍ରକାର ବାଧ୍ୟ ହେବେ। ଏହି ଦୁଇଧ୍ରୁବୀୟ ନେତୃତ୍ୱ ଲଢ଼େଇରେ ଅର୍ଥନୀତି, ପ୍ରତିରକ୍ଷା, ସୂଚନା ପ୍ରଯୁକ୍ତିରେ ଆମେରିକା ଓ ଚୀନ୍ କେହି କାହାକୁ ବଳି ନ ଗଲେ ମଧ୍ୟ ଆଇନ ଅଦାଲତ, ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କ ଭଳି ସଂଗଠନରେ ଆମେରିକାର ଆଧିପତ୍ୟକୁ ଆହ୍ୱାନ ଦେବା ଭଳି କ୍ଷମତା ଏ ପର୍ଯ୍ୟନ୍ତ ଚୀନ ଅର୍ଜନ କରିପାରି ନାହିଁ। ଇତିମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ମଞ୍ଚକୁ ଆମେରିକା ଭାଙ୍ଗି ଦେଇଛି। ଜାତିସଂଘରେ ଭେଟୋ କ୍ଷମତା ଥାଇ ମଧ୍ୟ ଏ କ୍ଷେତ୍ରରେ ଚୀନ୍‌ର ବିବଶତା ବିଶ୍ୱ ଦେଖିଛି। ନାଟୋ ଓ ଆଇଏମ୍‌ଏଫ୍‌କୁ ଟକ୍କର ଦେବା ପାଇଁ ପରିକଳ୍ପିତ 'ବ୍ରିକ୍ସ' ମଧ୍ୟ ଚୀନ୍ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ। ତେଣୁ ମଧ୍ୟସ୍ଥତା ମଞ୍ଚ ମାଧ୍ୟମରେ ଅଧିକରୁ ଅଧିକ ଦେଶକୁ ନିଜ ସପକ୍ଷରେ ଆଣିବାକୁ ଚୀନ୍ ଅଭିନବ ଉଦ୍ୟମ ଆରମ୍ଭ କରିଛି।

ଆମେରିକାର ଆଧିପତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ଇରାନ୍, ଉତ୍ତର କୋରିଆ, ତୁର୍କୀ ଏପରିକି ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନେ ଯଦି ଚୀନ୍‌ର ମଧ୍ୟସ୍ଥତା ମଞ୍ଚର ସଦସ୍ୟତା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଯା'ନ୍ତି ତେବେ ଆମେରିକାର ମାମଲାତିରେ ପକ୍ଷଚ୍ଛେଦନ ହେବା ନିଶ୍ଚିତ, ଯାହାକୁ ଆମେରିକା ଓ ନାଟୋ ସଦସ୍ୟମାନେ ସହଜରେ ଗ୍ରହଣ ନ କରିପାରିବା ସ୍ୱାଭାବିକ। ଏପରିକି ସାମ୍ପ୍ରତିକ ବାଣିଜ୍ୟ-କୂଟନୀତି କୈନ୍ଦ୍ରିକ ଦ୍ୱିଧ୍ରୁବୀୟ ବିଶ୍ୱ ଦୃଶ୍ୟପଟ୍ଟରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନେ ମଧ୍ୟ ପକ୍ଷଭୁକ୍ତ ହେବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଭାରତ ଏବେ ଦୋଛକିରେ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। 'ବ୍ରିକ୍ସ' ସଦସ୍ୟଭୁକ୍ତ ରାଷ୍ଟ୍ର ଭାରତ ଯଦି ଚୀନ୍‌କୁ ଆଡ଼ କରି ଆମେରିକା ଦିଗକୁ ଅଧିକ ଢଳିବ ତେବେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକଘରକିଆ ହେବାର ଆଶଙ୍କା ଅଧିକ। ଯଦି ଭାରତ 'ବ୍ରିକ୍ସ' ଅନୁକୂଳ ନୀତି ପୋଷଣ କରେ ତେବେ ଆମେରିକା ପାକିସ୍ତାନକୁ କୋଳେଇ ନେବାରେ ଅଧିକ ବିଳମ୍ବ କରିବ ନାହିଁ। ଇତିମଧ୍ୟରେ ଭାରତ ରୁଷରୁ ଅଧିକ ଯୁଦ୍ଧାସ୍ତ୍ର କିଣିବା ନିଷ୍ପତ୍ତି ପରେ ଆମେରିକା ପରୋକ୍ଷ ଚେତାବନୀ ଦେଇସାରିଛି। ଏହି ପୃଷ୍ଠଭୂମିରେ ଭାରତ ଆଗରେ ଏବେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଆମେରିକା-ଚୀନ୍‌ର ମାମଲାତି କୂଟନୀତି ବା ସଇତାନମାନଙ୍କର ବେଦପାଠର ଉଚ୍ଚାରଟ ଯେତେ ସଘନ ହେବ ବିଶ୍ୱରେ ଅଶାନ୍ତିର ବାତାବରଣ ସେତିକି ବ୍ୟାପିବ। କିନ୍ତୁ ସଇତାନମାନଙ୍କୁ ବେଦପାଠରୁ ନିବୃତ୍ତ କରିବ କିଏ?

# ସ୍ଥାୟୀ ବିକାଶ ଓ ଜଳ ପରିଚାଳନା

**ଡ. ପ୍ରଦୀପ କୁମାର ସାହୁ**

ପୃଥିବୀର ହାରାହାରି ୭୦ ପ୍ରତିଶତରୁ ଅଧିକ ପୃଷ୍ଠଭାଗ ଜଳରେ ଆଚ୍ଛାଦିତ ହୋଇରହିଛି। ତଥାପି ଜଳକୁ ଏକ ଦୁର୍ଲଭ ପ୍ରାକୃତିକ ସମ୍ପଦ ଭାବରେ ବିବେଚନା କରାଯାଏ। ଏହାର କାରଣ, ପୃଥିବୀ ପୃଷ୍ଠରେ ଉପଲବ୍ଧ ସମୁଦାୟ ଜଳରାଶି ମଧ୍ୟରୁ କେବଳ ୩ ପ୍ରତିଶତ ମଧୁର ଜଳ, ଯାହାକି ମନୁଷ୍ୟ ସମାଜ ପାଇଁ ବ୍ୟବହାର ଉପଯୋଗୀ। ବାକି ୯୭ ପ୍ରତିଶତ ଜଳରାଶି ଲୁଣି। କିନ୍ତୁ ସମୁଦାୟ ଉପଲବ୍ଧ ମଧୁର ଜଳରାଶିର ଦୁଇ-ତୃତୀୟାଂଶ ବରଫ ଆକାରରେ ରହିଥିବାରୁ ତାହା ବ୍ୟବହାର ପାଇଁ ଉପଯୋଗୀ ନୁହେଁ। ଅର୍ଥାତ ସମୁଦାୟ ଜଳରାଶିର କେବଳ ୧ ପ୍ରତିଶତ ଜଳ ଏବଂ ସମୁଦାୟ ମଧୁର ଜଳରାଶିର ୩୩ ପ୍ରତିଶତ ଦୈନନ୍ଦିନ ବ୍ୟବହାର ପାଇଁ ଉପଲବ୍ଧ, ଯାହା ଜଳସଂପଦର ଅତ୍ୟଧିକ ନିଅଣ୍ଟିଆ ପରିସ୍ଥିତିକୁ ସୂଚାଉଛି। ଫଳସ୍ୱରୂପ ସମଗ୍ର ବିଶ୍ୱରେ ୭୦ କୋଟିରୁ ଅଧିକ ଲୋକ ଅତ୍ୟଧିକ ଜଳାଭାବର ସମ୍ମୁଖୀନ ହେବା ସହ ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି।

ବିକାଶର ଆବଶ୍ୟକତା, ଗୁରୁତ୍ୱପୂର୍ଣ୍ଣ ପରିବେଶ ଚିନ୍ତା ଏବଂ ଜଳବାୟୁ ସ୍ଥିତିରେ ପରିବର୍ତ୍ତନ ହେତୁ ଭାରତ ସମେତ ଅଧିକାଂଶ ଜନବହୁଳ ଦେଶଗୁଡ଼ିକ ପାଖାପାଖି ସମାନ ଜଳାଭାବ ପରିସ୍ଥିତିର ସାମ୍ନା କରୁଛନ୍ତି। ଫଳସ୍ୱରୂପ, ଜଳସଙ୍କଟ ଭୋଗୁଥିବା ଦେଶରେ ବିଭିନ୍ନ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି। ଜଳାଭାବ ପରି ଜଟିଳ ସମସ୍ୟା ଭାରତ ସମେତ ଅନେକ ଜନବହୁଳ ରାଷ୍ଟ୍ରକୁ ପରିବ୍ୟାପ୍ତ। ବିକାଶଶୀଳ ଓ ଉଦୀୟମାନ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ରମାନଙ୍କରେ ଏହାର ତୀବ୍ରତା ଉଦ୍‌ବେଗଜନକ। ତେଣୁ ଜଳର ଦୁର୍ଲଭତା ଜନିତ ସମ୍ବେଦନଶୀଳ ପରିସ୍ଥିତିକୁ ଆମେ ସମସ୍ତେ ଅନୁଭବ କରିବା ଦରକାର। ଭାରତ ପରି ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଜଳର ଉତ୍କଟ ପରିସ୍ଥିତି ସାଧାରଣରେ ଏକ ଚିନ୍ତାର ବିଷୟ। ଅଧୁନା ଭାରତର ଜନସଂଖ୍ୟା ପାଖାପାଖି ୧୪୫ କୋଟି, ଯାହା ସମଗ୍ର ବିଶ୍ୱ ଜନସଂଖ୍ୟାର ହାରାହାରି ୧୮ ପ୍ରତିଶତ। ଭାରତର ଜନସଂଖ୍ୟା ଓ ଜଳ ଉପଲବ୍ଧତାକୁ ଅନୁଧ୍ୟାନ କଲେ ଜଣାଯାଏ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟା ବହନ କରୁଥିବା ଭାରତ ସମଗ୍ର ବିଶ୍ୱର ମଧୁର ଜଳରାଶିର କେବଳ ୪ ପ୍ରତିଶତ ଧାରଣ କରେ, ଯାହା ଏକ ଜଳ-ନିଅଣ୍ଟିଆ ଦେଶ ରୂପେ ପରିଗଣିତ ହେଉଛି। ଜଳର ନିଅଣ୍ଟିଆ ପରିସ୍ଥିତି ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁର କାରଣ ସାଜୁଛି ଏବଂ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଅନୁସନ୍ଧାନ ମୁତାବକ ଭାରତରେ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୧ ରେ ୧୮୧୬ ଘନ ମିଟରରୁ ୨୦୧୧ ରେ ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ଗବେଷଣାରୁ ଏହା ମଧ୍ୟ ପୂର୍ବାନୁମାନ କରାଯାଇଛି ଯେ ୨୦୩୦ ବେଳକୁ ଜଳର ମୁଣ୍ଡପିଛା ଚାହିଦା ପାଖାପାଖି ଦୁଇଗୁଣ ହେବ। ୨୦୫୦ ବେଳକୁ ଭାରତରେ ଜଳସମ୍ପଦ ସର୍ବାଧିକ ଜିଡିପି ଉତ୍ପାଦନକାରୀ ପ୍ରାକୃତିକ ସମ୍ପଦ ଭାବେ ଗ୍ରହଣୀୟ ହେବ। ଏହାବ୍ୟତୀତ ଦୈନନ୍ଦିନ ଦୂଷିତ ଜଳର ମାତ୍ରା ବଢ଼ିବା ଏବଂ ପ୍ରାୟ ୭୦ ପ୍ରତିଶତ ଜଳ ଦୂଷିତ ହେବ। ଏହାସହିତ ୧୨୦ ଦେଶରେ ମପା ଯାଇଥିବା ଜଳ ଗୁଣବତ୍ତା ସୂଚକାଙ୍କରେ ଭାରତ ୧୨୦ ତମ ସ୍ଥାନରେ ରହିବା ଜଣାପଡ଼ିଛି, ଯାହା ପରିସ୍ଥିତିକୁ ଆହୁରି ଉତ୍କଟ କରୁଛି।

ଭାରତରେ ଜଳର ଉପଲବ୍ଧିକୁ ବିବେଚନା କଲେ ଜଣାଯାଏ ସମଗ୍ର ୫୧୨୨ ବିଲିୟନ ଘନ ମିଟର ଗଚ୍ଛିତ ଜଳରାଶି ମଧ୍ୟରୁ ବର୍ଷାଜଳ ୪୦୦୦ ବିଲିୟନ ଘନ ମିଟର, ଅବ୍ୟବହୃତ ଭୂପୃଷ୍ଠ ଜଳ ୬୯୦ ବିଲିୟନ ଘନ ମିଟର ଓ ଭୂତଳ ଜଳ ୪୨୦ ବିଲିୟନ ଘନ ମିଟର। ମୋଟାମୋଟି ଭାବରେ ଏହା କୁହାଯାଇପାରିବ ଯେ ଉପଲବ୍ଧ ସମଗ୍ର ଜଳରାଶିର ହାରାହାରି ୮୦ ପ୍ରତିଶତ ବର୍ଷାଜଳ, ଯାହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଏକ ବରଦାନ। ଅନ୍ୟପକ୍ଷରେ ଆବଶ୍ୟକତା ଦୃଷ୍ଟିରୁ ଜଳ ଆବଣ୍ଟନକୁ ଅନୁଧ୍ୟାନ କଲେ ଜଣାଯାଏ ପାନୀୟଜଳ ଏବଂ ଜଳର ଘରୋଇ ବ୍ୟବହାର ଶୀର୍ଷରେ ରହିବା ସହିତ ପରବର୍ତ୍ତୀ ଚାହିଦା ରୂପେ ପରିବେଶ, ଜଳସେଚନ, କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ, ମତ୍ସ୍ୟଚାଷ, ଜଳ ବିଦ୍ୟୁତ୍, କୃଷି ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ, ନାଭିଗେସନ୍ ଓ ପର୍ଯ୍ୟଟନ ଓ ବିଭିନ୍ନ କାର୍ଯ୍ୟକଳାପକୁ ବିବେଚନା କରାଯାଏ।

ଜଳର ବ୍ୟବହାରକୁ ତର୍ଜମା କଲେ ଜଣାଯାଏ, ସମଗ୍ର ବ୍ୟବହୃତ ଜଳରାଶିର ୮୦ ପ୍ରତିଶତରୁ ଅଧିକ ଚାଷ କ୍ଷେତ୍ରରେ ବ୍ୟବହାର ହେଉଥିବା ବେଳେ ୧୫ ପ୍ରତିଶତ ଜଳରାଶି ଶିଳ୍ପରେ ବ୍ୟବହାର ହୁଏ ଏବଂ ବାକି ୫ ପ୍ରତିଶତ ଅନ୍ୟ ସମସ୍ତ ଆବଶ୍ୟକତା ପୂରଣ କରିଥାଏ। ଗବେଷଣାରୁ ଦେଖାଯାଇଛି ଯେ ସର୍ବାଧିକ ଜଳ ବ୍ୟବହାରକାରୀ କୃଷି କ୍ଷେତ୍ର ସର୍ବାଧିକ ଜଳ ଅପଚୟର କାରଣ। ଭାରତ ପରି କୃଷିପ୍ରଧାନ ଦେଶରେ ୫୫ ପ୍ରତିଶତରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି, ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ କ୍ଷୁଦ୍ର ଚାଷୀ। ତେଣୁ ଏହା ମଧ୍ୟ କୁହାଯାଇପାରେ କି, ଜମିର ସ୍ୱଳ୍ପତା, ନିରକ୍ଷରତା ଓ ସଚେତନତାର ଅଭାବ ଜଳ ଅପଚୟର ଅନ୍ୟ ଏକ ପ୍ରମୁଖ କାରଣ। ଏହାବ୍ୟତୀତ, ଭାରତରେ ହାରାହାରି ୫୫ ପ୍ରତିଶତ ମହିଳା ଚାଷୀ ପାଖାପାଖି ୮୦ ପ୍ରତିଶତ ଚାଷକାମ ନିର୍ବାହ କରିଥା'ନ୍ତି, ଯେଉଁ ସଂଖ୍ୟା ଓଡ଼ିଶାରେ ପାଖାପାଖି ୬୨ ପ୍ରତିଶତ ଏବଂ ଗ୍ରାମୀଣ ଓଡ଼ିଶାରେ ପାଖାପାଖି ୭୯ ପ୍ରତିଶତ। ତେଣୁ ମହିଳାମାନଙ୍କ ମଧ୍ୟରେ ଜଳ ପରିଚାଳନା ସମ୍ବନ୍ଧିତ ବୈଷୟିକ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟ ଏକ ମୁଖ୍ୟ କାରଣ ହୋଇଥାଇପାରେ। ଏହାବ୍ୟତୀତ ଜଳଭଣ୍ଡାର ଓ କେନାଲ ବନ୍ଧରେ ଫାଟ, ପାରମ୍ପରିକ ଜଳସେଚନ ପଦ୍ଧତି ଏବଂ ଜଳସେଚନ ବିଷୟରେ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟାନ୍ୟ ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ, ଯାହା କୃଷିକ୍ଷେତ୍ରରେ ବ୍ୟବହୃତ ଜଳରାଶିର ପାଖାପାଖି ୬୦ ପ୍ରତିଶତ। ତେଣୁ ଭବିଷ୍ୟତର ଜଳାଭାବକୁ ରୋକିବାକୁ ହେଲେ କୃଷିକ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ଜଳ ପରିଚାଳନା ଏକାନ୍ତ ଆବଶ୍ୟକ।

ଜଳର ସ୍ୱଳ୍ପତା, ଶିଳ୍ପ ଓ କୃଷିକ୍ଷେତ୍ରରେ ଅତ୍ୟଧିକ ବ୍ୟବହାର, ଅପଚୟକୁ ଧ୍ୟାନରେ ରଖି ଭାରତ ସରକାର ଜଳ ପରିଚାଳନା ଓ ଜଳ ସଞ୍ଚୟ ନିମିତ୍ତ ନିୟମାବଳୀ 'ଜାତୀୟ ଜଳ ନୀତି -୧୯୮୭' ମସିହାରେ ପାରିତ କରିଥିଲେ। ପରବର୍ତ୍ତୀ ସମୟରେ କୃଷିକ୍ଷେତ୍ରକୁ ଧ୍ୟାନରେ ରଖି ଓଡ଼ିଶା ସରକାର ୨୦୦୨ ମସିହାରେ ପାଣି ପଞ୍ଚାୟତ ଅଧିନିୟମ ପାରିତ କଲେ, ଯାହା କୃଷି କ୍ଷେତ୍ରରେ ଜଳ ପରିଚାଳନା, ଜଳ ଆବଣ୍ଟନ ଓ ଜଳ ସଞ୍ଚୟ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ ଭବିଷ୍ୟତ ପିଢ଼ିର ବିକାଶକୁ ଧ୍ୟାନରେ ରଖି ନାନାଦି ଜଳସଞ୍ଚୟ ପଦ୍ଧତି ଯଥା- କମ୍ ପାଣିରେ ଫସଲ ଉତ୍ପାଦନ, ମାଇକ୍ରୋଜଳସେଚନ, ସେନସର ଆଧାରିତ ଜଳସେଚନ, କାଡା କେନାଲ ନିର୍ମାଣ, ବର୍ଷା ଜଳ ଅମଳ ଓ ସଞ୍ଚୟ, ସ୍ମାର୍ଟ ଜଳସେଚନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଉଛି।

ଏ ସମସ୍ତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସହଭାଗିତା ଲୋଡ଼ାଯିବା ସହିତ ସରକାରୀ ସହାୟତାରେ ନାନାଦି କାର୍ଯ୍ୟକ୍ରମ, ଯଥା - ତାଲିମ, ପ୍ରୟୋଗ, କ୍ଷେତ୍ର ଅଭ୍ୟାସ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି କରାଯାଉଥିଲେ ହେଁ ସେମାନଙ୍କର ସହଭାଗିତା ଏ ଯାଏଁ ଆଖିଦୃଶିଆ ହୋଇପାରିନାହିଁ। ଘରୋଇ ଜଳ ବ୍ୟବହାର ହେଉ ବା ଚାଷ କ୍ଷେତ୍ରରେ ଜଳ ପରିଚାଳନା ହେଉ ମହିଳାମାନଙ୍କ ଭୂମିକା ସବୁକ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରସିଦ୍ଧ ଡବଲିନ୍ ନିୟମାବଳୀ ୧୯୯୨ ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜଳ ଯୋଗାଣ, ପରିଚାଳନା ଓ ସୁରକ୍ଷାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ଜଳ ବିକାଶ ଓ ପରିଚାଳନା ମହିଳାମାନଙ୍କ ସହଭାଗିତାରେ ସମସ୍ତ ସ୍ତରରେ ଉପଭୋକ୍ତା, ଯୋଜନାକାରୀ ଓ ନୀତି ନିର୍ଣ୍ଣୟକାରୀଙ୍କ ମିଳିତ ଆଭିମୁଖ୍ୟ ଓ ପ୍ରୟାସରେ ହେବା ଉଚିତ୍। ତେଣୁ ସରକାରଙ୍କୁ ଜଳ ପରି ଏକ ସୀମିତ ଓ ଅସୁରକ୍ଷିତ ପ୍ରାକୃତିକ ସମ୍ପଦ, ଯାହା ଜୀବନ ବଞ୍ଚାଇବା, ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ପରିବେଶକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ତାହାର ସୁରକ୍ଷା ଦିଗରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।

(ସହକାରୀ ପ୍ରାଧ୍ୟାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

# ସକାରାତ୍ମକ କର୍ମକ୍ଷେତ୍ର

**ଡାକ୍ତର ଅଶୋକ କୁମାର ମହାନ୍ତି**





ସକାରାତ୍ମକ କର୍ମକ୍ଷେତ୍ର କହିଲେ ଯେଉଁଠାରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର କରାଯାଏ ଏବଂ ଯୋଗାଯୋଗ, ସହଯୋଗ ଓ ଗଠନମୂଳକ ଦୃଷ୍ଟିଭଙ୍ଗୀରେ ବିବାଦର ସମାଧାନ କରାଯାଏ। ସମ୍ମାନର ଅଭାବ ଓ ଉପରିସ୍ଥ ଅଧିକାରୀମାନଙ୍କର ନକାରାତ୍ମକ ଆଚରଣ ନିମ୍ନସ୍ତରର କର୍ମଚାରୀଙ୍କ ଉତ୍ପାଦକତାରେ ହ୍ରାସ ଓ ମାନସିକ ଆଘାତର ଆଶଙ୍କା ସୃଷ୍ଟି କରିଥାଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସୁରକ୍ଷିତ ତଥା ନିରାପଦ ଅନୁଭବ କରିପାରିବେ, ଉତ୍ପୀଡ଼ନ ଓ ଭେଦଭାବରୁ ସୁରକ୍ଷିତ ମନେ କରିବେ ଏବଂ ସେମାନଙ୍କ ପୃଷ୍ଠଭୂମି ନିର୍ବିଶେଷରେ ମର୍ଯ୍ୟାଦା, ସମ୍ମାନ ଓ ଉଚିତ ବ୍ୟବହାର ଆଶା କରିବେ। ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ଭାବେ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।

ଯେଉଁଠାରେ ସଚ୍ଚୋଟତା, ସାଧୁତା ଓ ବୃତ୍ତିଗତ ନ୍ୟାୟକୁ ଗୁରୁତ୍ୱ ଦିଆଯାଏ, ସେଠାରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୁଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ଚିନ୍ତାଧାରା ଓ ମତାମତ ଖୋଲାଖୋଲି ଏବଂ ସଚ୍ଚୋଟ ଭାବରେ ପ୍ରକାଶ କରିପାରିବେ। କର୍ମଚାରୀମାନଙ୍କୁ ସେମାନଙ୍କ କାମର ସମସ୍ତ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଏ। ଅସୌଜନ୍ୟ ଆଚରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ପରିବେଶ ସୃଷ୍ଟି କରିଥାଏ। ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ଅନୁଷ୍ଠାନର ଖ୍ୟାତି ବୃଦ୍ଧି କରେ। ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରୁଥିବା ସମ୍ମାନଜନକ କର୍ମକ୍ଷେତ୍ରଗୁଡ଼ିକ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହେବା ସହିତ ହୃଦରୋଗ ଓ ଉଚ୍ଚ ରକ୍ତଚାପ ହ୍ରାସ ଏବଂ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

କର୍ମକ୍ଷେତ୍ରରେ ଦଳଗତ ବିଶ୍ୱାସ ସୃଷ୍ଟି କରିବା ପାଇଁ ଦଳ ମୁଖ୍ୟମାନଙ୍କୁ ଅନୁଷ୍ଠାନର ଯେକୌଣସି ସ୍ତରର କର୍ମଚାରୀମାନଙ୍କ ସହିତ ଯୋଗାଯୋଗ ଓ ଆଲୋଚନା କରିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ସେମାନଙ୍କୁ ସ୍ପଷ୍ଟ ଓ ସଂକ୍ଷିପ୍ତ ହେବାକୁ ପଡ଼ିବ ଏବଂ କିଭଳି ଉତ୍ତମ ଆନ୍ତରିକ ସମ୍ପର୍କ ଗଠନ କରିବେ ତାହା କର୍ମଚାରୀମାନଙ୍କୁ ଶିଖାଇବାକୁ ପଡ଼ିବ। ସମସ୍ତଙ୍କୁ ନେଇ ଯେପରି ଚାଲିବାକୁ ପଡ଼ିବ ସେ ଦିଗରେ ଉପରିସ୍ଥ ଅଧିକାରୀମାନଙ୍କୁ ଧ୍ୟାନ ଦେବା ସହିତ ବୟସ-ଲିଙ୍ଗ-ଜାତି-ସଂସ୍କୃତି ନିର୍ବିଶେଷରେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ଦେବାକୁ ହେବ। କର୍ମଚାରୀମାନେ ଯେପରି ବୃତ୍ତିଗତ ସହିତ ବ୍ୟକ୍ତିଗତ ଉନ୍ନତି ସାଧନ କରିପାରିବେ ସେଥିଲାଗି ଉପରିସ୍ଥ ଅଧିକାରୀମାନେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ। ଦୟା, ଭଦ୍ରତା, ସହାନୁଭୂତି କରୁଣା ଭଳି ଗୁଣଗୁଡ଼ିକୁ କର୍ମକ୍ଷେତ୍ରରେ ପ୍ରୋତ୍ସାହିତ କରିବା ସହିତ ସମ୍ବେଦନଶୀଳ ହେବା ମଧ୍ୟ ଅନୁଷ୍ଠାନ ମୁଖ୍ୟଙ୍କ କର୍ତ୍ତବ୍ୟ। ମୁଖ୍ୟମାନେ ଅଧସ୍ତନମାନଙ୍କ କର୍ତ୍ତବ୍ୟପରାୟଣତା ପ୍ରତି କୃତଜ୍ଞତା ଜ୍ଞାପନ, ପୁରସ୍କୃତ ଏବଂ ପ୍ରଶଂସା କରିବାରେ କାର୍ପଣ୍ୟ ପ୍ରଦର୍ଶନ କରନ୍ତୁ ନାହିଁ।

ଉପରିସ୍ଥ ଅଧିକାରୀମାନେ ଅଧସ୍ତନମାନଙ୍କର ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ସମର୍ଥନ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରାଇବାକୁ ସକ୍ଷମ କରାନ୍ତୁ। ଯେତେବେଳେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ମାନସିକ ସୁରକ୍ଷା ପାଆନ୍ତି, ସେମାନେ ନିଜେ ଆରାମଦାୟକ ଅନୁଭବ କରନ୍ତି। ଏକ ସମ୍ମାନଜନକ ସଂଗଠନ ବିବିଧତା ଓ ସମାନତାକୁ ପ୍ରୋତ୍ସାହିତ କରେ, ଆଲୋଚନାକୁ ଉତ୍ସାହିତ କରେ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସଭ୍ୟତା ଉପରେ ଜୋର ଦିଏ। ଏହାକୁ ଅଧିକାରୀମାନେ ସ୍ମରଣକୁ ଆଣିବା ଦରକାର। ପ୍ରଭାବଶାଳୀ ଓ ଲକ୍ଷ୍ୟ-କୈନ୍ଦ୍ରିକ ପରିଚାଳକମାନେ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦକ୍ଷତା ଓ ନୂତନ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱ ଦେଇଥା'ନ୍ତି।

କର୍ମଚାରୀଙ୍କ ନିୟୋଜିତତାକୁ ବୃଦ୍ଧି କରିବାର ଅନ୍ୟ ଏକ ଉପାୟ ହେଉଛି କୌଣସି ପ୍ରକାରର ଭେଦଭାବକୁ ସହ୍ୟ କରିବା ନାହିଁ। ଆମର ମଙ୍ଗଳ ଓ ସଫଳତା ପାଇଁ ସମ୍ମାନ ଓ ଗର୍ବ ଉଭୟ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଅନ୍ୟମାନଙ୍କୁ ସମ୍ମାନ କରୁ ଏବଂ ପ୍ରତିବଦଳରେ ସମ୍ମାନ ଆଶା କରୁ, ତାହା ସକାରାତ୍ମକ ସମ୍ପର୍କ ଏବଂ ନିଜର ଭାବନାକୁ ବୃଦ୍ଧି କରିପାରେ। ଏକ କର୍ମକ୍ଷେତ୍ର ଯେଉଁଥିରେ ସମସ୍ତଙ୍କର ସମାନ ଅଂଶଗ୍ରହଣ ରହିଥାଏ, ତାହା ଅନନ୍ୟ ଚିନ୍ତାଧାରା ଏବଂ ସୃଜନଶୀଳତାର ଏକ ମିଶ୍ରଣ ହୋଇଥାଏ, ଯାହା ସର୍ବଦା ସଂଗଠନର କାର୍ଯ୍ୟଦକ୍ଷତା, ଉତ୍ପାଦକତା ଓ ସଂସ୍କୃତି ପାଇଁ ସର୍ବୋତ୍ତମ। ମର୍ଯ୍ୟାଦା ଓ ସମ୍ମାନଜନକ ବ୍ୟବହାର ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ, ଯେଉଁଥିରେ କର୍ମଚାରୀମାନେ ପରିପୂର୍ଣ୍ଣ, ବିଶ୍ୱସ୍ତ, ନିୟୋଜିତ ଏବଂ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ କରିବାକୁ ପ୍ରେରଣାପ୍ରାପ୍ତ ହୁଅନ୍ତି।

ମୋବାଇଲ: ୯୨୩୪୬୬୭୫୪୬

# ଭିତର ବେଢ଼ାରେ କ୍ଷେତ୍ରପାଳ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ପାର୍ବତୀ ପୂର୍ବଜନ୍ମରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ଥିଲେ। ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ ଦେବଦେବ ମହାଦେବଙ୍କୁ ବିବାହ କରିଥିଲେ। ଥରେ ଶିବ ଓ ଦକ୍ଷ ପ୍ରଜାପତି ଦେବସଭାରେ ଉପସ୍ଥିତ ଥିବା ବେଳେ ଜଣେ ଜୋଇଁ ଶ୍ୱଶୁରଙ୍କୁ ଯେଉଁପ୍ରକାର ସମ୍ମାନ ଦେବା କଥା ଶିବ ତାହା କଲେ ନାହିଁ ବୋଲି ଦକ୍ଷ ଅଭିଯୋଗ କଲେ ଏବଂ ପ୍ରତିଶୋଧ ନେବା ପାଇଁ ଏକ ଯଜ୍ଞର ଆୟୋଜନ କରି ମହାଦେବଙ୍କୁ ଛାଡ଼ି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କଲେ। ଏଥିରେ ସତୀ ମର୍ମାହତା ହେଲେ ଏବଂ ଏହାର କାରଣ ପଚାରିବା ପାଇଁ ମହାଦେବଙ୍କ ବାରଣ ସତ୍ତ୍ୱେ ପିତାଙ୍କ ଘରକୁ ବାହାରିଲେ। ଯଜ୍ଞ ସ୍ଥଳରେ ଦେବତା ଓ ମୁନିଋଷିମାନଙ୍କ ଉପସ୍ଥିତିରେ ସତୀଙ୍କ ଆଗରେ ଦକ୍ଷ ଶିବଙ୍କୁ ବହୁତ ନିନ୍ଦା କଲେ। ଏହା ଶୁଣି ସତୀ ଯଜ୍ଞାଗ୍ନିରେ ଝାସ ଦେଲେ। ଏ ଦୁଃସମ୍ବାଦ ଶୁଣି ଶିବ ତତ୍‌କ୍ଷଣାତ୍ ଯଜ୍ଞସ୍ଥଳକୁ ଯାଇ ଦକ୍ଷଙ୍କର ଶିରଚ୍ଛେଦ କଲେ। ତା'ପରେ ସତୀଙ୍କର ଶବକୁ କାନ୍ଧରେ ବହନ କରି ଦୁଃଖ ଓ କ୍ରୋଧରେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ କମ୍ପିବାକୁ ଲାଗିଲା। ସୃଷ୍ଟି ପ୍ରଳୟ ହୋଇଯିବାର ଆଶଙ୍କାରେ ଦେବତାମାନେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ। ସେହି ଶରୀରାଂଶ ଯେଉଁଠାରେ ପଡ଼ିଲା, ତାହା ଗୋଟିଏ ଗୋଟିଏ ଶକ୍ତିପୀଠ ହୋଇଗଲା। ଏହାପରେ ଶିବ ନୃତ୍ୟରୁ ବିରତ ହେଲେ ସିନା ତାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ। ସେ ଘନଘନ ନିଃଶ୍ୱାସ ନେଇ ଚାରି ଦିଗକୁ କ୍ରୂରଲୋଚନରେ ଚାହୁଁଥିଲେ।

ସେ ସମୟରେ ବିଷ୍ଣୁ ଚିନ୍ତା କଲେ ଯେ ସେ ଅବସ୍ଥାରେ ଶିବ ସେଠାରେ ଅଧିକ ସମୟ ରହିବା ଉଚିତ ହେବ ନାହିଁ। ତେଣୁ ସେ ଶିବଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ନେଇଆସିଲେ। କ୍ଷେତ୍ରରେ ପହଞ୍ଚି ସେ ଶିବଙ୍କୁ ଆଶ୍ୱାସନା ଦେଲେ- 'ମହାଶୟ! ଦେବୀ ସତୀ ପର ଜନ୍ମରେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମ ନେଇ ଆପଣଙ୍କୁ ପତି ରୂପେ ବରଣ କରିବେ। ବର୍ତ୍ତମାନ ଆପଣ ନିତ୍ୟବୈକୁଣ୍ଠ ନୀଳାଚଳ ଧାମରେ ଅବସ୍ଥାନ କରନ୍ତୁ।' ନୀଳାଚଳ ଧାମର ସୌନ୍ଦର୍ଯ୍ୟ ଓ ସାଗର କୂଳରେ ଅବସ୍ଥିତି ଶିବଙ୍କର କ୍ରୋଧକୁ କିଛି ପରିମାଣରେ ପ୍ରଶମିତ କଲା। ପରମ ବିଷ୍ଣୁକ୍ଷେତ୍ର ନୀଳାଚଳରେ ଅବସ୍ଥାନ ପାଇଁ ସ୍ୱୟଂବିଷ୍ଣୁଙ୍କ ନିମନ୍ତ୍ରଣ ପାଇ ସେ ବହୁତ ଖୁସି ହୋଇ କହିଲେ- 'ମହାପ୍ରଭୁ! ଆପଣଙ୍କ ପ୍ରସ୍ତାବ ମୋର ସୌଭାଗ୍ୟ। କିନ୍ତୁ ଶିବଗଣ ଓ ଦ୍ୱାରପାଳଙ୍କ ବିନା ମୋର ଏଠାରେ ଅବସ୍ଥାନ ସମ୍ଭବ ହେବ ତ?'- 'ଆପଣଙ୍କ ମନ୍ଦିରରେ ରହି ଆପଣଙ୍କୁ ସାନିଧ୍ୟ ଦେବା ପାଇଁ ମୁଁ ମହାଲକ୍ଷ୍ମୀଙ୍କୁ ଅନୁରୋଧ କରିବି। ମୋର ଦ୍ୱାରପାଳ ଜୟ ଓ ବିଜୟ ଆପଣଙ୍କ ଦ୍ୱାରପାଳ ରୂପେ ନିଯୁକ୍ତ ହେବେ। ଶ୍ରୀକ୍ଷେତ୍ରରେ ଆପଣ ଅଷ୍ଟଶମ୍ଭୁ ଭିତରେ ଗଣନା ହେବେ।' - ବିଷ୍ଣୁ ଆଶ୍ୱାସନା ଦେଲେ। ମହାଦେବ କହିଲେ- 'ମହାପ୍ରଭୁ! ଆପଣ ପରମ ଦୟାଳୁ। ଆପଣଙ୍କ ଆଜ୍ଞାରେ ଶ୍ରୀମନ୍ଦିରରେ ଦେବତାମାନେ ଆପଣଙ୍କ ସେବାରେ ନିଯୁକ୍ତ ହୋଇ ନିଜକୁ କୃତାର୍ଥ ମନେ କରୁଛନ୍ତି। ମୋତେ ମଧ୍ୟ କିଛି ସେବାର ଅବସର ପ୍ରଦାନ କରିବା ହୁଅନ୍ତୁ।' ବିଷ୍ଣୁ 'ତଥାସ୍ତୁ' ସହିତ କହିଲେ- 'ଆପଣ ଏ କ୍ଷେତ୍ରର ରକ୍ଷକ ହେବେ। ଆପଣଙ୍କର ନାମ 'କ୍ଷେତ୍ରପାଳ ମହାଦେବ' ହେବ। ବର୍ଷର ନଅ ଦିନ ରଥଯାତ୍ରା ସମୟରେ ଆପଣ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବେ। ମୋର ଭକ୍ତମାନେ ପ୍ରଥମେ ଆପଣଙ୍କ ଦର୍ଶନ କରି ଆପଣଙ୍କ ଅନୁମତିପ୍ରାପ୍ତ ହେଲେ ମୋର ଦର୍ଶନ କରିପାରିବେ।' ଏ ବିଷୟରେ ନୀଳାମ୍ବର ଦାସ 'ଗୁଣ୍ଡିଚା ମଙ୍ଗଳ'ରେ ବର୍ଣ୍ଣନା କରିଛନ୍ତି- **'ଏହି ନବଦିନ ନୀଳାଚଳ ହେବ ଶୂନ୍ୟ, ନ ଗମିବେ ସେ ଠାବକୁ ମୋ ଭକତ ଜନ / ସବୁ ଦେବଦେବୀମାନେ ରଥରେ ଆସିବେ, କ୍ଷେତ୍ରପାଳ ଭଇରବ ମାତ୍ର ଜଗିଥିବେ।'**

ତା'ପରେ 'କ୍ଷେତ୍ରପାଳ ମହାଦେବ' ଭିତର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ତାଙ୍କ ମନ୍ଦିରର ତୋରଣରେ ମହାଲକ୍ଷ୍ମୀ ବିରାଜମାନ କରୁଛନ୍ତି ଏବଂ ଜୟ ବିଜୟ ଦ୍ୱାରପାଳ ଦାୟିତ୍ୱରେ ଅଛନ୍ତି। କିନ୍ତୁ ଶିବଙ୍କର କ୍ରୋଧ ଏ ପର୍ଯ୍ୟନ୍ତ ପ୍ରଶମିତ ହୋଇନାହିଁ। ତେଣୁ ତାଙ୍କର ଧ୍ୟାନମନ୍ତ୍ରରେ ସେ ଉଗ୍ର, ଭୀଷଣ ଓ କ୍ରୂରଲୋଚନ ଭାବେ ବର୍ଣ୍ଣିତ ହୋଇଛନ୍ତି- **'କ୍ଷେତ୍ରପାଳ ନମସ୍ତେସ୍ତୁ ଭୀଷଣଂ କ୍ରୂର ଲୋଚନଂ, ତ୍ରିଶୂଳଂ ପାନପାତ୍ରଂଚ ଦଧାନମୁଗ୍ର ଭୈରବମ୍ / କ୍ଷେତ୍ର ଦର୍ଶନଂ ମେ ଦେହି ପାପଘ୍ନ ଚଣ୍ଡ ବିକ୍ରମ, ମହାପାପହରମୁଗ୍ରଂ ନମାମି କ୍ଷେତ୍ରରକ୍ଷକମ୍।'**

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେଡିର ଅଭିଯୋଗ

# ମନମୋହନ ସାମଲ ଦେଇଛନ୍ତି ମିଥ୍ୟା ସତ୍ୟପାଠ

ଭୁବନେଶ୍ୱର,୩।୬(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରାଜ୍ୟ ବାର କାଉନସିଲ ଓ ନିର୍ବାଚନ କମିସନଙ୍କୁ ଦେଇଥିବା ଅଲଗା ଅଲଗା ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଛନ୍ତି । ମଙ୍ଗଳବାର ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି । ଗୋଟିଏ ରାଷ୍ଟ୍ରୀୟ ଦଳର ସଭାପତି ଭାବରେ କାର୍ଯ୍ୟ କରି ଆସୁଥିବା ଶ୍ରୀ ସାମଲଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି ।

■ ୨ଟି ସତ୍ୟପାଠରେ ପରସ୍ପର ବିରୋଧୀ ତଥ୍ୟ
■ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଦଳ

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ବିଜେପି ସଭାପତିଙ୍କ ମିଥ୍ୟା ସତ୍ୟପାଠର ଖୁଲାସା କରିଥିଲେ । ଅଭିଯୋଗ କରିଥିଲ ଯେ ୨୦୧୫ ମସିହାରେ ଶ୍ରୀ ସାମଲ ରାଜ୍ୟ ବାର କାଉନସିଲ ପାଖରେ ଦାଖଲ କରିଥିବା ସତ୍ୟପାଠରେ ୧୯୮୬ ମସିହାରୁ ସେ ଚାନ୍ଦବାଲି କୋର୍ଟରେ ଓକିଲାତି କରୁଛନ୍ତି ବୋଲି ଦର୍ଶାଇଛନ୍ତି । ଏହି ସତ୍ୟପାଠରେ ଶ୍ରୀ ସାମଲ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ ଓ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବୋଲି ସୂଚନା ଦେଇନଥିଲେ । ସେହିପରି ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ କମିସନଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରେ ଶ୍ରୀ ସାମଲ ଓକିଲାତି କରୁଛନ୍ତି ବୋଲି ଉଲ୍ଲେଖ କରିନାହାନ୍ତି । ଏହି ସତ୍ୟପାଠରେ, ସମାଜସେବା ତାଙ୍କର ପେସା ବୋଲି ଉଲ୍ଲେଖ କରିଛନ୍ତି । ଏସଂପର୍କ ।।ରେ ଅଭିଯୋଗ ପାଇଲା ପରେ ରାଜ୍ୟ ବାର କାଉନସିଲ ଦ୍ୱାରା ଶ୍ରୀ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହି ଦୁଇ ସତ୍ୟପାଠକୁ ନେଇ ଡ. ମହାନ୍ତି କହିଛନ୍ତି ଯେ ଶ୍ରୀ ସାମଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ୨ଟି ଅଲଗା ଅଲଗା ସତ୍ୟପାଠରେ ସେ ତଥ୍ୟ ଲୁଚାଇଛନ୍ତି । ଏହାଛଡ଼ା ଗୋଟିଏ ସତ୍ୟପାଠରେ ଦିଆଯାଇଥିବା ତଥ୍ୟ ଅନ୍ୟ ସତ୍ୟପାଠର ତଥ୍ୟର ବିରୋଧାଭାଷ କରୁଛି । ତେଣୁ ଜଣେ ବରିଷ୍ଠ ରାଜନେତା ଭାବେ ତାଙ୍କର ଏହି କାର୍ଯ୍ୟ ତାଙ୍କର ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି । ଶ୍ରୀ ସାମଲ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହିତ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦିଅନ୍ତୁ । ଏହି ବେନିୟମ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି କହିଛନ୍ତି ।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଶିଷ ଠାକରେ

ଭୁବନେଶ୍ୱର,୩।୬(ସମିସ): ରାଜସ୍ୱ ବୋର୍ଡର ସଚିବ ଭାବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ଆଶିଷ ଠାକରେ କେନ୍ଦ୍ରୀୟ ଡେପୁଟେସନରେ ଯିବେ । ଆଶିଷ ଠାକରେଙ୍କୁ ଭିନ୍ନକ୍ଷମ ଓ ସଶକ୍ତୀକରଣର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର । ୨୦୧୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇଏଏସ ଅଧିକାରୀ ୫ ବର୍ଷ ଯାଏ ଏହି ଦାୟିତ୍ୱରେ ରହିବେ ବୋଲି ମଙ୍ଗଳବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି । ୩ ସପ୍ତାହ ମଧ୍ୟରେ ସେ କାର୍ଯ୍ୟରେ ଯୋଗ ଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ପତ୍ରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି । ପୂର୍ବରୁ କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳ ଭାବେ ଆଶିଷ ଠାକରେ କାର୍ଯ୍ୟ କରିସାରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ...

ଏଥିପାଇଁ ପ୍ରଶାସନିକ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ଘଟୁଛି । ବିଶେଷ ଭାବରେ ନୀତିଗତ ନିଷ୍ପତ୍ତି ସମ୍ବନ୍ଧୀୟ ଫାଇଲ ଗୁଡ଼ିକ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକସ୍ତରରେ ଅନେକ ସମୟ ଧରି ପଡ଼ିରହୁଛି । ଯାହାଫଳରେ ଯୋଜନାଗୁଡ଼ିକ କାର୍ଯ୍ୟକ୍ରମ ହେବାରେ ବିଳମ୍ବ ଘଟୁଛି । ଏଥିପାଇଁ ବଜେଟରେ ପ୍ରାବଧାନ କରାଯାଇଥିବା ଅର୍ଥ ମଧ୍ୟ ସଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନଥିବା ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି । ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓସ୍ୱାସ ମାଧ୍ୟମରେ ପ୍ରଚଳନ ହେଉଥିବା ଫାଇଲ ଗୁଡ଼ିକ ବିଭାଗୀୟ ସଚିବମାନେ କଡ଼ାକଡ଼ି ଭାବେ କ୍ରମାଗତ ନିରୀକ୍ଷଣ ଏବଂ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ ଫାଇଲ ଗୁଡ଼ିକ ଉପରେ ଯଥାଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନେ ସୁନିଶ୍ଚିତ କରିବେ । ଏହି ନିର୍ଦ୍ଦେଶନାମାକୁ ସମସ୍ତ ବିଭାଗୀୟ ସଚିବ, ନିର୍ଦ୍ଦେଶକ, ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶନାମା ପରେ ପ୍ରଶାସନିକ ସ୍ତରରେ ଚାଲିଥିବା ଅସଙ୍ଗତି ଏବଂ ବିଶୃଙ୍ଖଳା ସ୍ପଷ୍ଟ ହୋଇ ଯାଇଛି । ପ୍ରଶାସନିକ ଅଧିକାରୀମାନେ ଶୃଙ୍ଖଳିତ ହେବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ, ସଭାରେ କହୁଛନ୍ତି । ଏହାସତ୍ତ୍ୱେ ସରକାରୀ ଫାଇଲ ପରିଚାଳନାରେ ବିଳମ୍ବ ହୋଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କ୍ଷୋଭ ପରେ ମୁଖ୍ୟ ସଚିବ ମଧ୍ୟ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀଙ୍କ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି । ମାତ୍ର କେଉଁସ୍ତରରେ ଓ କେଉଁ କାରଣରୁ ଫାଇଲ୍ ଅଟକି ରହୁଛି, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେଉଛି, ସେ ସମ୍ପର୍କରେ କେବେ ତର୍ଜମା କରାଯିବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ ।

### ପାଇଖାନା ଟାଙ୍କିରେ...

ଚାଲିଥିଲା । ଏହି ଟାଙ୍କି ଉପରେ ଛାତ ବା ସ୍ଲାବ୍ ପଡ଼ିଥିଲା । ଏହି ସ୍ଲାବର ଫଲ୍ସ କାଢ଼ିବାକୁ ଆଜି ସକାଳେ ଦୁଇ ଜଣ ଶ୍ରମିକ ସନ୍ତୁ ଏବଂ ଅମିର ଟାଙ୍କି ଭିତରକୁ ପଶିଥିଲେ । ସେମାନେ ଫଲ୍ସ କାଢିବା ବେଳେ ତାଙ୍କ ଉପରେ ଫଲ୍ସ ଖସି ପଡ଼ିଥିଲା । ଫଳରେ ଦୁଇ ଜଣ ଟାଙ୍କି ଭିତରେ ଚାପି ହୋଇଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥି।ଲେ ତ୍ରିଲୋଚନ ଓ ଲାଲୁ ରଣା । ସେମାନେ ଭିତରକୁ ପଶିବା ମାତ୍ରେ ଅଚେତ ହୋଇପଡ଼ିଥିଲେ । ସେମାନେ ବାହାରକୁ ନଆସିବାରୁ ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣା ସ୍ଥଳରେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ମଧ୍ୟ ପହଞ୍ଚିଥିଲେ । ସମସ୍ତ ଚାରି ଜଣଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ମୃତକ ୪ଜଣ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଦେବାକୁ ଘୋଷଣା କରିଛନ୍ତି ।

### ଦାଗୀ ସଂସ୍ଥାକୁ...

ଅନୁରୂପ ଭାବରେ ଗତ ୧୦ ବର୍ଷ ମଧ୍ୟରେ ଅନ୍ୟୂନ ୨୦୦ କୋଟି ଟଙ୍କାର କାର୍ଯ୍ୟ କରିଥିବା ସଂସ୍ଥାକୁ ଏଥିପାଇଁ ଯୋଗ୍ୟ ବିବେଚିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲେ ହେଁ ଏହାର ମୂଲ୍ୟାୟନ ପାଇଁ ଉଭୟ କ୍ଷେତ୍ରରେ ଭିନ୍ନଭିନ୍ନ ନମ୍ବର ପ୍ରଦାନ ସନ୍ଦେହ ସୃଷ୍ଟି କରିଛି । ଅନୁରୂପ ଭାବରେ ଟେଣ୍ଡରର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଟେକ୍‌ନିକାଲ ପ୍ରପୋଜାଲରେ ଠିକାସଂସ୍ଥାର 'ପ୍ରେଜେଣ୍ଟେସନ' ପାରାମିଟର ବା ସର୍ତ୍ତରେ ଅଫଲାଇନରେ ୩୫ ନମ୍ବର ଦିଆଯିବା ବ୍ୟବସ୍ଥା ଥିବାବେଳେ ଅନଲାଇନ୍‌ରେ ୪୫ ନମ୍ବର ପ୍ରଦାନ ପାଇଁ ବିଜ୍ଞପ୍ତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ଉଠାଇଛି । ଗୋଟିଏ ଟେଣ୍ଡର ପାଇଁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଭିନ୍ନଭିନ୍ନ ସର୍ତ୍ତ ସମ୍ବଳିତ ବିଜ୍ଞପ୍ତି କାହିଁକି ପ୍ରକାଶ କରାଯାଇଛି ସେ ସମ୍ପର୍କରେ କୌଣସି ଉତ୍ତର ମିଳୁନାହିଁ ।

ଅନ୍ୟପକ୍ଷରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ପ୍ରସ୍ତାବିତ ପ୍ରକଳ୍ପର ଠିକା ସମ୍ପ୍ରତି ଏକ ଦାଗୀ ସଂସ୍ଥାକୁ ଦିଆଯାଇଥିବା ଏବେ ଅଭିଯୋଗ ହୋଇଛି । ଯେଉଁ ସଂସ୍ଥା ସବୁଠାରୁ କମ୍ ଅର୍ଥରାଶି ସହ ଆବେଦନ କରିଥିଲା ତାକୁ ବାଦ ଦେଇ ୨% ଅଧିକ ମୂଲ୍ୟରେ ଟେଣ୍ଡର ପକାଇଥିବା ଏକ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ ପାଇଁ ମନୋନୀତ କରାଯାଇଛି । ପୂର୍ବରୁ ଏହି ସଂସ୍ଥା ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ୪ଟି ଛାତ୍ରାବାସ ନିର୍ମାଣ ପାଇଁ ଠିକା ନେଇଥିବାବେଳେ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା ଏବଂ ସଂପୃକ୍ତ ସଂସ୍ଥାର ଅଧିକାରୀମାନେ ନିମ୍ନମାନର କାର୍ଯ୍ୟ କରି ସରକାରୀ ପାଣ୍ଠି ଆତ୍ମସାତ କରିଥିବା ନେଇ ଗତ ୨୦୨୩ ସେପ୍ଟେମ୍ବର ୫ ତାରିଖରେ କଟକ ଭିଜିଲାନ୍ସ ଏସ୍‌ପି ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରିଥିଲେ । ପୂର୍ବରୁ ଯେଉଁ ଠିକା ସଂସ୍ଥା ଓଡ଼ିଶାରେ ନିମ୍ନମାନର କାର୍ଯ୍ୟ କରି ନିନ୍ଦିତ ହୋଇଛି, ସେହି ସଂସ୍ଥାକୁ କିପରି ଏହି ପ୍ରକଳ୍ପରେ ସୁଯୋଗ ମିଳିଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ଏ ସମ୍ପର୍କରେ ସିଡ଼ିଏ ଉପାଧ୍ୟକ୍ଷ ତଥା ବୈଷୟିକ କମିଟି ସଦସ୍ୟ ଅନାମ ଚରଣ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା । ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ଟେଣ୍ଡର ବିଜ୍ଞପ୍ତିରେ ବିଚ୍ୟୁତି, ପୂର୍ବରୁ ନିନ୍ଦିତ ହୋଇଥିବା ଠିକା ସଂସ୍ଥାକୁ ପ୍ରକଳ୍ପ ପ୍ରଦାନ ସମ୍ପର୍କରେ ତାଙ୍କର ମତାମତ ଲୋଡ଼ା ଯାଇଥିଲା । ସେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ଓ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ତାଙ୍କର ମତ ଦେବେ ବୋଲି କହିଛନ୍ତି ।

### ଗୋଦାମ ମାଲିକ...

ବଣ୍ଡଲ ତାର, ୩୦୨ଟି ମେଗା ପ୍ରାଇମ୍ ପ୍ୟାକେଟ ଓ ୨ଟି ମୋବାଇଲ ଜବତ କରାଯାଇଛି ।

ଗତ ୧ ତାରିଖରେ ଉକ୍ତ ପେଟ୍ରୋଲ ପମ୍ପଠାରେ ଦୁଇଟି ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଗାଡ଼ି ପାର୍କିଂ ହୋଇଥିବା ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କୁ ସୂଚନା ମିଳିଥିଲା । ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଇତିଶ୍ରୀ ବେହେରା ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ । ଅଧିକ ଯାଞ୍ଚ ପରେ ଆବଶ୍ୟକ କାଗଜପତ୍ର ନଥିବା ଜଣାପଡ଼ିଥିଲା । ପରେ ୨ଟି ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଥିଲେ ।

ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଥିବା ଏକ ମିନି ଟ୍ରକ୍‌କୁ ଲୁଟ କରିଥିଲେ । ଏହି ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ଉଭୟ ରାଜ୍ୟ ପୁଲିସ୍ ପାଇଁ ଚିନ୍ତାର ବିଷୟ ପାଲଟିଥିଲା । ପରେ ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା । ଏହା ସତ୍ତ୍ୱେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଭର୍ତ୍ତି ଦୁଇଟି ଭ୍ୟାନ ଆସିବା ସମସ୍ତଙ୍କୁ ଚକିତ କରିଛି ।

ଅପରପକ୍ଷେ, ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ସରଣ୍ଡା ଜଙ୍ଗଲସ୍ଥିତ ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ଗତ ୨୭ ତାରିଖ ରାତିରେ ସଶସ୍ତ୍ର ମାଓବାଦୀଙ୍କ ଦ୍ୱାରା ଲୁଟ୍ ହୋଇଥିବା ୫ଟନ୍ ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ଅନ୍ତର୍ଗତ ସରଣ୍ଡା ଜଙ୍ଗଲ ଭିତରେ ମାଟି ତଳୁ ଅଢ଼େଇ ଟନ୍‌ରୁ ଉର୍ଦ୍ଧ୍ୱ ସୁରକ୍ଷା କର୍ମୀ ଜବତ କରିଛନ୍ତି । ରାଉରକେଲା ପୁଲିସ ଦ୍ୱାରା କରାଯାଥିବା ଡ୍ରୋନ୍ ସର୍ଭେରୁ ହିଁ ପୁଲିସକୁ ଏହି ସଫଳତା ମିଳିଥିବା କୁହାଯାଉଛି । ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆରପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ ଏବଂ କମ୍ବିଂ ଅପରେସନ ଜାରି ରହିଥିବା ଜଣାପଡ଼ିଛି ।

### ପୁଣି ୧୫ ଟନ୍...

ପ୍ୟାକେଟ ଅର୍ଥାତ୍ ୧୫ ଟନ ବିସ୍ଫୋରକ ଏବଂ ୧୯୮ ଟି ପ୍ୟାକେଟ ରେ ୩ ଲକ୍ଷ ମିଟର ତାର ରହିଥିବା ସୂଚନା ମିଳିଛି । ଆଜି ବଡ଼ଗାଁସ୍ଥିତ ଇତମା ବାରୁଦ ଗୋଦାମଠାରେ ଏହି ବିସ୍ଫୋରକ ବୋଝେଇ ଟ୍ରକ ପହଞ୍ଚିବା ପରେ ଟ୍ରକର ଚାଳକ ଜୟ ସୁରେଶ ସବୁ ଗୋଦାମଗୃହ ସିଲ୍ ଥିବା ଏବଂ କେହି କର୍ମଚାରୀ ସେଠାରେ ନଥିବା ଦେଖିବାକୁ ପାଇଥିଲା । ଏହି ଖବର ପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ବଡଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ଏ ବିଷୟରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି ଯେ ହାଇଦ୍ରାବାଦରୁ ଆସିଥିବା ୧୫ଟନ୍ ବିସ୍ଫୋରକ ସାମଗ୍ରୀର କାଗଜପତ୍ର ଯାଞ୍ଚ ଚାଲିଛି । ଏନେଇ ବଡ଼ଗାଁ ଥାନା ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି ।


**AFFIDAVIT**

I, LAXMI MIRDHA, Resident of Bhalulata, PO: Indrapur, PS: Raiboga, DISTRICT: Sundergarh do hereby change my name from LAKSHAMANI GANJHU to LAXMI MIRDHA with immediate effect vide affidavit dated 18/03/2025 sworn before Executive Magistrate, Panposh.

**AFFIDAVIT**

I, Golap Sundari Sahu, W/o Prabhat Kumar Sahu, resident of At-Purunahatsahi, Ward no-06, Po- Baripada, Ps- Baripada Town, Dist- Mayurbhanj, Pin-757001, Odisha, declare by this dtd. 03/06/2025 affidavit no.2/12 that now onwards Arati Sahu shall be known as Golap Sundari Sahu for all future purposes.

Office of the Principal, GVHSS
**Salandi Higher Secondary School**
Uttarabahini, Po- Garadapur, Dist- Bhadrak, Pin- 756181
Email ID- salandi.principal@gmail.com, Mob- 9439444122

**WANTED GUEST FACULTY**

A Walk in interview shall be held on **Date 17.06.2025 (Tuesday)** for a **Guest Faculty in SPEFL at 10:00 am** in the office to engage for the session 2025-26. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.
**Qualification:–** MPEd. (Post Graduation in Physical Education from a recognised institution / University with at least 1 year work/teaching experience.)

**Sd/- Principal, GVHSS**
Salandi Higher Secondary School,
Uttarabahini, Bhadrak

**OFFICE OF THE SHRADHAPUR SERVICE CO-OPERATIVE SOCIETY LTD.**
At/Po - Shradhapur, P.S - Bhograi, Via - Fulabani, Dist. - Balasore - 756037
**RECRUITMENT TO THE POST OF ASSISTANT SECRETARY OF SHRADHAPUR SCS LTD.**
**APPOINTMENT NOTICE**

Advertisement No: 01 Date: 02.06.2025

Applications are invited from eligible candidates for one post of Assistant Secretary of Shradhapur SCS Ltd., Shradhapur as per the following criteria:Scale of Pay: ₹4440/- to ₹7440/- with Grade Pay ₹1650/- per month (DA and other allowances admissible subject to financial condition of the Society)Eligibility: Candidates must belong to the area of operation of Shradhapur SCS Ltd. (including Shradhapur, Sarabani, Kanyanagari, Praharajpur, Napharai, Kismat Napharai, Khadibil, Palasia, Bichitrapur, Ranasingpur, Kanthibhauri, Badapahi, Phulabani, Hadigochhia, Chakanafarai, Chakasarabani, Krushnanagar). If no suitable candidate is found, the scope extends to Bhograi block and then to Balasore district.Qualification: Minimum +2 in any discipline. Computer knowledge is mandatory, and candidates must hold a diploma/degree in computer application. Preference will be given to those with additional qualifications (e.g., B.A., B.Com., M.A., M.Sc., M.B.A., etc.).Mode of Selection: Based on academic career on a 100-point scale, primarily considering marks in H.S.C./+2 exams. Extra points for higher qualifications. Age: Must be between 21 and 38 years as of 01.01.2025. Upper age relaxation: SC/ST/OBC/SEBC/Ex-Serviceman: 43 years Co-operative Society employees: 48 years Application Details: Form Availability: From 05.06.2025 at Shradhapur SCS office for ₹500/- Submission Deadline : By 19.06.2025, between 10:00 AM to 4:00 PM (working days only).
Note: The authority reserves the right to cancel any or all applications without assigning any reason.

**Sd/-President,**
**Shradhapur SCS-Cum-Chairman,**
**Appointment Committee**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Adhikari Barik, Plot No. 498, Vill/Po- Patrapada, PS- Khandagiri, Bhubaneswar, Dist.- Khordha hereby declare that Adhikari Barik (New Name) & Prafula Barik (Old name) is one and the same person i.e.. That I shall be known as Adhikari Barik all purposes.
Sd/- Adhikari Barik

**AFFIDAVIT**

By virtue of an affidavit dtd-03/06/2025, C.F No-02 before Executive Magistrate, Bhubaneswar, I Tuna Maharana, S/o- Prabhat Maharana, At- Nilachakra Nagar, Jaydev vihar, P.O-RRL, P.S-Nayapalli, Bhubaneswar, Dist- Khordha, Pin-751013. Wrong date of Birth-20/02/2000. That now onwards, I shall be known as **SUBHAM MAHARANA** and The original date of Birth is **21/10/2006** for all future purposes.

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At-Kothakusanga, Po-Bakugram, Ps- Balanga, Pin-752105 declare that, I have changed the name of my Daughter from Simran Khoji to Riya Khoji. Henceforth, She shall be known as Riya Khoji for all purposes.
Jitendra kumar Khojee

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At-Kothakusanga, Po-Bakugram, Ps- Balanga, Pin-752105 declare that, I have changed the name of my son from Imran Khoji to Devraj Khoji. Henceforth, he shall be known as Devraj Khoji for all purposes.
Jitendra kumar Khojee

**NOTICE**

By virtue of an affidavit sworn before The Notary Public, Udala, Mayurbhanj, dated 03-06-2025, I, Shankha Hansdah, Address Village- Dahanibuda, PO.- Silaghati, PS.- Khunta, Dist- Mayurbhanj, Odisha, Pin-757019 declare that I have changed my Daughter's name from Fulamani Hansdha to Fulamani Hansdah. Henceforth, she shall be known as **Fulamani Hansdah** for all purposes.
Shankha Hansdah

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 27-05-2025 I, Panamani Hansdah, Address At-Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from Rituraj Hansdah to **Sanat Bir Hansdah**. Henceforth he shall be known as **Sanat Bir Hansdah** for all purposes.
Panamani Hansdah

**ହଜି ଯାଇଥିବା କବଲା ପାଇଁ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ମୁଁ **ଶ୍ରୀ ପ୍ରହ୍ଲାଦ ବେହେରା,** ପିତା- ପ୍ରଫୁଲ୍ଲ ବେହେରା ଗ୍ରାମ- ଗୋପିନାଥପୁର ପୋ-ଆଙ୍ଗୁଲା, ଥାନା-ଅନୁଗୋଳ ଜି-ଅନୁଗୋଳ ତା ୧୫.୦୨.୨୦୨୫ ରିଖରେ ଅନୁଗୋଳ ବଜାର ଠାରୁ ଘରକୁ ଫେରିବା ବାଟରେ ମୋର ଦଲିଲ୍ ଯାହାର ନଂ-୧୦୦୧୧୬୦୧୬୩୪ ଏହି ଦଲିଲଟି ମୋର ନାମରେ (ପ୍ରହ୍ଲାଦ ବେହେରା) ଉଜ୍ଜ୍ୱଳ ସାହୁ ଓରଫେ ଦ୍ୱାରା ରେଜେଷ୍ଟ୍ରି ହୋଇଥିଲା । ଏହି ଦଲିଲଟି ରାସ୍ତାରେ କୌଣସି ସ୍ଥାନରେ ପଡ଼ିଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋତେ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ବାହାରିବାର ୭ ଦିନ ଭିତରେ ଯୋଗାଯୋଗ କରି ମୋତେ ଉକ୍ତ ଦଲିଲ୍‌କୁ ଫେରାଇବାର ବନ୍ଦୋବସ୍ତ କରିବାପାଇଁ ଅନୁରୋଧ । ଏହି ଦଲିଲଟିକୁ ଆମ୍ଭେ ଉଜ୍ଜିବନ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଅନୁଗୋଳ ଶାଖା ପାଖରେ ବନ୍ଧକ ରଖି ଋଣକରିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ଏହି ବିଜ୍ଞାପନ ବାହାରିବାର ୭ ଦିନ ପରେ କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଏ ତାହାହେଲେ ତାହାର କୌଣସି ମୂଲ୍ୟ ରହିବ ନାହିଁ ଏବଂ କୌଣସି ବ୍ୟକ୍ତି ଏହି ଦଲିଲକୁ ପାଇ ତାହାର ଦୁରୁପଯୋଗ କରିନ୍ତି ତେବେ ଆମ୍ଭେ କିମ୍ବା ବ୍ୟାଙ୍କ ତାହାପାଇଁ ଦାୟୀ ରହିବେ ନାହିଁ ଏବଂ ଏହା ଗୋଟିଏ ଦଣ୍ଡନୀୟ ଅପରାଧ ଅଟେ ।
**ସମ୍ପତ୍ତିର ସୂଚୀ:**
ଜିଲ୍ଲା- ଅନୁଗୋଳ, ତହସିଲ-ଅନୁଗୋଳ, ମୌଜା-ଗୋପିନାଥପୁର, ଦଲିଲ ଅନୁଯାୟୀ ଖାତା ନଂ-୨୬୩, ପ୍ଲଟ ନଂ-୧୬୭
**ଯୋଗାଯୋଗ ଠିକଣା-:**
ଅକ୍ଷୟ କୁମାର ବେହେରା (ଆଡଭୋକେଟ)
ମୋବାଇଲ୍ ନଂ-୭୦୦୮୩୭୬୬୭

**AFFIDAVIT**

By virtue of an affidavit sl. no.39, dtd. 27.05.2025 in the court of the Executive Magistrate, Nandapur, I, Lalita Hinjarada have changed my dauther's name from Amrita Injarda to Amrita Hinjarada. Henceforth she will be known as **Amrita Hinjarada** instead of Amrita Injarda for all purposes.
Sd/- Lalita Hinjarada

**AFFIDAVIT**

By virtue of an affidavit sworn before the Executive Magistrate, Gop, CF No: 2237/2 dated 31/05/2025, I **DIPAK BARIK**, S/o Amareswar Barik resident of Village At - Sorabha, Po- Sorabha, Ps- Gop, Dist- Puri, Odisha Pin- 752107 declare that I have changed my minor daughter name from **Priti Pragnya Barik** to **Pritiprajna Barik.** Henceforth, she shall be known as **PRITIPRAJNA BARIK** for all purposes.
Sd- Dipak Barik

**AFFIDAVIT**

By virtue of an affidavit in the court of the Executive Magistrate, Jajpur DTD 03.02.2025 no 938 . That my son name is Janmejaya Kandi as recorded in HSC certificate and birth certificate and Mahesh Kumar Kandi as recorded in Aadhar card. Hence declared both Janmejay and Mahesh is one and same person and My son will be known as **Janmejay Kandi** in all purposes.
Sd/- Mahendra kandi

**AFFIDAVIT**

I, Saroj Kumar Bhoi, aged about 42 years, S/o-chatranand Bhoi, resident of At- Kechh-obahal, Chichinda, Dist-Jharsuguda, Pin-768216, Odisha declare by this affidavit No. 1123, dtd. 03/06/2025 that now onwards I shall be known as **SAROJ BHOI** for all future purposes.

**AFFIDAVIT**

I, Sourav Baksi, aged about 30 years, S/o-Pradipta Kumar Baksi, resident of ICICI Bank, Po- Sundargarh, PS-Town, Dist- Sundargarh, Pin-770001, Odisha declared by this affidavit No. 2254, dtd-02/06/2025 that now onwards I shall be known as **SOURAV BAKSHI** for all future purposes.

**AFFIDAVIT**

I, Abhilipsa, aged about 44 years, W/o- Pradeep Kumar Sahoo, resident of At- Purusottampur, Po/Ps- Khaira, Dist-Balasore, PIN- 756048, Odisha declared by this affidavit No. 473, dtd-30/05/2025 that now onwards I shall be known as **ABHILIPSA SAHOO** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, affidavit No. 134, on dated 02/06/2025, I **Ashwini Kumar Narula**, S/o- Late Amar Nath Narula, resident of Plot No. 2132/5037, Lewis Road, Bhubaneswar, PIN- 751002, Dist- Khordha. I want to changed my name from **Ashwani Kumar Narula To Ashwini Kumar Narula.** Henceforth, I will be known as **Ashwini Kumar Narula** for all purposes.
Ashwini Kumar Narula

**NOTICE**

It is hereby notice that Mr. Himansu Sekhar Mangaraj, partner of M/S Ishanakon Properties and Infrastructure Development bearing registration no. 1320202300047 and it's office address is At-Panasia, Po- F.C Plant, Dist- Jajpur, Pin- 755020, Odisha has been resigned and Mr. Sushanta Kumar Sahoo has joined as a new partner of the firm.

**AFFIDAVIT**

I Salony Samantsinghar, age- 47 resident of Plot No- 94 Budheswari Colony, PO: Budheswari Colony, PS: Laxmisagar, Bhubaneswar, 751006, District: Khordha, Odisha, declare by this Affidavit No- 15 AA 381931 dated - 29/05/2025 that now onwards my minor son Shreyaan shall be known as **Shreyaan Bal** for all future purposes.

**AFFIDAVIT**

I Sri Ajay Kumar Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin-757025. I swear this affidavit is to be produced before the Notary Public Betnoti Affidavit No. 02 date-27.10.2023. My daughter name wrongly type from Shuvalaxmi Sahu to Subhalaxmi Sahu . That, the correct name of my daughter is "Shuvalaxmi Sahu" for all future purpose.
(Ajay Kumar Sahu)

**AFFIDAVIT**

By virtue of an affidavit sl. no.5, dtd. 03.06.2025 in the court of the Executive Magistrate, Keonjhar,I, Rebati Naik have changed my minor son's name from Program Naik to Prittam Naik. Henceforth he will be known as Prittam Naik instead of Program Naik for all purposes.
Sd/- Rebati Naik

**AFFIDAVIT**

I, Satchida Nanda Swain, aged about 72 years, S/o-Late Kulamani Swain, resident of At-Paschimakachha, Diha Sahi, Po- Bahugram, Ps-Jagatpur, Dist- Cuttack, Odisha, Pin- 754200, declare by this affidavit No. 1124, dtd. 03/06/2025, that now onwards I shall be known as **SACHIDANANDA SWAIN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated-27/02/2025. I, **Babi Padhan,** Address: At-Nanajhar, P.O. Manigaon, P.S. Titilagarh, Dist. Bolangir, (Odisha) declare that I have changed my name from **Baby Jani To Babi Padhan.** Henceforth, I shall be known as **Babi Padhan** for all purposes.
**BABI PADHAN**

**AFFIDAVIT**

I, Bishnu Pradas Sahoo, aged about 71 years, S/o- Baidyanath Sahoo, resident of At-Purusottampur, Po/Ps-Khaira, Dist- Balasore, PIN- 756048, Odisha declared by this affidavit No. 474, dtd- 30/05/2025 that now onwards I shall be known as **BISHNU PADA SAHOO** for all future purposes.

**AFFIDAVIT**

I, Mohammed Sabir Khan, S/o- Mohammed Salik Khan, resident of Suleipur, PO- Motiganj, Dist- Balasore, PIN-756003, Odisha declared by this affidavit No. 1121, dtd-03/06/2025 that now onwards I shall be known as **MD SABIR KHAN** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-02/06/2025. I, **Pandit Bag** (Applicant name), Son of Prabhakara Bag, permanent resident of At-Dunguriguda, P.O- Adabahal, P.S-Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my minor Son name from **Iswari Bag** (old name) To **Iswar Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Iswar Bag** (new name).
**PANDIT BAG**

# ମନସା ମାତାଙ୍କ ପୂଜାର୍ଚ୍ଚନା ଓ ଅନ୍ନ ମହାମହୋତ୍ସବ

ଚନ୍ଦନେଶ୍ୱର, ୩।୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥିଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମର ନାୟିକାଣୀ ଛକ ପୂଜା ମଣ୍ଡପରେ ମନସା ମାତାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ହରିନାମ ସଂକୀର୍ତ୍ତନ ଓ ଅନ୍ନ ମହାମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରଣସିଂହପୁର ପୂଜା କମିଟି ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟ ତଥା ସହଯୋଗରେ ଦୀର୍ଘ ୨୦ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି। ଶନିବାର ମନସା ମାତାଙ୍କ ପୂଜାର୍ଚ୍ଚନା ହୋଇଥିଲା। ରବିବାର ଅଷ୍ଟମ ପ୍ରହର ହରିନାମ ସଂକୀର୍ତ୍ତନ ଶୁଭାରମ୍ଭ ହୋଇ ସନ୍ଧ୍ୟାରେ ସନ୍ଧ୍ୟାଆଳତି ଓ ମେଳି ଅନୁଷ୍ଠିତ ହୋଇଥିଲା। ସୋମବାର ଅନ୍ନ ମହା ମହୋତ୍ସବରେ ପ୍ରାୟ ଦୁଇ ହଜାର ଲୋକ ପ୍ରସାଦ ସେବନ କରିଥିଲେ। ଏଥିରେ ପୂଜା କମିଟିର ନବ କୁମାର ବେହେରା, କିଶୋର ପଟ୍ଟାୟତ, ଗୌତମ ଦାସ, ସନ୍ତୋଷ ବେହେରା, ଶରତ ମଲ୍ଲିକ, ହରେକୃଷ୍ଣ ବେହେରା, ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ସୁଜିତ ମଲ୍ଲିକ, ସୁଧୀର ପଟ୍ଟାୟତ, ବ୍ରହ୍ମାନନ୍ଦ ବେହେରା, ମୁରଲୀ ପଟ୍ଟାୟତ ପ୍ରମୁଖ ଓ ଅନ୍ୟମାନେ ସହଯୋଗ କରିଥିଲେ।



# ଜଳେଶ୍ୱରରୁ ଭୋଗରାଇକୁ ଲମ୍ବିଛି ଧଳାଜହର ଚେର

## ୧୪୫ ଗ୍ରାମର ବ୍ରାଉନସୁଗର ଜବତ, ଦୁଇ ବେପାରୀ ଗିରଫ

ଭୋଗରାଇ/ଚନ୍ଦନେଶ୍ୱର, ୩।୬ (ସମିସ)

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳ ବ୍ରାଉନ ସୁଗର କାରବାରର ହବ୍ ପାଲଟିଥିଲା ବେଳେ ଏହାର ଚେର ଭୋଗରାଇକୁ ଲମ୍ବିଲାଣି। ଆଜି ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ନିକଟବର୍ତ୍ତୀ ୫୭ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱସ୍ଥ ଜଗନ୍ନାଥପୁର ଛକଠାରେ ଡିଲ୍ ହେଉଥିବା ବେଳେ ଦୁଇ ବ୍ରାଉନ ସୁଗାର ବେପାରୀଙ୍କ ଉପରେ ଚଢ଼ଉ କରିଛି ଅବକାରୀ ବିଭାଗର ସାଟେଲାଇଟ ଟିମ। ସେମାନଙ୍କ ଠାରୁ ୧୪୫ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯିବା ସହିତ ଏଥିରେ ଜଡ଼ିତ ଥିବା ଦୁଇ ବେପାରୀଙ୍କୁ ଗିରଫ କରାଯାଇଛି।



ଜବତ ହୋଇଥିବା ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ବୋଲି ଆକଳନ କରାଯାଉଥିବା ବେଳେ ସମ୍ପୃକ୍ତ ବେପାରୀଙ୍କ ଠାରୁ ନଗଦ ୫ ହଜାର ୫ ଶହ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଦୁଇ ନିଶା ବେପାରୀ ରାଜୀବ ସାମଲ (୨୪) ଓ ଜ୍ୟୋତିରାଣୀ ଭୂୟାଁ (୨୦) ବ୍ରାଉନ ସୁଗାର ଡିଲ କରୁଥିବାବେଳେ ଭୋଗରାଇ ଅବକାରୀ ଥାନା ପୁଲିସ ହାତରେ ଧରାପଡିଛନ୍ତି। ସେମାନେ ଦୀର୍ଘ ଦିନରୁ ଭୋଗରାଇର କମର୍ଦ୍ଦା ସମେତ ପଶ୍ଚିମବଙ୍ଗ ସୀମାନ୍ତ ଉଦୟପୁର ଓ ତାଳସାରୀ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ବ୍ରାଉନ ସୁଗାର କାରବାର କରୁଥିବା ବେଳେ ସେମାନଙ୍କ ନାମରେ ବହୁ ଅଭିଯୋଗ ରହିଛି ବୋଲି ସୂଚନା ମିଳିଛି। ଦୀର୍ଘ ଦିନରୁ ସେମାନଙ୍କ ଉପରେ ପୁଲିସ ଓ ଅବକାରୀ ବିଭାଗର ନଜର ରହିଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଦୁଇ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରି ଅଧିକ ତଦନ୍ତ କରୁଛି।

# ପୋଖରୀରେ ମରିଗଲେ ୫ କୁଇଣ୍ଟାଲ ମାଛ

## ● କେହି ଦୁର୍ବୃତ୍ତ ବିଷ ପକାଇଥିବା ଅଭିଯୋଗ

ଜଳେଶ୍ୱର ବ୍ଲକ, ୩।୬ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ଗ୍ରାମ



ପଞ୍ଚାୟତର ଉମାକାନ୍ତ ମହାନ୍ତି ଗ୍ରାମରେ ଥିବା ଏକ ପୋଖରୀକୁ ଲିଜ ସୂତ୍ରରେ ନେଇ ମାଛ ଚାଷ କରୁଛନ୍ତି। ଆଜି ସକାଳେ ପୋଖରୀକୁ ଯାଇ ଦେଖିଲା ବେଳକୁ ପୋଖରୀରେ ମଲା ମାଛ ଭାସୁଥିବାବେଳେ ପରିସର ଦୁର୍ଗନ୍ଧ ହେଉଛି। କେହି ଦୃର୍ବୃତ୍ତ ପୋଖରୀରେ ବିଷ ପକାଇଥିବା ହେତୁ ପୋଖରୀରେ ଥିବା ୫ କୁଇଣ୍ଟାଲ ମାଛ ମରିଯାଇଥିବା ନେଇ ଉମାକାନ୍ତ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

# ବିଶ୍ୱ ସାଇକଲ ଦିବସରେ ସାଇକଲ ରାଲି



ଜଳେଶ୍ୱର ବ୍ଲକ, ୩।୬ (ସମିସ): ଆଜି ବିଶ୍ୱ ସାଇକଲ ଦିବସ ଅବସରରେ ଜଳେଶ୍ୱର ବିଜେପି ପକ୍ଷରୁ ନଗର ସଭାପତି ଶିବ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଜଳେଶ୍ୱର ସାନ୍ତିଆ ଚଣ୍ଡୀ ମନ୍ଦିର ପାଖରୁ ଏକ ସାଇକଲ ସଚେତନତା ଶୋଭାଯାତ୍ରା ବାହାରି ଜଳେଶ୍ୱର ବିଜେପି ଅଫିସଠାରେ ସମାପ୍ତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ଫାଲଗୁନୀ ପାଣିଗ୍ରାହୀ ଯୋଗଦେଇ ଆଧୁନିକ ସମାଜରେ ସାଇକଲର ବ୍ୟବହାର କମିବା ଯୋଗୁଁ ପରିବେଶ ପ୍ରଦୂଷଣ ହେବା ସହ ଆଜିଠୁ ସାଇକଲ ଚଳାଇବା ପାଇଁ ଶପଥ ନେବା ସହ ସାଇକଲ ଚଳାଇଲେ ଶରୀର ମଧ୍ୟ ସୁସ୍ଥ ରୁହେ ବୋଲି ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଚନ୍ଦନ ଦାସ, ରଞ୍ଜନ ପାତ୍ର, ଅମୂଲ୍ୟ ଅଣ୍ଡିଆ, ଦେବଜାନୀ ଅଣ୍ଡିଆ, ସୁମତି ରଣା, ଶଙ୍କର ଅଣ୍ଡିଆ, ଆକାଶ ଘୋଷ, ରାଜ ନାଗ, ରତନ ଦାସ, କ୍ରିଷ୍ଣା ଅଣ୍ଡିଆ, ବିଜୟ ଅଣ୍ଡିଆଙ୍କ ସମେତ ଶତାଧିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ପୁଲିସ

ମୋରଡ଼ା/ରାସଗୋବିନ୍ଦପୁର, ୩।୬ (ସମିସ): ରାସଗୋବିନ୍ଦପୁର ପୁଲିସ ସୋମବାର ଏକ ମାଲବାହୀ ଗାଡ଼ିରେ ଶ୍ରମିକଭାବେ କାମ କରିବା ପାଇଁ ଯାଇଥିବା ୪ ନାବାଳିକା ଓ ଦୁଇ ଜଣ ନାବାଳକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ଛଡାଯାଇଛି। ମୋରଡ଼ା ଥାନା ଅଧୀନ ବାରମାଇଲର ବଗଲାଡ଼ିପା ଗ୍ରାମରୁ ୨୮ ଜଣ ଶ୍ରମିକ ପଶ୍ଚିମବଙ୍ଗର ଏଗ୍ରା ଅଞ୍ଚଳକୁ କାମ କରିବା ପାଇଁ ଯାଇଥିଲେ। ସେମାନେ ଏକ ମାଲବାହୀ ଗାଡିରେ ରାତିରେ ଫେରୁଥିବା ବେଳେ ରାସଗୋବିନ୍ଦପୁର ପୁଲିସ ହାବୁଡରେ ପଡ଼ିଥିଲେ। ପରେ ଯାଞ୍ଚ କଲାବେଳକୁ ସେମାନଙ୍କ ମଧ୍ୟରୁ ୬ ଜଣ ୧୮ ବର୍ଷରୁ କମ ଥିବା ଜଣାପଡ଼ିଥିଲା। ପରେ ସମସ୍ତଙ୍କୁ ମୟୂରଭଞ୍ଜ ଶିଶୁମଙ୍ଗଳ ସମିତିରେ ଛଡାଯାଇଛି। ମାଲ ଗାଡିର ଚାଳକ ମଣ୍ଟୁ ଦାସକୁ ପୁଲିସ ଅଟକ ରଖି ପଚରାଉଚରା ଜାରି ରଖିଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ


ଶରତ, ୩।୬(ସମିସ): ଶରତ ଥାନା ଅଧୀନ ଧପଡ଼ା ଗ୍ରାମରେ ଜଣେ ୭ ବର୍ଷର ଶିଶୁପୁତ୍ର ପାଣିରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ଗ୍ରାମର ବିଭୀଷଣ ସେନାପତିଙ୍କ ୭ ବର୍ଷ ପୁଅ କୀର୍ତ୍ତିରାଜ ଘରଠାରୁ ୪ଶହ ମିଟର ଦୂରରେ ଥିବା ପୋଖରୀ ନିକଟରେ ସାଙ୍ଗମାନଙ୍କ ସହିତ ଖେଳୁଥିଲା; ହେଲେ ଅଚାନକ ସେ ପୋଖରୀ ଭିତରେ ପଡ଼ିଯାଇଥିଲା। ପରେ ସାଙ୍ଗମାନେ ଚିତ୍କାର କରିବାରୁ ପରିବାର ଲୋକେ ପହଞ୍ଚି ପୋଖରୀରୁ କୀର୍ତ୍ତିରାଜକୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର ଦାବି



ଜଳେଶ୍ୱର ବ୍ଲକ, ୩।୬ (ସମିସ): ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ଘରୋଇକରଣ ସହ ଦେଶର ସଙ୍ଘୀୟ ଢାଞ୍ଚା ଓ ସାଂସ୍କୃତିକ ବିବିଧତା ଦୁର୍ବଳ କରିବ ବୋଲି ଏସ୍ ଏଫ୍ ଆଇର ସର୍ବଭାରତୀୟ ଯୁଗ୍ମ ସମ୍ପାଦିକା ଦିପସିତା ଧର ମତ ପ୍ରକାଶ କରିଛନ୍ତି। ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଭାରତର ଛାତ୍ର ଫେଡେରେସନ୍ ( ଏସ ଏଫ୍ ଆଇ) ର ରାଜ୍ୟ ସାଂଗଠନିକ ସମ୍ମିଳନୀକୁ ଉଦଘାଟନ କରି କହିଥିଲେ ଅତୀତର ସମସ୍ତ ଶିକ୍ଷାନୀତିଠାରୁ ଜାତୀୟ ଶିକ୍ଷାନୀତି ୨୦୨୦ ଅତ୍ୟନ୍ତ ଭୟଙ୍କର। ଏହା ଦେଶର ସଙ୍ଘୀୟ ଢାଞ୍ଚାକୁ ଉଲ୍ଲଙ୍ଘନ କରି ଶିକ୍ଷାର ବ୍ୟବସାୟୀକରଣ ସହ ସାଂପ୍ରଦାୟିକ ପାଠ୍ୟକ୍ରମ ପ୍ରଚଳନ କରି ସମ୍ବିଧାନର ବୈଜ୍ଞାନିକ ଓ ଧର୍ମନିରପେକ୍ଷ ମୂଳଦୁଆ ଉପରେ ଆଘାତ କରିବ ବୋଲି ସେ କହିଥିଲେ। ଦେଶର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଭାରତୀୟ ସମାଜର ସାଂସ୍କୃତିକ ବିବିଧତା ସୁରକ୍ଷା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ପାଇଁ ଛାତ୍ରୀ ନେତ୍ରୀ ଧର ଦାବି କରିଥିଲେ।ଓଡିଶାର ଶିକ୍ଷାର ସ୍ଥିତି ଓ ଜାତୀୟ ଶିକ୍ଷାନୀତି ୨୦୨୦" ପୁସ୍ତିକା ଉନ୍ମୋଚନ ପରେ ଏସ ଏଫ୍ ଆଇର ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ବକ୍ତବ୍ୟ ରଖି କହିଲେ ଯେ ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି। ରାଜ୍ୟରେ ସବୁ ସରକାରୀ, ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଇତି ମଧ୍ୟରେ ରାଜ୍ୟରେ ୭୦୦୦ ସ୍କୁଲରେ ଚାବି ପଡ଼ିଛି। ବିଜେପି ସରକାର ଅମଳରେ ଶିକ୍ଷାର କେବଳ ଘରୋଇକରଣ ହେବ ନାହିଁ ଉଭୟ ନିଯୁକ୍ତି ଓ ପାଠ୍ୟକ୍ରମର ସାଂପ୍ରଦାୟିକ ଓ ଦଳୀୟକରଣ ପ୍ରକ୍ରିୟା ଆରମ୍ଭ ହେଲାଣି। ସଂଗଠନ ପକ୍ଷରୁ ଚନ୍ଦନ ସାହୁ ରାଜନୈତିକ ରିପୋର୍ଟ ଓ ଚନ୍ଦନ କାମିଲା ସାଂଗଠନିକ ରିପୋର୍ଟ ଆଗତ କଲାପରେ ପ୍ରତିନିଧି ମାନେ ଏହା ଉପରେ ଆଲୋଚନା କରିଥିଲେ। ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼ କଟକ, ନୟାଗଡ଼, ବାଲେଶ୍ୱର, ଗଞ୍ଜାମ , ଯାଜପୁର ଜିଲ୍ଲାରୁ ଶତାଧିକ ପ୍ରତିନିଧି ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ୧୩ ଜଣିଆ ରାଜ୍ୟ କମିଟି ନିର୍ବାଚିତ ହୋଇଛନ୍ତି।

# କୁପାରୀ ରାଜସ୍ୱ କ୍ଷେତ୍ରରୁ ଅବାଧ ମାଙ୍କଡ଼ା ଲୁଟ୍



ଖଇରା, ୩।୬ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ରାଜସ୍ୱ କ୍ଷେତ୍ର ଆଜି ଶ୍ରୀହୀନ ହୋଇ ପଡିଛି। ସୁନାର ଏହି ଭୂଇଁକୁ ନଜର ପକାଇଲେ ବିରାଟ ବିରାଟ ଖାଲ ଓ ପୋଖରୀ ହ୍ରଦ ଭିତରେ ସୀମିତ ରହିଯାଇଛି। କୁପାରୀ, ବରପଦା, କଳମଚୁଆ, ହରିପୁର, ରଟିଣା, ସାରସବାହାଲି ଇତ୍ୟାଦି ସ୍ଥାନରେ ୫୦ଏକରରୁ ଉର୍ଦ୍ଧ ଜମି ତାଡି ମାଙ୍କଡା ଲୁଟ କରାଯାଉଛି। ପରିତ୍ୟକ୍ତ ଖାଦାନରେ ପଡି ଶହ ଶହ ସଂଖ୍ୟାର ଜୀବଜନ୍ତୁଙ୍କ ଜୀବନ ଯାଉଛି। ସରକାରୀ ଜମି ସାଙ୍ଗକୁ ଏବେ ଲେକଙ୍କ ଚାଷ ଜମି ଗୁଡିକ ମଧ୍ୟ ପଥର ଖାଦାନ ପାଲଟି ଯାଇଛି। ତୁରନ୍ତ ରାଜ୍ୟ ସରକାର ଏହା ଉପରେ କଡା ଆଭିମୁଖ୍ୟ ଗ୍ରହଣ ନ କଲେ ଅଧିକାରୀ ଓ ଚୋରା ବ୍ୟବସାୟୀଙ୍କ ମିଳିତ ସହଯୋଗରେ ଚାଲିଥିବା ଏହି ଲାଭଜନକ ବ୍ୟବସାୟର ପରିଣାମ ସ୍ୱରୂପ କୁପାରୀ କ୍ଷେତ୍ରର ସୁନାମ କେବଳ କାହାଣୀରେ ସୀମିତ ହୋଇଯିବ ବୋଲି ପରିବେଶବିତ, ସାମାଜିକ ସଙ୍ଗଠନ ମାନେ କହିଛନ୍ତି। ସାଂସ୍କୃତିକ ଓ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଏହି କୁପାରୀ ମାଟି । ହେଲେ କିଛି ଲୋଭାତୁର ବ୍ୟକ୍ତି ଏହି ମାଟି ତଳୁ ମାଙ୍କଡା, ମୋରମ ଓ ପଥର ଭଳି ଲଘୁ ଖଣିଜ ପଦାର୍ଥ ଚୋରାରେ ଉତ୍ତୋଳନ କରି କେବଳ ନିଜ ସମ୍ବଳ ବୃଦ୍ଧି କରି ଚାଲିଛନ୍ତି। ସରକାରୀ ଜମିରୁ ମାଙ୍କଡା ଖାଲି କରିବା ପରେ କିଛି ଚାଷୀଙ୍କୁ ପ୍ରଲୋଭିତ କରି ଶାଗମାଛ ଦରରେ ଜମି କିଣି ସେ ଗୁଡିକରୁ ମାଙ୍କଡା ଚୋରା ଚାଲାଣ କରି ରାଜସ୍ୱ ଲୁଟି ଚାଲିଛନ୍ତି। ଦାୟିତ୍ୱରେ ଥିବା ଖଣି, ଗୃହ ଓ ରାଜସ୍ୱ ବିଭାଗ ଅଧିକାରୀ ମାନେ କାଁ ଭାଁ ପାୱାର ଟିଲର କି ଟ୍ରାକ୍ଟର ଜବତ କରୁଥିଲେ ହେଁ ଛୋଟ ମୋଟ କ୍ଷତି ତାଙ୍କୁ କିଛି ଫରକ ପଡୁନି। ଏବେ କୁପାରୀ କଲେଜ ପଟ ଛୋଟ ଶିଳ୍ପ ନିର୍ମାଣ ପାଇଁ ଇଡକଲ ତରଫରୁ ଅଧିକୃତ ଜମିକୁ ମଧ୍ୟ ମାଫିଆ ମାନେ ପ୍ରତି ରାତିରେ ମାଙ୍କଡା ହରିଲୁଟ କରିଚାଲିଛନ୍ତି। ଖାତା ନମ୍ବର ୭୯୬ର ପ୍ଲଟ ନମ୍ବର ୫୨୦, ଖାତା ନମ୍ବର ୪୮୬ର ପ୍ଲଟ ନମ୍ବର ୮୦୦ ଓ ୭୮୫, ସେହିଭଳି ବରପଦା ମୌଜାରେ ଖାତାନମ୍ବର୫୨ରପ୍ଲଟନମ୍ବର୧୫୯, ଖାତା ନମ୍ବର ୨୨୯ର ପ୍ଲଟ ୫୨୯ ଓ ୫୩୦ ଭଳି ଶତାଧିକ ପ୍ଲଟ ଚୋରା ମାଙ୍କଡା ଉତ୍ତୋଳନ ପାଇଁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ସେ ପହଞ୍ଚିବା ପୂର୍ବରୁ ଖଣି ଲୁଟେରା ମାନେ ଖସି ପଳାଉଛନ୍ତି। ପାୱାର ଟିଲର ହେଉ କି ଟ୍ରାକ୍ଟର ହେଉ ଯାହା ବି ତାଙ୍କ ସମ୍ମୁଖରେ ପଡୁଛି ତାକୁ ଜବତ କରାଯାଉଛି ବୋଲି କହିଛନ୍ତି।

# ଦୁଇ କାର୍ ଧକ୍କା, ମହିଳା ଆହତ

ସୋର, ୩।୬ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରିଲାୟନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ କାର ପଛରୁ ଆଉ ଏକ କାର ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ହାତ ଭାଙ୍ଗିଥିବା ଜଣାପଡିଛି। ବାରିପଦା ସୁନାମୋହିନୀ ଅଞ୍ଚଳର ସହଦେବ ସିଂ (୬୨)ଙ୍କ ସ୍ତ୍ରୀ ସୁନନ୍ଦା ସିଂ(୫୭)ଙ୍କ ଦେହ ଖରାପ ଥିବାରୁ ଉଭୟ ଦମ୍ପତି ଏକ କାରରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ରିଲାୟନ୍ସ ପେଟ୍ରୋଲ ପମ୍ପ ନିକଟରେ ସାମ୍ନାରେ ଯାଉଥିବା ଏକ କାରକୁ ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇଥିଲେ। ଫଳରେ ସୁନନ୍ଦାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କ ବାମ ହାତ ଭାଙ୍ଗିବା ସହିତ ସେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋର ପୁଲିସ ଗାଡି ଦୁଇଟିକୁ ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ● ଯୁବତୀଙ୍କୁ ନିର୍ଯାତନା

# ୭ ଦିନରେ ଅଭିଯୁକ୍ତଙ୍କୁ ଗିରଫ ନକଲେ ଆନ୍ଦୋଳନ

ଖଇରା, ୩।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ରପେୟା ଗାଁର ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବିବାହ କରିବା ପରେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ନେଇ ସିମୁଳିଆ ଥାନାରେ ମାମଲା(୨୭୮/୨୫) ହେବାର ୧୩ ଦିନ ବିତିଯାଇଥିଲେ ହେଁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଉନଥିବା ପରିବାର ତରଫରୁ ଅଭିଯୋଗ କରାଯାଇଛି। ଅଧିକାରୀଙ୍କ ଛତ୍ରଛାୟା ତଳେ ଥିବା ଅଭିଯୁକ୍ତ ମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରା ନ ଯାଏ ତେବେ ନିର୍ଯାତିତା ଯୁବତୀଙ୍କ ସହ ପରିବାର ଲୋକେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ରପେୟା ଗ୍ରାମର ରୂପାରାଣି ହାତୀ(୨୨)ଙ୍କ ନୁଆଗାଁ ଗ୍ରାମର ଅକ୍ଷୟ କୁମାର ମହାନ୍ତି(୪୪)ଙ୍କ ସହ ମୋବାଇଲରେ ପ୍ରେମ ସମ୍ପର୍କ ବଢିବା ପରେ ଅକ୍ଷୟ ରୂପାଙ୍କୁ ପ୍ରଲୋଭିତ କରି ନିଜ ବନ୍ଧୁବାନ୍ଧବ ଘରକୁ ନେଇ ଶାରିରୀକ ସମ୍ପର୍କ ରଖିବା ପରେ ବିବାହ ପାଇଁ ରୂପା ଜିଦ୍ ଧରିଥିଲେ। କୋର୍ଟ ଏବଂ ମନ୍ଦିରରେ ବିବାହ ପରେ ଅକ୍ଷୟ ନିଜର କିଛି ସହଯୋଗୀଙ୍କ ସହ ମିଶି ମାନସିକ ଏବଂ ଶାରିରୀକ ନିର୍ଯ୍ୟାତନା ଦେଇଥିଲେ। ମୋବାଇଲକୁ ଅକ୍ଷୟ ଜୋର ଜବରଦସ୍ତ ଛଡାଇ ନେଇଥିବାରୁ ରୂପା ଘରକୁ ଜଣାଇପାରିନଥିଲେ। ପରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୋବାଇଲରୁ ସେ ରହୁଥିବା ଜାଗା ସମ୍ପର୍କରେ ଘରକୁ ଜଣାଇବା ପରେ ସମ୍ପର୍କୀୟ ମାନେ ଉଦ୍ଧାର କରି ଅଭିଯୋଗ ପାଇଁ ସିମୁଳିଆ ଥାନାକୁ ଯାଇଥିବା ନେଇ ରୁପା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଜଣେ ସ୍ଥାନୀୟ ନେତା ଏବଂ ତାଙ୍କ ସହଯୋଗୀଙ୍କ ଇଙ୍ଗିତରେ ଏହି କାର୍ଯ୍ୟ କରାଯାଇଥିବା ବାପା ଗଦାଧର ହାତୀ ଅଭିଯୋଗ କରିଛନ୍ତି। ସିମୁଳିଆ ଥାନା ଆଇଆଇସି ଶ୍ରବଣ କୁମାର ମହାରଣାଙ୍କୁ ଯୋଗାଯୋଗ କରାଯିବା ପରେ ଉକ୍ତ ମାମଲାର ତଦନ୍ତ ଚାଲିଥିବା କହିଛନ୍ତି।

# ଈଶ୍ୱରପୁର ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ପଞ୍ଚଲିଙ୍ଗେଶ୍ୱର, ୩।୬ (ସମିସ): ଈଶ୍ୱରପୁର ସେବା ସମବାୟ ସମିତିରେ ଚଳିତ ବର୍ଷ ରବି ଋତୁରେ ଟୋକନ ପାଇଥିବା ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ଧାନମଣ୍ଡି ଖୋଲିଛି। ଚଳିତ ରବି ଋତୁରେ ମୋଟ ୬୫ଜଣ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡିଛି ଚାଷୀ ମାନଙ୍କ ଠାରୁ ଧାନ କିଣିବା ସମୟରେ ସମିତିର ସଭାପତି ଭାଗବତ ଖିଲାର, ଯୋଗାଣ ନୀରିକ୍ଷକ ଦୀପିକା ବେହେରା, ଭାରପ୍ରାପ୍ତ ସମ୍ପାଦକ ଅଶୋକ ଜେନା, ନୋଡାଲ ଅଧିକାରୀ ବିଜୟସେଠୀ, ଗ୍ରାମ ସେବକ ସୁଶୀଲ କୁମାର ବିଶ୍ୱାଳ, ସମାଜ ସେବୀ ଅମିତ୍ ବଳିଆର ସିଂହ, ସୁଧାକର ମଳିକ, ସମିତି କର୍ମଚାରୀ ଗୌତମ ମହାନ୍ତି, ଅରଜିତ ପରିଡା ସମେତ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମଦ ଜବତ, ୨ ଗିରଫ

ନୀଳଗିରି, ୩।୬ (ସମିସ): ଆଜି ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ୫୫ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସଜନାଗଡ଼ ପଞ୍ଚାୟତ ସଜନାଗଡ଼ ଗ୍ରାମର ସ୍ୱର୍ଗତ ବାଦଲ ବାସ୍କେ ଙ୍କ ପୁଅ ତୁଫାନ କୁମାର ବାସ୍କେ (୩୦)ଙ୍କ ଠାରୁ ୩୦ ଲିଟର ଏବଂ ଉକ୍ତ ପଞ୍ଚାୟତ ପାଣବନ୍ଧ ଗ୍ରାମର ବନମାଳୀ ଟୁଡୁଙ୍କ ସ୍ତ୍ରୀ କାପୁରା ଟୁଡୁ (୨୮)ଙ୍କ ଠାରୁ ୨୫ ଲିଟର ମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରି ତାଙ୍କ ନାମରେ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି।

# ଜବରଦଖଲରେ ଇଡ୍‌କୋ ଜମି, ଉଚ୍ଛେଦ ଦାବି

କାଳିପଦା, ୩।୬ (ସମିସ)

ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧିନ ଇଡ୍‌କୋ ଜାଗାକୁ ଦୀର୍ଘ ଦିନ ହେବ ସ୍ଥାନୀୟ କେତେକ ଲୋକ ଜବରଦଖଲ କରି ରଖିଛନ୍ତି। ଏବେ ସେହି ଜବରଦଖଲ ଜମିରେ ଲୋକମାନେ ଧାନ ଚାଷ କରୁଛନ୍ତି। ଇଡ଼କୋ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅବାଧରେ ସବୁ ଚାଲିଛି। ଏହି ଜବର ଦଖଲକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅନେକ ସମୟରେ ବିବାଦ ଓ ଗଣ୍ଡଗୋଳ ସୃଷ୍ଟି ହେଉଛି। ଅଶି ଦଶକରେ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ପରି ଯୋଜନାରେ ଇଡ଼କୋ ସୂତାକଳ, ସରକାରୀ ଆଇଟିଆଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କଠୁ ଜମି ଅଧି ଗ୍ରହଣ କରାଯାଇଥିଲା। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡି ଦେଲେ ଅନ୍ୟ ସମସ୍ତ କାମ ଏଠାରେ ବନ୍ଦ ରହିଛି। ସୂତାକଳ କିଛି ବର୍ଷ ଚାଲିବା ପରେ ବନ୍ଦ ହୋଇଗଲା। ସରକାରଙ୍କ ଘରୋଇ କରଣ ଯୋଜନାରେ ଏହାକୁ ନିଲାମ କରାଗଲା। କଲିକତାର ପିକନ ନାମକ ଏକ ଘରୋଇ ସଂସ୍ଥା ନିଲାମ ନେଇ ଦୀର୍ଘ ଦିନ ହେବ ପକାଇ ରଖିଛନ୍ତି। ଅନ୍ୟପକ୍ଷରେ ସୂତାକଳ ବନ୍ଦ ହୋଇ ଯିବାରୁ ସୂତାକଳର ଯନ୍ତ୍ରାଂଶ ସମେତ ଇଟା, ରଡକୁ ଲୋକେ ଚୋରି କରି ନେଇଗଲେ। ସୂତାକଳ ପଛରେ ଥିବା ଆଦର୍ଶ ଗ୍ରାମର ଘର ଏପରିକି ମାଟିକୁ ମଧ୍ୟ ସ୍ଥାନୀୟ ମାଟି ମାଫିଆମାନେ ଟ୍ରାକ୍ଟର ଲଗାଇ ବୋହି ନେଇ ଯାଇଛନ୍ତି। ସୂତାକଳର ବାଉଣ୍ଡାରୀ ବାହାରେ ଥିବା ଇଡ୍‌କୋ ଜାଗାକୁ ଜମି ବିକିଥିବା ଜମି ମାଲିକମାନେ ଜବରଦଖଲକୁ ନେଇ ଚାଷ କରୁଛନ୍ତି। ବାଲିଆପାଳରେ ଅନେକ ସରକାରୀ, ସରକାରୀ ସାହାଯ୍ୟ ପ୍ରାପ୍ତ କାର୍ଯ୍ୟାଳୟ ଭଡାରେ ଚାଲୁ ଥିବା ବେଳେ ଇଡ଼କୋ ଜାଗାକୁ ଜବରଦଖଲ ମୁକ୍ତ କରାଯାଇ ସେଠାରେ କାର୍ଯ୍ୟାଳୟ କୋଠା ନିର୍ମାଣ କରାଯାଇ ପାରନ୍ତା। ଇଡ୍‌କୋ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଇଦ୍-ଉଲ-ଜୁହା ପାଇଁ ଶାନ୍ତି କମିଟି ବୈଠକ

ଜଳେଶ୍ୱର ବ୍ଲକ, ୩।୬ (ସମିସ): ଜଳେଶ୍ୱର ଥାନା ପରିସରରେ ଇଦ୍-ଉଲ-ଜୁହା ପାଇଁ ଶାନ୍ତି କମିଟି ବୈଠକ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଜୟନ୍ତ କୁମାର ବେହେରା, ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ସୁଶୀଲ ମୁର୍ମୁ, ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି, ଏଏସଆଇ ଭଗବାନ ଦାସଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଓକିଲ ସଙ୍ଘର ସଭାପତି କୁଞ୍ଜ ବିହାରୀ ଦାସ, ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ଗିରିଜା ଶଙ୍କର ଦାସ, ଫରିଦ୍ ଅହମ୍ମଦ, କାଉନସିଲର



ଆବାସ ଅଲ୍ଲୀ, ଗୋବିନ୍ଦ ସାହୁ, ସମାଜସେବୀ କମଳ ଚକ୍ରବର୍ତ୍ତୀ, ରାଜୀବ ପରିଡ଼ା, ଫାଲଗୁନି ପାଣିଗ୍ରାହୀ, ବଜାର କମିଟି ସଭାପତି ସୁଧୀର ମାହାନ୍ତି, ମମି ପଣ୍ଡା, ରାଜିବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇଆଇସି ଜୟନ୍ତ କୁମାର ବେହେରା ଶାନ୍ତି ଓ ଶୃଙ୍ଖଳାର ସହିତ ଏହି ପର୍ବ ପାଳନ କରିବାକୁ ପରାମର୍ଶ ଦେଇଥିଲେ।

# ହିଙ୍ଗୁଳା ପୀଠରେ ଶିବବିବାହ ନୀତି ସମ୍ପନ୍ନ

ବଡ଼ସାହି, ୩।୬(ସମିସ)



ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ହିଙ୍ଗୁଳାପୀଠରେ ବାବା ଭୀମେଶ୍ୱର ମହାଦେବଙ୍କ ସହିତ ମାଆ ହିଙ୍ଗୁଳାଙ୍କର ବିବାହ ନୀତି ସମ୍ପନ୍ନ ହୋଇଛି। ସତ୍ୟଯୁଗର ଆଦିକାଳରେ ଦକ୍ଷଯଜ୍ଞରେ ଦେବୀ ନିଜ ଶରୀର ତ୍ୟାଗ କରିବା ପରେ ଶୋକସନ୍ତପ୍ତ ଶିବ ଦେବୀଙ୍କର ସେହି ଚିନ୍ମୟ ଶରୀରକୁ କେବେ କେବେ କୋଳରେ ଧରି କାନ୍ଦିବାକୁ ଲାଗିଲେ ତ କେବେ ସ୍କନ୍ଧରେ ଧାରଣ କରି ଉନ୍ମତ୍ତଭଳି ଅନ୍ୟମନସ୍କ ହୋଇ ବିଚରଣ କରିବାକୁ ଲାଗିଲେ। ଶିବ ସମଗ୍ର ବିଶ୍ୱର ପ୍ରାଣ ହୋଇଥିବାରୁ ତାଙ୍କ ସନ୍ତାପ କାରଣରୁ ଜୀବଜଗତ ମଧ୍ୟ ସନ୍ତାପିତ ହେବାକୁ ଲାଗିଲେ। ଦେବଗଣ ତ୍ରାହି ତ୍ରାହି ଡାକି ଭଗବାନ୍ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ସମସ୍ୟାର ସମାଧାନ ଲାଗି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପଠାଇ ଶିବଙ୍କ ବିରାମମଗ୍ନ ମୁହୂର୍ତ୍ତମାନଙ୍କ ସୁଯୋଗରେ ଦେବୀଙ୍କ ଚିନ୍ମୟ ଶରୀରକୁ ବହୁଧା କାଟି ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ପକାଇ ଦେଇଥିଲେ। ଦେବୀଙ୍କ ଅଙ୍ଗପ୍ରତ୍ୟଙ୍ଗ ଯୋଉଠି ବି ପଡ଼ିଲା, ଦେବୀଙ୍କ ଶରୀର ବ୍ରହ୍ମମୟ ହୋଇଥିବାରୁ ସେ ସବୁ ସ୍ଥଳ ଶକ୍ତିପୀଠ ପାଲଟିଗଲା। ସେ' ସବୁ ପୀଠରେ ଦେବୀ ନିଜେ ଆବିର୍ଭାବ ହେଲେ ତଥା ଦେବୀଙ୍କ ସନ୍ନିଧାନରେ ଯାଇ ଶିବ ନିଜେ ଭୈରବ ରୂପରେ ପ୍ରକାଶିତ ହେଲେ। ଏହି କ୍ରମରେ ପ୍ରଥମ ଶକ୍ତିପୀଠ ହିଙ୍ଗୁଳଗିରି (ଅଧୁନିକ ପାକିସ୍ତାନ) ପର୍ବତରେ ଦେବୀ ହିଙ୍ଗୁଳାଙ୍କ ସହିତ ତାଙ୍କର ଭୈରବ ଭୀମେଶ୍ୱର ମହାଦେବ ପ୍ରକଟ ହୋଇଥିଲେ। ତେଣୁ ସ୍ଥାନୀୟ ହିଙ୍ଗୁଳାପୀଠର ଶିବଙ୍କ ନାମ ମଧ୍ୟ ଭୀମେଶ୍ୱର ଓ ମାଆ ହିଙ୍ଗୁଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠିତ ହେବାପରଠାରୁ ପ୍ରତିବର୍ଷ ଶୀତଳ ଷଷ୍ଠୀରେ ମାଆ ହିଙ୍ଗୁଳାଙ୍କ ବିବାହ ନୀତି ତାଙ୍କ ଭୈରବ ଭୀମେଶ୍ୱର ମହାଦେବଙ୍କ ସହିତ ଅନୁଷ୍ଠିତ ହୋଇ ଆସୁଛି। ପ୍ରତିବର୍ଷ ବାରିପଦା କାଉନସିଲର ବିବେକାନନ୍ଦ ନାୟକ ସସ୍ତ୍ରୀକ ବରପିତାମାତା ହେଉଥିବା ବେଳେ ଚଳିତବର୍ଷ ତାଙ୍କ ଝିଅଙ୍କର କଳ୍ୟାଣକାନ୍ତ କନ୍ଟୁଆଳ ଓ ଉପାସନା ଦେବୀ ବର-ପିତାମାତା ହୋଇଛନ୍ତି। ଉଦଳାର ଶିକ୍ଷକ ପ୍ରକାଶଚନ୍ଦ୍ର ଦାଶ ଓ ଭାରତୀ ଦେବୀ କନ୍ୟା-ପିତାମାତା ରୂପେ ସଂକଳ୍ପ କରିଥିଲେ। ପରମବୈଷ୍ଣବୀ ମାଆ ହିଙ୍ଗୁଳାଙ୍କ ଇଷ୍ଟଦେବ ଶ୍ରୀଜଗନ୍ନାଥ ମହାପ୍ରଭୁ କନ୍ୟାର ଭାଇ ଭାବରେ ଉପସ୍ଥିତ ଥିଲେ। ମନ୍ଦିରର ସେବକତ୍ରୟ ବୈଦ୍ୟନାଥ ଦାଶ, ନିରଞ୍ଜନ ଆଚାର୍ଯ୍ୟ ଓ ପ୍ରେମାନନ୍ଦ ଦାଶ ବିବାହ ନୀତି ହୋମ ଯଜ୍ଞ ଆଦି ଅନୁଷ୍ଠାନ କରିଥିଲେ। ହାତଗଣ୍ଠି ଖଇ ପୋଡ଼ା ଆଦି ନୀତି ପରେ ଦେବଦେବୀଙ୍କ କଉଡ଼ିଖେଳ ଅନୁଷ୍ଠିତ ହୋଇଥିଲା। ଚାନ୍ଦଡିହାର ଶ୍ରୀକଣ୍ଠ ମହାନ୍ତିଙ୍କ ଦଳ ହରିନାମ ସଙ୍କୀର୍ତ୍ତନ କରିଥିଲେ। ବରଯାତ୍ରୀ ଦଳରେ ଅଞ୍ଚଳର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିଲେ।

## ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଉତ୍ତେଜନା



**ବାରିପଦା, ୩।୬(ସମିସ):** ପାଲବଣିରୁ ପିଆରଏମ ମେଡ଼ିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ କରାଯାଇ ହୋଇ ୪ ଥାକିଆ ବିଶିଷ୍ଟ ରାସ୍ତା ହେବ। ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ରଙ୍ଗାମାଟିଆଠାରେ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ମଙ୍ଗଳବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପିଆରଏମ ମେଡ଼ିକାଲ କଲେଜ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିନା ଥଇଥାନରେ ଜବରଦଖଲ ମୁକ୍ତ କରିବାକୁ ନେଇ ଅସନ୍ତୋଷ ହୋଇଥିଲା। ଯାହାକୁ ନେଇ ଜେସିବି ସହାୟତାରେ ଉଚ୍ଛେଦ ପ୍ରକ୍ରିୟାକୁ ଲୋକେ ରୋକିଥିଲେ। ପୁଲିସ ଅଧିକାରୀ ଉକ୍ତ ସ୍ଥାନକୁ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହାପରେ ପୁଣି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ଷ୍ଟାର୍ ପ୍ରୋଜେକ୍ଟ ସମୀକ୍ଷା; ପିଲାଙ୍କୁ ପାଠ ପଢ଼ାଇଲେ ଡିଇଓ ଓ ବିଇଓ



**ବେତନଟୀ, ୩।୬(ସମିସ):** ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଷ୍ଟାର ପ୍ରୋଜେକ୍ଟରେ ବେତନଟୀ ବ୍ଲକର ୫-ଟି ସ୍କୁଲକୁ ଅନ୍ତର୍ଭୁକ୍ତ କରି ଏଫଏଲଏନ କାମ କରାଯାଇଥିବା ବେଳେ ମଙ୍ଗଳବାର ଉକ୍ତ କାମଗୁଡ଼ିକର ସମୀକ୍ଷା ଏବଂ ତଦାରଖ କରିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍କୁଲ ଗସ୍ତକରି ପିଲାଙ୍କ ସହିତ ମିଶି ପାଠ ପଢ଼ିଲେ ଓ ପଢ଼ାଇଲେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ। ସୂଚନା ମୁତାବକ ଷ୍ଟାର ପ୍ରୋଜେକ୍ଟରେ ଏଫଏଲଏନ କାମ ପାଇଁ ବେତନଟୀ ବ୍ଲକର ଭୋଗବାଟି, ପୁରୁଣାପାଣି, ଗରୁଡବସା, ଇନ୍ଦିରାନଗର ଏବଂ ଗବପାଳ ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ଏହି ସ୍କୁଲ ଗୁଡ଼ିକରେ ହୋଇଥିବା ଏଫଏଲଏନ କାମର ସମୀକ୍ଷା ତଥା ତଦାରଖ କରିବାକୁ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ପୂର୍ଣ୍ଣଚନ୍ଦ୍ର ସେଠୀ ଅନ୍ୟାନ୍ୟ ବୈଷୟିକ ଟିମ ଏବଂ ଅଧିକାରୀଙ୍କ ସହିତ ଆସି ପୁରୁଣାପାଣି ସ୍କୁଲର ପହଞ୍ଚିଥିଲେ। ସେଠାରେ ହୋଇଥିବା ଏଫଏଲଏନ କାମଗୁଡ଼ିକର ତଦାରଖ କରିବା ସହିତ ସମୀକ୍ଷା ମଧ୍ୟ କରିଥିଲେ। ଶିକ୍ଷାଧିକାରୀଙ୍କର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ସ୍କୁଲ ଆଖପାଖ ପିଲାମାନଙ୍କୁ ଏକଜୁଟ କରାଯାଇଥିଲା। କୁନିକୁନି ପିଲାଙ୍କ ସହିତ ପକ୍କାରେ ବସି ପଢ଼ିବା ସହିତ ପାଠ ପଢ଼ାଇଥିଲେ ଜିଲ୍ଲା ଶିକ୍ଷାଧିକାରୀ ଓ ବେତନଟୀ ବ୍ଲକ ଶିକ୍ଷାଧିକାରୀ। ଏହି ଅବସରରେ ଅନ୍ତର୍ନିବେଶୀ ଶିକ୍ଷାସଂଯୋଜକ ନିରଞ୍ଜନ ନାୟକ, ବରିଷ୍ଠ ବୈଷୟିକ ପରାମର୍ଶଦାତା ଇଂ. ପଦ୍ମଲୋଚନ ପ୍ରଧାନ, କନିଷ୍ଠ ବୈଷୟିକ ପରାମର୍ଶଦାତା ଇଂ. ପ୍ରଶାନ୍ତ ବେହେରା, ପ୍ରାକ୍ତନ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ମନ ଜିଣିଲା ଐତିହାସିକ ନାଟକ 'ମହାକବି କାଳିଦାସ'



**ବାରିପଦା, ୩।୬(ସମିସ):** ସମୟଧାରାରେ ବଦଳୁଛି ଦର୍ଶକଙ୍କ ରୁଚି ଓ ସିନେମା, ଟିଭି, ମୋବାଇଲ ଦେଖି ଦେଖି ମନ ଭରିଗଲା ପରେ ନାଟକ ପ୍ରତି ପୁଣିଥରେ ଆକୃଷ୍ଟ ହେଉଛନ୍ତି ଦର୍ଶକ। ପୌରାଣିକ ଓ ଐତିହାସିକ ନାଟକ ଗୁଡ଼ିକ ଅତୀତରେ ବେଶ ଲୋକପ୍ରିୟତା ହାସଲ କରିଥିଲେ ହେଁ ପରବର୍ତ୍ତୀ ସମୟରେ ସାମାଜିକ ଓ କାଳ୍ପନିକ କାହାଣୀ ଉପରେ ଆଧାରିତ ନାଟକ ସବୁକୁ ପଛରେ ପକେଇଦେଲା; ମାତ୍ର ଗତକାଲି ସହୀଦ ଭବନରେ ରାଉରକେଲାର ଅଗ୍ରଣୀ ନାଟ୍ୟସଂସ୍ଥା ସମ୍ପର୍କର ପ୍ରଯୋଜିତ ଐତିହାସିକ ନାଟକ 'ମହାକବି କାଳିଦାସ' ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା। ଭୁବନେଶ୍ୱରର ଅଭିନନ୍ଦନ ଓ ବାରିପଦାର ରୂପାନ୍ତରର ମିଳିତ ଆନୁକୂଲ୍ୟରେ ଆୟୋଜିତ ମଞ୍ଚତୀର୍ଥ ନାଟକ ଉତ୍ସବ ଅବସରରେ ମଞ୍ଚସ୍ଥ ନାଟକଟି ବହୁବର୍ଷ ପରେ ଦର୍ଶକଙ୍କ ମନଙ୍କୁ ଜିଣିନେଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପାନ୍ତରର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଓ ପ୍ରତିଷ୍ଠାତା ପରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ଏବଂ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକରେ ବିଜୟ କୁମାର ପାତ୍ର, ମୁରଲୀଧର ଦାଶ, ଭାସ୍କର ଚନ୍ଦ୍ର ମହାପାତ୍ର, ବିବେକାନନ୍ଦ ଦାଶ, ସୁରେନ୍ଦ୍ର ପାଢ଼ୀ, ପ୍ରଣବ ପାଣିଗ୍ରାହୀ, ପ୍ରଳୟ ଶତପଥି, ବବିତା ମହାଲିକ, ପୁଷ୍ପା ବିଶୋଇ, ସୁରଭି ରଣା, ସସ୍ମିତା ବେଜ, ଗ୍ରୀଷ୍ମା ତିୱାରୀ, ସ୍ୱଦିତା ଖୁଣ୍ଟିଆ ଓ ଭରତ ଚନ୍ଦ୍ର ବେହେରା ନିଖୁଣ ଭାବରେ ଅଭିନୟ କରିଥିଲେ। ମଞ୍ଚ ପରିଚାଳନାରେ ଜଗନ୍ନାଥ ସେଠ, ମଞ୍ଚ ସଜ୍ଜାରେ ପ୍ରଳୟ ଶତପଥି, ସଙ୍ଗୀତରେ ଶକ୍ତି ପ୍ରସାଦ ମିଶ୍ର, ଆଲୋକରେ ରାଜେଶ ଶତପଥି, ରୂପସଜ୍ଜାରେ ମାମା ଚିତ୍ରାଳୟ ଓ ନୃତ୍ୟ ପରିଚାଳନାରେ ସୁଦେଷ୍ଣଓରାଣୀ ରାଉତ ସହାୟତା କରିଥିଲେ।

## ଦ୍ୱିତୀୟ ଦିନରେ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସର ଧାରଣା



**ରାଇରଙ୍ଗପୁର, ୩।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହର ନିକଟ ଦାଣ୍ଡବୋଷଠାରେ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ତଥା ପୁରୁଣାପାଣି ଗ୍ରାମପଞ୍ଚାୟତରେ ରୁଙ୍ଗଟା କମ୍ପାନୀ ଦ୍ୱାରା କଲକାରଖାନା ନାଁରେ ଆଦିବାସୀ ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଗରିବ ପରିବାରକୁ ନ୍ୟାୟ, କ୍ଷତିପୂରଣ ଓ ଥଇଥାନ ଦାବିରେ ନେଇ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଚାଲିଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ କଂଗ୍ରେସ କର୍ମୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଗଣଧାରଣା ରେ ବସିଥିଲେ। ଓଡ଼ିଶା ଭୂମି ଅନଧିକରଣ ଦଖଲ ନିବାରଣ ଅଧିନିୟମ ୧୯୭୨ ୬(୧) ଧାରା ଅନୁଯାୟୀ ଲୋକମାନଙ୍କୁ ୩୦ ଦିନ ମଧ୍ୟରେ ଜାଗାରୁ ହଟିଯିବା ପାଇଁ ନିର୍ଦ୍ଦେଶ ଦିଆଯିବା ସ୍ଥଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ପୁଲିସ ଲଗାଇ ଘରକୁ ଭାଙ୍ଗି ଦିଆଗଲା। ଓଡ଼ିଶା ଜମି ଅଧିକରଣ ଆଇନ ୨୦୧୩ ଅନୁଯାୟୀ ଏହି ସମ୍ପ୍ରସାରିତ ପ୍ରକଳ୍ପ ହେବାକୁ ଥିବା ସାମାଜିକ, ଆର୍ଥିକ ଏବଂ ପରିବେଶଗତ କ୍ଷତିର ଆକଳନ କରାଯାଇନାହିଁ। ଏହି ଗ୍ରାମ ସମ୍ପୂର୍ଣ୍ଣ ଭାବରେ ସମ୍ବିଧାନର ପଞ୍ଚମ ଅନୁସୂଚିତ ଅଞ୍ଚଳ ତଥା ପେଶା ଆଇନ ପରିସର। ଏହି ବ୍ୟବସ୍ଥା ଅନୁଯାୟୀ ଗ୍ରାମ ସଭାର ବିନା ଅନୁମୋଦନ କୌଣସି ପ୍ରକାର ଜମିଜମା ଉଚ୍ଛେଦ କିମ୍ବା ହସ୍ତାନ୍ତର କରାଯାଇପାରିବ ନାହିଁ। ଜମି ଏକର ପ୍ରତି କୋଟିଏ ଟଙ୍କା ଏବଂ ଘର ବାବଦକୁ ୨୫ ଲକ୍ଷ ଲେଖାଏଁ ପ୍ରଦାନ କରାଯିବା ସହିତ ଅନ୍ୟ ଦାବି ଗୁଡ଼ିକ ରହିଛି। ଧାରଣାରେ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରି, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ଭୁବନବିହାରୀ ସାହୁ ସମେତ ବହୁ ବିସ୍ଥାପିତ ପରିବାର ସାମିଲ ହୋଇଥିଲେ।

## ଘରେ କଳାକନା ବୁଲାଇଲେ ଚୋର

**ହାଟଡ଼ିହୀ, ୩।୬(ସମିସ):** ଆନନ୍ଦପୁର ଉପଖଣ୍ଡରେ ଏବେ ଚୋର ମାନଙ୍କ ଉତ୍ପାତ କମିବାର ନାଁ ଧରୁନି। ଗତକାଲି ରାତିରେ କଳିଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କଳାକନା ବୁଲାଇଛନ୍ତି ଚୋରମାନେ। ସୁରେନ୍ଦ୍ର ଦାସଙ୍କ ପରିବାର ଲୋକେ ସ୍କୁଲ ନିକଟରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ଭୋର ସମୟରେ ଯାତ୍ରାରୁ ଫେରିବା ପରେ ତାଙ୍କ ଘରର ଝରକା ଭଙ୍ଗା ହୋଇଥିବା ଓ ଚୋରମାନେ ଭିତରେ ପଶି ବାକ୍ସରେ ଥିବା ନଗଦ ୨୦ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଦେଖିଥିଲେ। ଏନେଇ ସୁରେନ୍ଦ୍ର ଦାସଙ୍କ ପତ୍ନୀ ସୁନିତା ଦାସ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ସପ୍ତାହକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୁଟ ଘଟଣା ପୁଲିସ ଆଖିରୁ ନିଦ ହଜାଇ ଦେଇଛି। ଅତିରିକ୍ତ ଏସପି ମନୋଜ ରାଉତ ଆନନ୍ଦପୁର ଅଞ୍ଚଳରେ ରହି ତଦନ୍ତକୁ ଜୋରଦାର କରିଥିଲେ ବି ଲୁଟେରାଙ୍କୁ ଠାବ କରିବାରେ ସଫଳ ହୋଇନାହାନ୍ତି। ଗତକାଲି କେନ୍ଦୁଝରରୁ ଏକ ସାଇବର ଟିମ ପହଞ୍ଚି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା।

## ବଢୁଛି ମଦ ମାଫିଆଙ୍କ ଦୌରାତ୍ମ୍ୟ | ମଦ ବିରୋଧରେ ମହିଳା ବାରଦୁଆର

ତେଲକୋଇ, ୩।୬(ସମିସ)



- ଅବକାରୀ କାର୍ଯ୍ୟାଳୟରେ ତାଲା
- ପୁଲିସ ବି ଅଭିଯୋଗ ରଖିଲାନି

ଗାଁଗଣ୍ଡାରେ ଦେଶୀ ଓ ବିଦେଶୀ ମଦର ବେଆଇନ କାରବାରକୁ ବନ୍ଦ କରିବା ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଥିବା ବେଳେ ସେମାନଙ୍କୁ ଆଜି ଦୁର୍ବ୍ୟବହାରର ଶିକାର ହେବା ସହ ବାରଦୁଆର ହେବାକୁ ପଡ଼ିଛି। ଦେଉଳଡିହା ପଞ୍ଚାୟତ ଜେନାଦର ଗ୍ରାମରୁ ଏଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଧରି ଗ୍ରାମର ଏକାଧିକ ମହିଳା ଥାନାକୁ ଆସିଥିବା ବେଳେ ସେଠାରେ ତାଙ୍କର ଅଭିଯୋଗକୁ ଗ୍ରହଣ କରାଯାଇ ନଥିଲା। ପରେ ସେମାନେ ସ୍ଥାନୀୟ ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ସେଠାରେ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ଜଣେ ମହିଳା କନେଷ୍ଟବଳଙ୍କୁ ଅଭିଯୋଗପତ୍ର ଦେଇ ଘରକୁ ଫେରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। କାର୍ଯ୍ୟାଳୟକୁ ଖୋଲା ରଖିବା ବଦଳରେ କେଉଁ ଉଦ୍ଦେଶ୍ୟରେ ବାହାରେ ତାଲା ପକାଇ ଅଧିକାରୀ ଓ କର୍ମଚାରୀ ଭିତରେ ରହୁଛନ୍ତି ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ ଜେନାଦର ଗ୍ରାମର ନିରାକାର ମହାନ୍ତ ଗ୍ରାମରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାର ଚଳାଇ ଆସୁଛନ୍ତି। ଗ୍ରାମବାସୀ ମଦ ବିକ୍ରି କରିବାକୁ ମନା କରିଥିଲେ ମଧ୍ୟ ମଦ ମାଫିଆ ଗ୍ରାମବାସୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛି। ଫଳରେ ଗ୍ରାମର ଶତାଧିକ ମହିଳା ମାଫିଆ ଘରକୁ ଯାଇ ବେଆଇନ ମଦ ବିକ୍ରି କରିବାକୁ ମନା କରିଥିଲେ। ଏଥିରେ ମଦ ମାଫିଆ ନିରାକାର ଉତକ୍ଷିପ୍ତ ହୋଇ ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ଟେକା ପଥର ମାରି ଆକ୍ରମଣ କରିଥିଲା। ସେ ମଦ ବିକ୍ରି କରିବାକୁ ସରକାରଙ୍କ ଠାରୁ ଲିଜ(ଅନୁମତି) ପାଇଥିବା କହି ଧମକ ଚମକ ଦେଇଥିଲା। ଫଳରେ ଗ୍ରାମର ମହିଳାମାନେ ସେଠାରୁ ଜୀବନ ବଞ୍ଚାଇବା ପାଇଁ ଭୟରେ ପଳାଇ ଆସି ତେଲକୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ତେଲକୋଇ ଥାନା ପକ୍ଷରୁ ମହିଳା ମାନଙ୍କ ଅଭିଯୋଗକୁ ଗ୍ରହଣ କରା ଯାଇ ନଥିଲ। ପରେ ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଯାଇଥିବା ବେଳେ ସେଠାରେ ତାଲା ପଡ଼ିଥିବାରୁ ମହିଳାମାନେ ନିରାଶ ହୋଇଥିଲେ। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଦ୍ୟାଧରପୁର କେନାଲ ଦୁର୍ନୀତିକୁ ଚପାଇ ଦେବାକୁ ଉଦ୍ୟମ



**ଆନନ୍ଦପୁର, ୩।୬ (ସମିସ):** ବିଦ୍ୟାଧରପୁର କେନାଲ ଡିଭିଜନରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ତଦନ୍ତ ବାଟବଣା ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ଜଳସମ୍ପଦ ବିଭାଗର ଦୁର୍ନୀତି ନିବାରଣ ଅଧିକାରୀମାନେ ବିଦ୍ୟାଧରପୁର କେନାଲ ଡିଭିଜନର ବିଭିନ୍ନ ସବଡିଭିଜନକୁ ଯାଇ ଦୁର୍ନୀତି ଅଭିଯୋଗର ତଦନ୍ତ କରିଥିଲେ। ବିଶେଷ କରି ଖଇରା ସବଡିଭିଜନ ଓ ହଦଗଡ଼ ସବଡିଭିଜନରେ ଅଧିକାଂଶ କାମରେ ମିଥ୍ୟା କାମ ଦେଖାଇ ଅନୁଦାନ ହଡ଼ପ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିକି ଜଣେ ଜଣେ ଠିକାଦାରଙ୍କ ନାମରେ ଆୱାର୍ଡ କାମ ନାମରେ ୩୦-୪୦ ଲକ୍ଷ ଟଙ୍କାର ବିଲ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। କାଗଜପତ୍ରରେ କାମ ହୋଇଥିବା ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ୨୦ କୋଟିରୁ ଅଧିକ ଟଙ୍କା ବାଟମାରଣା ହୋଇଛି ବୋଲି ବିଦ୍ୟାଧରପୁର ବିକାଶ ମଞ୍ଚ ଅଭିଯୋଗ କରିଥିଲା। ଅନିଯୋଗକୁ ଦୁର୍ବଳ କରିଦେବା ସହିତ ଦୁର୍ନୀତିକୁ ଚାପିଦେବା ପାଇଁ ଏବେ ଯୋଗଦାର ପ୍ରୟାସ ଆରମ୍ଭ ହୋଇଯାଇଛି। ଗତ କିଛିଦିନ ହେଲା ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନେ କିଛି ଠିକାଦାରଙ୍କ ମାଧ୍ୟମରେ ରାଜନୈତିକ ଚାପ ପ୍ରୟୋଗ କରିବା ଆରମ୍ଭ କରିଦେଇଛନ୍ତି। ନେତା, ମନ୍ତ୍ରୀଙ୍କୁ ଭେଟି କିପରି ରଫାଦଫା କରାଯିବ ସେନେଇ ହଦଗଡ଼ ବିଦ୍ୟାଧରପୁର ଛେନାପଦି ବନ୍ତ ଓ ଅଗରପଡ଼ାରେ ରୁଦ୍ଧଦ୍ୱାର ବୈଠକ ହୋଇଛି। ତେବେ, କୋଟି କୋଟି ଟଙ୍କାର ହରିଲୁଟରେ ସମ୍ପୃକ୍ତ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ଆଲୋଚନା ହୋଇଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ମୋରଡା, ୩।୬(ସମିସ):** ମୋରଡା ଥାନା ଅନ୍ତର୍ଗତ ମୋରଡା-ବରକନ୍ଦ ମୁଖ୍ୟ ରାସ୍ତାର ପାଞ୍ଚଗୋଛିଆ ନିକଟରେ ଥିବା ଏକ ବିଲ ମଝିରେ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପଡ଼ିଥିଲା। ମୃତ ଯୁବକଙ୍କ ପରିଚୟ ମିଳିପାରିନଥିବା ବେଳେ ଶରୀରରେ କ୍ଷତଚିହ୍ନ ଥିବାରୁ ହତ୍ୟା କରି କିଏ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ପୁଲିସ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛନ୍ତି।

## ଅବକାରୀ ବିଭାଗର ଚଢ଼ଉ; ୨ କୋର୍ଟଚାଲାଣ


**ବେତନଟୀ, ୩।୬(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢାଉ କରାଯାଇ ଚୋରା ଦେଶିମଦ ଜବତ କରାଯିବା ସହିତ ଏହି ବେଆଇନ କାରବାରରେ ଜଡ଼ିତ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ଚେମା ସିଂର ସ୍ତ୍ରୀ ଜାମି ସିଂ(୪୫) ଏବଂ ରାସଗୋବିନ୍ଦପୁର ଥାନା ଅଧୀନ ବଡାମପୁର ଗ୍ରାମର ସ୍ୱର୍ଗତ ଚୈତନ୍ୟ ସୋରେନର ପୁଅ ସୁବଦା ସୋରେନ(୪୦)। ଉଭୟଙ୍କ ନିକଟରୁ ୧୪ ଲିଟର ଦେଶୀମଦ ଜବତ ହୋଇଛି।

### ନିଦାଘ ଖରା; ପାଣି ଭାର ୫୦ ଟଙ୍କାରେ ବିକ୍ରି

## ଜଳଯୋଗାଣ ବନ୍ଦ ପଡ଼ିଛି; ଅସ୍ତବ୍ୟସ୍ତ ଜନଜୀବନ

**ଯୋଡ଼ା, ୩।୬(ସମିସ):** ଯୋଡ଼ା ପୌରପାଳିକାରେ ଆଜକୁ ତିନି ଦିନ ହେଲାଣି ଜଳଯୋଗାଣ ବନ୍ଦ ପଡ଼ିଛି। ସରକାରଙ୍କ ଘର ଘର ନିର୍ମଳ ଜଳଯୋଗାଣ ଯୋଜନା ବାଟବଣା ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ମନୋଭାବ ପାଇଁ ଟିକେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଜନସାଧାରଣ। ମୌସୁମୀ ଆସି ଛୁଇଁ ଦେଇ ଚାଲିଗଲା ପରେ ନିଦାଘ ଖରା। ଦିନର ତାପମାତ୍ରା ବଢ଼ିବାରେ ଲାଗିଛି। ଏପଟେ ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଜନସାଧାରଣ ହଇରାଣ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା ଏଯାଏ କରାଯାଇନାହିଁ। କେବେଠାରୁ ଜଳଯୋଗାଣ ନିୟମିତ ହେବ, ସେନେଇ ମଧ୍ୟ ବିଭାଗ ପାଖରେ କୌଣସି ଉତ୍ତର ନାହିଁ। ଏଭଳି ପରିସ୍ଥିତିରେ ଟ୍ୟାଙ୍କର ଦ୍ୱାରା ଜନସ୍ୱାସ୍ଥ୍ୟ ବିଭାଗ ୱାର୍ଡବାସୀଙ୍କୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା ରହିଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ ଚାପ ହୋଇ ବସିଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କହିଛନ୍ତି ଯେ ଗୁରୁବେଡାଠାରେ ଥିବା ଜଳ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ନୂଆ ଟ୍ରାନ୍ସଫର୍ମର ଅଣାଯାଇ ଲଗାଯାଇ ବିଦ୍ୟୁତ ଯୋଗାଯୋଗ କରାଯାଉଛି। ବୁଧବାର ସୁଦ୍ଧା ଯଥାବିତ ଜଳ ଯୋଗାଣର ସମ୍ଭାବନା ଅଛି। ଅନ୍ୟପଟେ, ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି ଯେ ପାଣି ପାଇଁ ଲୋକ ନାନାଦି ଅସୁବିଧା ଭୋଗୁଛନ୍ତି। ସୁନା ନଦୀରେ ପାଣି ନାହିଁ ଯାହା ଅଛି ସେଥିରେ ଲୋକ ଗାଧୋଇଲେ ନାନାଦି ଚର୍ମ ରୋଗରେ ଆକ୍ରାନ୍ତ ହେବେ। ଏ ଅସମୟରେ ବିଭାଗ ପକ୍ଷରୁ କୌଣସି ବିକଳ୍ପ ନ ଥିବାରୁ ଗୋଟିଏ ଭାର ପାଣିକୁ ୫୦ ଟଙ୍କା ଦେଇ କିଣିବାକୁ ପଡୁଛି। ତେଣୁ ଏହାର ତୁରନ୍ତ କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଆସେକାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ବହଳଦା/ତିରିଂ, ୩।୬(ସମିସ):** ଆଦିବାସୀ ସାମାଜିକ ଶିକ୍ଷା ଓ ସଂସ୍କୃତିକ ପରିଷଦ (ଆସେକା)ର ତିରିଂ ଶାଖା ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଆରୋଗ୍ୟମ ନାମକ ଏକ ଆୟୁର୍ବେଦ ସଂସ୍ଥା ଓ ଆୟୁର୍ବେଦ ଦନ୍ତ ଫାର୍ମାର ଡାକ୍ତର ଏବଂ ତାଙ୍କ ସହଯୋଗୀ ଦ୍ୱାରା ରକ୍ତଚାପ, ରକ୍ତ ମଧୁମେହ ଆଦି ପରୀକ୍ଷା କରାଯାଇଥିଲା। ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଜୀବନ ଶୈଳୀ ଓ ଶାରୀରିକ ପୁଷ୍ଟି ହୀନତା ପରୀକ୍ଷା କାର୍ଯ୍ୟକ୍ରମରେ ଡାକ୍ତର ସଞ୍ଜୟ କୁମାର ରାଉତ (ଭୁବନେଶ୍ୱର), ଭରତୀ ସୋରେନ୍ (କରଞ୍ଜିଆ) ତଥା ଡାକ୍ତର ଲକ୍ଷ୍ମଣ ମୁର୍ମୁ ଏବଂ ଶ୍ରୀମତୀ ହୀରା ମୁର୍ମୁ (ବିଶାଖାପାଟଣା) ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷାର ତଥ୍ୟ ଓ ଔଷଧ ପ୍ରଦାନ କରିଥିଲେ। ଶିବିରରେ ପାଖାପାଖି ୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏପରି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯିବ ବୋଲି ଆସେକା ତିରିଂ ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ଆସେକା ତିରିଂ ଶାଖା ଅଧ୍ୟକ୍ଷ ଛଟରାୟ ହେମ୍ବ୍ରମଙ୍କ ସହିତ ସଂଘ ସଦସ୍ୟ ରାମରାୟ ମାଝୀ, କୁଆଁର ମୁର୍ମୁ ଏବଂ ସୁଗଦା ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

■ ରଥଖଳାରୁ...

# ଚାଲିଛି ଚକ ଥାକ



ପୁରୀ,୩।୬(ସମିସ): ଆଉ ୨୩ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ ନିର୍ମାଣକାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଛି। ତାଳଧ୍ୱଜ ଏବଂ ଦେବଦଳନ ଚକ ଥାକ କାର୍ଯ୍ୟ ଶେଷ ହୋଇଥିବାବେଳେ ନନ୍ଦିଘୋଷ ରଥର ଏହି କାର୍ଯ୍ୟ ଜାରି ରହିଛି। ରଥଯାତ୍ରା ପୂର୍ବଦିନ ରଥଗୁଡ଼ିକ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାରଠାରେ ପହଞ୍ଚିପାରିବ ସେଥିପାଇଁ ଦିଗ ନିର୍ଣ୍ଣୟ କରାଯାଇ ଚକ, ଅଖଗୁଡ଼ିକୁ ସେଟିଂ କରାଯାଇଥାଏ। ଏଥିସହ ରଥ ନିର୍ମାଣ ସମୟରେ ଚକଗୁଡ଼ିକ ନିଜ ସ୍ଥାନରୁ ନ ଗଡ଼ିବା ପାଇଁ ପ୍ରତ୍ୟେକ ଚକରେ ମେଣ୍ଟି ଲଗାଯାଉଛି। ସେହିପରି ୫ଟି ଲେଖାଏଁ ପୋଲ ଗଯଳ କାମ ସରିଥିବାବେଳେ ତିନିରଥର ଜଗତପୃଷ୍ଠ ଶ୍ରେଣୀ ୪ଟି ଲେଖାଏଁ ଶେଷ ହୋଇ ଗୋଟିଏ ଲେଖାଏଁ ବାକି ରହିଛି। ଦେବଦଳନ ରଥର ୨ଟି ଓ ତାଳଧ୍ୱଜ ରଥର ଗୋଟିଏ ଧୂଳିଦଣ୍ଡା ଶେଷ ହୋଇଥିବାବେଳେ ନନ୍ଦିଘୋଷ ରଥର ୨ଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାରମାନେ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ କରୁଛନ୍ତି। ମୁହାଁଟିରେ ଡାଳିଲତା ଶେଷ ପର୍ଯ୍ୟାୟରେ। ରଥଚାଳିରେ ରୂପକାର ସେବକ ତିନିରଥର ଦୁଆର ପାଇଁ ନାଟଗୋଡ଼ରେ ରାହୁରୂପ ଖୋଦେଇ ସହ ସିଂହାସନ ମୁହାଁଟିରେ ଖୋଦେଇ ଚିତ୍ରର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡା କଣ୍ଟା, ଗଯଳ କଣ୍ଟା, ଗରଗରା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

## ଗାଡ଼ି ଚେକିଂରେ ପୁଲିସକୁ ଅଧିକ କ୍ଷମତା

# ବସ୍ ମାଲିକ ସଂଘର ବିରୋଧ, ନିଷ୍ପତ୍ତିର ପୁନର୍ବିଚାର ଦାବି

ଭୁବନେଶ୍ୱର,୩।୬(ସମିସ): ଯାନବାହାନ ଯାଞ୍ଚରେ ରାଜ୍ୟ ସରକାର ପୁଲିସକୁ ଅଖଣ୍ଡ କ୍ଷମତା ଦେବାକୁ ଯୋଜନା କରିଛନ୍ତି। ପୂର୍ବ କ୍ଷମତା ସହ ଏମ୍‌ଭି ଆକ୍ଟରେ ପୁଲିସକୁ ଆହୁରି କ୍ଷମତାଶାଳୀ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ତୀବ୍ର ବିରୋଧ କରିଛି। ସରକାରଙ୍କ ଏହି ପଦକ୍ଷେପ ସମସ୍ୟା ସୃଷ୍ଟି କରିବ ବୋଲି ଉଲ୍ଲେଖ କରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବସ୍‌ମାଲିକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛି।

ମୋଟର ଯାନ ପରିବହନ ଆଇନ ୧୯୮୮ ଅନୁଯାୟୀ ପୁଲିସକୁ ହେଲମେଟ୍, ସିଟ୍ ବେଲ୍ଟ, ଟ୍ରିପଲ ରାଇଡର୍, ଭୁଲ୍ ସାଇଡ୍ ଡ୍ରାଇଭିଂ, ମଦ୍ୟପାନ କରି ଗାଡ଼ି ଚାଳନା ଇତ୍ୟାଦି ମୋଟରଯାନର ଯାଞ୍ଚ ପାଇଁ କିଛି କ୍ଷମତା ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାର ମୋଟରଯାନର ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ ଅତିରିକ୍ତ କ୍ଷମତା ପ୍ରଦାନ କରିବାକୁ ଯୋଜନା ସରକାର ଓ ପରିବହନକାରୀ ସଂସ୍ଥା ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଅତୀତରେ ପୁଲିସକୁ ଏପରି ଦାୟିତ୍ୱ ଦିଆଯାଇଥିଲା; ମାତ୍ର ପୁଲିସ୍ ଏହାର ଅପବ୍ୟବହାର କରିଥିଲା ଓ ଦୁର୍ନୀତି ବୃଦ୍ଧି ପାଇଥିଲା । ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା କ୍ଷମତା ପ୍ରତ୍ୟାହାର କରିଥିଲେ। ସମ୍ପ୍ରତି ରାଜ୍ୟରେ ଅପରାଧ ହ୍ରାସ କ୍ଷେତ୍ରରେ ପୁଲିସ ସଫଳ ହୋଇପାରିନାହିଁ। ଏହାସହ ସେମାନଙ୍କୁ ପରିବହନ ବିଭାଗର ଦାୟିତ୍ୱ ପ୍ରଦାନ କରାଗଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ ନାହିଁ ଓ ଅନ୍ୟପକ୍ଷରେ କ୍ଷମତାର ଅପବ୍ୟବହାର କରି ପୁଲିସ ଅଧିକ ଦୁର୍ନୀତି କରିବାର ଆଶଙ୍କା ରହିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ୍ ଶାଖା ସୃଷ୍ଟି କରିଥିଲେ। ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଦୁର୍ନୀତି ବଢ଼ିବ ଓ ସାଧାରଣ ଲୋକମାନେ ଶୋଷଣର ଶିକାର ହେବେ। ଫଳରେ ସରକାର ମଧ ସାଧାରଣରେ ବଦନାମ କରିବ। ବିଭିନ୍ନ ସାଧାରଣ ସଭାରେ ପୁଲିସର ନକାରାତ୍ମକ ମନୋଭାବ ବିଷୟରେ ମୁଖ୍ୟମନ୍ତ୍ରୀ ନିଜେ ଚିନ୍ତାପ୍ରକଟ କରିଛନ୍ତି। ଏବେ ବି ଗାଡ଼ି ମାଲିକମାନଙ୍କୁ ପୁଲିସ ବିଭାଗ ଦ୍ୱାରା ଅନାବଶ୍ୟକ ଇ-ଚାଲାଣକୁ ମାଧ୍ୟମ କରି ହଇରାଣ କରାଯାଉଛି। ସମ୍ପ୍ରତି ଭୁବନେଶ୍ୱରରେ ପୁଲିସ୍ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ମନଇଛା ୫୦୦ରୁ ଅଧିକ ଇ-ଚାଲାଣ କାଟିଛି। ଏହା ପରିବହନ ସଂସ୍ଥା ଦ୍ୱାରା ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ କ୍ରୋଧ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଗାଡ଼ି ଯାଞ୍ଚ କ୍ଷମତା ପୁଲିସକୁ ପ୍ରଦାନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା

# ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘର ଦୃଢ଼ ପ୍ରତିବାଦ



ବାରିପଦା, ୩।୬(ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ବାଲିମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣାର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ। ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଈଶ୍ୱର ନାଏକ ଏବଂ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ପ୍ରତିବାଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ଲଘୁ ଖଣିଜ ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଆବେଦନ କରିଛନ୍ତି। ଅପରପକ୍ଷେ, ଗତକାଲିର ଘଟଣାରେ ପୁଲିସ୍ ଆଜି ୩ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ସୋମବାର ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୂରମାର୍ କରିଦେଇଥିଲେ। ଏହି ଘଟଣା କପ୍ତିପଦା ଥାନା ସମ୍ମୁଖରେ ଘଟିଥିଲା।

ପ୍ରକାଶଥାଉକି, ସମଗ୍ର ଜିଲ୍ଲାରେ ବିଭିନ୍ନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଖଣି ଅଧିକାରୀଙ୍କୁ ଆକ୍ରମଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା କମିଥିବା ବେଳେ ପୁଲିସର ନିରବତା ପାଇଁ ରାଜସ୍ୱ ବିଭାଗ ଅଧିକାରୀ ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

# କଳାବ୍ୟାଜ୍ ପିନ୍ଧିଲେ ତହସିଲ କର୍ମଚାରୀ




କପ୍ତିପଦା, ୩।୬ (ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ ଜଣାଇ ମଙ୍ଗଳବାର ତହସିଲର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ତହସିଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ମଚାରୀମାନଙ୍କ ସହ ତହସିଲଦାର ମଧ୍ୟ ସାମିଲ ଥିଲେ। ଅତିରିକ୍ତ ତହସିଲଦାରଙ୍କୁ ମାଫିଆମାନେ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ଗତକାଲିର ଘଟଣାକୁ ନେଇ ତହସିଲର ସମସ୍ତ କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ପୁଲିସ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନକଲେ, ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ସମସ୍ତ ତହସିଲ ପକ୍ଷରୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଆଜି ଅପରାହ୍ଣ ସୁଦ୍ଧା ୩ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୯ ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରିଣୀ ବବିତା ପୁହାଣ କହିଛନ୍ତି।

# ମହିଳା ଆୟୋଗରେ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱାରୋପ

କଟକ, ୩।୬ (ସମିସ): ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ ଆଇନ ସେବା ଭବନଠାରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ମହିଳା ଓ ଶିଶୁମାନଙ୍କ ଆଇନଗତ ସମସ୍ୟାର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସନ୍ଦର୍ଭରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ ବିଚାରପତିଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଭଳି ଭାବେ ଅଭିଯୋଗ ପତ୍ରଗୁଡ଼ିକର ଉପଯୁକ୍ତ ସମାଧାନ କରାଯାଇପାରିବ ଏବଂ ଯୌନ ଅତ୍ୟାଚାର, ଯୌତୁକ ଜନିତ ତଥା ମହିଳା ସମ୍ବନ୍ଧୀୟ ଅପରାଧର ପୀଡ଼ିତାମାନଙ୍କୁ ସମୟାନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ ତାହା ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ ପ୍ରଥମେ ଏତଲା ରୁଜୁ ହେବା ସମ୍ପର୍କରେ ଜଷ୍ଟିସ ସାହୁ ଗୁରୁତ୍ୱରୋପ କରିଥିଲେ। ଏତତ୍‌ବ୍ୟତୀତ ସେ ପୀଡିତାମାନଙ୍କୁ ଆଇନ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁକମ୍ପାରାଶି ତଥା ଉପଯୁକ୍ତ ଅଧିବକ୍ତା ଯୋଗାଇଦେବା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ଆୟୋଗଠାରେ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ କରିବା ଏବଂ ଅଭିଯୋଗ-ପ୍ରକ୍ରିୟା ପୀଡିତା ତଥା ବିପକ୍ଷବ୍ୟକ୍ତିଙ୍କୁ ପୁଲିସ୍ ମାଧ୍ୟମରେ ସୂଚନା ଦେବାକୁ ଜଷ୍ଟିସ ସାହୁ ପରାମର୍ଶ ପ୍ରଦାନ କରିଥିଲେ।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୨୫ • ପାଉଣ୍ଡ ୧୧୫.୩୬
- ୟୁରୋ ୯୭.୨୩ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୮୦୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୭୩୭.୦୦
- ନିଫ୍ଟି ୨୪,୫୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଓଇସିଡି ରିପୋର୍ଟ

# ଟ୍ରମ୍ପ୍‌ଙ୍କ ଶୁଳ୍କ ନିଷ୍ପତ୍ତି ଆମେରିକାକୁ ବୁଡ଼ାଇବ

ୱାଶିଂଟନ୍,୩।୬(ଏଜେନ୍ସି): ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକା ଚଳିତବର୍ଷ ବର୍ଷ ଏକ ବଡ଼ ମାନ୍ଦାବସ୍ଥା ଆଡକୁ ମୁହାଁଇଛି। ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ ଏହା କୁହାଯାଇଛି। ଆମେରିକାର ଜିଡିପି ଅଭିବୃଦ୍ଧି ୨୦୨୫ରେ ୨.୮% ରୁ ୧.୬% କୁ ହ୍ରାସ ପାଇବ ଏବଂ ୨୦୨୬ ରେ ଏହା ଆହୁରି ୧.୫% କୁ ଖସିଆସିବ। ରିପୋର୍ଟ ଅନୁଯାୟୀ, ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଏବଂ ତାଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ।

ଓଇସିଡି ଅନୁଯାୟୀ, ଟ୍ରମ୍ପ ଆମଦାନୀ ଉପରେ ହାରାହାରି ଶୁଳ୍କ ହାର ୨.୫% ରୁ ୧୫.୪% କୁ ବୃଦ୍ଧି କରିଛନ୍ତି, ଯାହା ୧୯୩୮ ପରଠାରୁ ସର୍ବାଧିକ। ଏଥିଯୋଗୁ କେବଳ ଆମେରିକୀୟ ଲୋକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁନାହିଁ, ବରଂ ଏହା ଆମଦାନୀ ହୋଇଥିବା କଞ୍ଚାମାଲ ଉପରେ ନିର୍ଭରଶୀଳ କମ୍ପାନୀଗୁଡ଼ିକର ଖର୍ଚ୍ଚ ମଧ୍ୟ ବୃଦ୍ଧି କରିଛି। ଟ୍ରମ୍ପ ପ୍ରାୟ ପ୍ରତ୍ୟେକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛନ୍ତି ଏବଂ ଇସ୍ପାତ, ଆଲୁମିନିୟମ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଶୁଳ୍କ ମଧ୍ୟ ଲଗାଇଛନ୍ତି। କେବଳ ଏତିକି ନୁହେଁ, ସେ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଶୁଳ୍କ ୫୦% ବୃଦ୍ଧି କରିବାକୁ ମଧ୍ୟ ଧମକ ଦେଇଛନ୍ତି। ଏହି ଅନିଶ୍ଚିତତା ବ୍ୟବସାୟୀ ଏବଂ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି। ଏ ସମ୍ପର୍କରେ ଓଇସିଡି ମୁଖ୍ୟ ଅର୍ଥନୀତିଜ୍ଞ ଆଲଭାରୋ ପେରେରା କହିଛନ୍ତି ଯେ ବାଣିଜ୍ୟ ପ୍ରତିବନ୍ଧକ ଏବଂ ନୀତି ଅନିଶ୍ଚିତତା ବିଶ୍ୱ ବାଣିଜ୍ୟ ଏବଂ ନିବେଶକୁ କ୍ଷତି ପହଞ୍ଚାଇଛି। ଗତ ସପ୍ତାହରେ, ନ୍ୟୁୟର୍କର ଏକ କୋର୍ଟ ଟ୍ରମ୍ପଙ୍କ ଅଧିକାଂଶ ଶୁଳ୍କକୁ ବେଆଇନ କହି ବନ୍ଦ କରିଦେଇଥିଲେ, କିନ୍ତୁ ଆପିଲ୍ କୋର୍ଟ ଏହି ଶୁଳ୍କକୁ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି, ଯାହା ଅନିଶ୍ଚିତତାକୁ ଆହୁରି ବୃଦ୍ଧି କରିଛି।



## ଶୁଭିଲାଣି ମାନ୍ଦାବସ୍ଥାର ପଦଧ୍ୱନୀ

## ଜିଡିପି ଅଭିବୃଦ୍ଧି ୨% ତଳେ ରହିବ

ବିଶ୍ୱ ଅର୍ଥନୀତି ମଧ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଭାବର ସମ୍ମୁଖୀନ ହେଉଛି। ଓଇସିଡି ଆକଳନ କରିଛି ଯେ ବିଶ୍ୱ ଅଭିବୃଦ୍ଧି ୨୦୨୪ ରେ ୩.୩% ରୁ ୨୦୨୫ ରେ ୨.୯% କୁ ହ୍ରାସ ପାଇବ ଏବଂ ୨୦୨୬ରେ ସମାନ ରହିବ। ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଚୀନ୍ ୨୦୨୫ରେ ୪.୭% ଏବଂ ୨୦୨୬ ରେ ୪.୩% ଅଭିବୃଦ୍ଧି ପାଇବ, ଯାହା ଗତ ବର୍ଷ ୫% ଥିଲା। ଟ୍ରମ୍ପଙ୍କ ଶୁଳ୍କ ଚୀନ୍ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ, ଯଦିଓ ବେଜିଂ ସୁଧ ହାର ହ୍ରାସ ଏବଂ କାରଖାନାଗୁଡ଼ିକୁ ଉନ୍ନତ କରି କିଛି ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଛି। ଅନ୍ୟପକ୍ଷରେ, ୟୁରୋ ମୁଦ୍ରା ବ୍ୟବହାର କରୁଥିବା ୨୦ ୟୁରୋପୀୟ ଦେଶ ୨୦୨୫ ରେ ୧% ଏବଂ ୨୦୨୬ ରେ ୧.୨% ଅଭିବୃଦ୍ଧି ପାଇପାରିବେ, ଯାହା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଦ୍ୱାରା ସହାୟତା ପାଇବ।

# କୁର୍ଲାରେ ଗୋଦାମ ଘର ଲିଜ୍‌ରେ ନେଲା ଟେସ୍‌ଲା

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଭାରତରେ କାର୍ ବିକ୍ରି କରିବାକୁ ଆଗ୍ରହୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ସବୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିପାଇଁ କମ୍ପାନୀ ମୁମ୍ବାଇର କୁର୍ଲା ଅଞ୍ଚଳର ଲୋଧା ଲଜିଷ୍ଟିକ୍ ପାର୍କରେ ୨୪,୫୬୫ ବର୍ଗଫୁଟ ଗୋଦାମ ସ୍ଥାନକୁ ପାଞ୍ଚ ବର୍ଷ ପାଇଁ ଲିଜ୍ ନେଇଛି ଏଲନ ମସ୍କଙ୍କ ଟେସ୍‌ଲା କମ୍ପାନୀ। ତଥ୍ୟ ଅନୁଯାୟୀ ମସ୍କଙ୍କ ଟେସଲା ଇଣ୍ଡିଆ ମୋଟର ଆଣ୍ଡ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଏହି ଜାଗାକୁ ମୋଟ ୨୪.୩୮ କୋଟି ଭଡ଼ାରେ ଲିଜ୍ ନେଇଛି। ଦଲିଲଗୁଡ଼ିକରୁ ମିଳିଥିବା ତଥ୍ୟ ଅନୁସାରେ, ଲିଜ୍ ନେଇଥିବା ସ୍ଥାନରେ ଦୁଇଟି ଭୂତଳ ମହଲା ୟୁନିଟ୍(ଗ୍ରାଉଣ୍ଡ ଫ୍ଲୋର୍) ରହିଛି ଯାହାର ମୋଟ କାର୍ପେଟ ଏରିଆ ୧୯ ,୦୦୦ ବର୍ଗଫୁଟରୁ ଅଧିକ। ଏବଂ ଚାର୍ଜେବୁଲ ଏରିଆ ୨୪,୦୦୦ ବର୍ଗଫୁଟରୁ ଅଧିକ। ପ୍ରଥମ ବର୍ଷ ପାଇଁ ପ୍ରାରମ୍ଭିକ ମାସିକ ଭଡା ୩୭.୫୩ ଲକ୍ଷରୁ ଅଧିକ, ବାର୍ଷିକ ୫% ବୃଦ୍ଧି ସହିତ, ପାଞ୍ଚ ବର୍ଷର ଲିଜ୍ ଅବଧିରେ ମୋଟ ଭଡା ୨୪ କୋଟିରୁ ଅଧିକ ହୋଇଛି।

# ସେନ୍‌ସେକ୍ସ ୬୩୬ ପଏଣ୍ଟ ଖସିଲା

ମୁମ୍ବାଇ,୩।୬(ଏଜେନ୍ସି): ଘରୋଇସେୟାର ବଜାର ମଙ୍ଗଳବାର ଲଗାତାର ତୃତୀୟ ଦିନ ପାଇଁ ଲାଲ୍ ସଂକେତରେ ବନ୍ଦ ହୋଇଛି। କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସ୍‌ଇ ସେନ୍‌ସେକ୍ସରେ ୬୩୬.୨୪ ପଏଣ୍ଟ ବା ୦.୭୮ ପ୍ରତିଶତ ହ୍ରାସ ପାଇ ୮୦,୭୩୭.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଏନ୍‌ଏସ୍‌ଇ ନିଫ୍ଟିରେ ୧୭୪.୧୦ ପଏଣ୍ଟ ବା ୦.୭୦ ପ୍ରତିଶତ ହ୍ରାସ ପାଇ ୨୪,୫୪୨.୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି ।

# ସ୍ମାର୍ଟ ବଜାର ଆକର୍ଷଣୀୟ ରଜ ଅଫର ଆରମ୍ଭ




ଭୁବନେଶ୍ୱର,୩।୬(ସମିସ) : ରଜ ପର୍ବ ପାଳନ କରିବା ପାଇଁ ରିଲାଏନ୍ସ ରିଟେଲର ଏକ ଅଗ୍ରଣୀ ଖୁଚୁରା ଗନ୍ତବ୍ୟସ୍ଥଳୀ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଉତ୍ସବଗୁଡିକ ଭୁବନେଶ୍ୱରସ୍ଥିତ ସ୍ମାର୍ଟ ବଜାର ଷ୍ଟୋରରେ ଏକ ସ୍ୱତନ୍ତ୍ର ଇଭେଣ୍ଟ ସହିତ ଆରମ୍ଭ ହୋଇଛି, ଯେଉଁଥିରେ କମ୍ପାନୀର ସୁପରମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ ବିଭାଗର ଚିଫ ମାର୍କେଟିଂ ଅଫିସର ସୁରଭି ସେନଙ୍କ ସମେତ ଲୋକପ୍ରିୟ ସେଲିବ୍ରିଟି ଅତିଥି ଲିପ୍ସା ମିଶ୍ର ଆଚାର୍ଯ୍ୟ ଓ ରିୟା ଦେ' ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତିଥିମାନେ ମିଳିତ ଭାବେ ପାର୍ବଣ ଅଫରଗୁଡିକୁ ଉନ୍ମୋଚନ କରିଥିଲେ ଓ ରଜ କାର୍ଯ୍ୟକଳାପ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯୋଗ ଦେଇ ରିଲାଏନ୍ସ ରିଟେଲ ଲିମିଟେଡ- ଭାଲ୍ୟୁ ଫର୍ମାଟର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ୱ ସମ୍ପର୍କରେ କହିଥିଲେ। ସ୍ମାର୍ଟ ବଜାରରେ ରଜ ପର୍ବ ସ୍ୱତନ୍ତ୍ର ଅଫରଗୁଡ଼ିକ ମଧ୍ୟରେ ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ଫ୍ୟାଶନ ଉତ୍ପାଦ କ୍ରୟ କରି କେବଳ ୯୯ ଟଙ୍କାରେ ଏକ ଡିଜାଇନର ସଫି ବ୍ୟାଗ୍ ରହିଛି। ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସଫିଂ କରନ୍ତୁ ଏବଂ କେବଳ ୫୯୯ ଟଙ୍କାରେ ଏକ ଫିଲିପ୍ସ ହେୟାର ଡ୍ରାୟର ମିଳିବ। ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଲେଡିସ୍ କୁର୍ତ୍ତା ଉପରେ ୨୦%ର ଫ୍ଲାଟ ରିଆତି ଉପଲବ୍ଧ। ସୁଗର ପପ୍ କସ୍‌ମେଟିକ୍ସ ଉପରେ ସ୍ୱତନ୍ତ୍ର ଡିଲ ସହିତ ଫେଷ୍ଟିଭ ଗ୍ଲୋ ରହିଛି। ଏଥିସହ ନେଲପଲିସ୍ ଓ କାଜଲ ଭଳି ନିଶ୍ଚିତ ଉତ୍ପାଦଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ମିଳୁଛି। ଏହି ଅବସରରେ ଲୁଜ ସୁଗାର ୪୪.୫୦ ଟଙ୍କା / କେଜି, ଲୁଜ ଏଚଏମଟି କୋଲମ ରାଇସ ୫୧ ଟଙ୍କ/ କେଜି, ଲୁଜ ତୁର ଡାଲ ଇକୋନୋମି ୯୯ଟଙ୍କା/ କେଜି, ଗୁଡ ଲାଇଫ ଜିରା ସାର ରାଇସ ୪୦ ଟଙ୍କା/ କେଜି (୨୬କେଜ ପ୍ୟାକ- ସର୍ତ୍ତାବଳୀ ଲାଗୁ)ରେ ପାଇପାରିବେ।

# କ୍ରମ୍ପଟନ୍‌ର ଆକର୍ଷଣୀୟ ମାର୍ଭେଲ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ସିରିଜ୍

ନୂଆଦିଲ୍ଲୀ,୩।୬(ଏଜେନ୍ସି): ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି। ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି,ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ।କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି।

## ଆମେରିକା ବାଣିଜ୍ୟ ସଚିବଙ୍କ ସୂଚନା

# ଭାରତ- ଆମେରିକା ବାଣିଜ୍ୟ ଆଲୋଚନା ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୩।୬(ଏଜେନ୍ସି): ଟ୍ରମ୍ପ୍‌ଙ୍କ ଶୁଳ୍କ ଲାଗୁ ପରେ ଖୁବଶୀଘ୍ର ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇପାରେ। ଏହି ଆଲୋଚନା ଦ୍ୱାରା ଉଭୟ ଦେଶଙ୍କୁ ଫାଇଦା ହେବ। ମଙ୍ଗଳବାର ଓ୍ୱାଶିଂଟନରେ ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍)ର ଲିଡରସିପ୍ ସମିଟ୍‌ରେ ଆମେରିକାର ବାଣିଜ୍ୟ ସଚିବ ହାଓ୍ୱର୍ଡ ଲୁଟନିକ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଲାଇ ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହେବ। କାରଣ ଦୁଇ ଦେଶ ଏଭଳି ବାଟ ବାହାର କରିଛନ୍ତି ଯାହା ଉଭୟଙ୍କ ପାଇଁ ଫାଇଦା ହେବ। ଏହା ପୂର୍ବରୁ ସୋମବାର ମଧ୍ୟ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ କହିଥିଲେ ଯେ, ଦୁଇ ଦେଶ ପରସ୍ପରର ବାଣିଜ୍ୟକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ଦୁଇ ଦେଶ ଲଗାତାର ଭାବେ ଆଲୋଚନା ଜାରି ରଖିଛନ୍ତି। ଏହା ପୂର୍ବରୁ ଏପ୍ରିଲରେ ଭାରତ ଗସ୍ତରେ ଆସିଥିବାବେଳେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ କହିଥିଲେ ଯେ, ଆମେରିକା ଏବଂ ଭାରତ ବାଣିଜ୍ୟ ଆଲୋଚନା ପାଇଁ ସର୍ତ୍ତକୁ ଫାଇନାଲ କରିଛନ୍ତି। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜୁଲାଇ ୮ ପୂର୍ବରୁ ଦୁଇ ଦେଶ ଏକ ଅନ୍ତରୀଣ ବୁଝାମଣା ଉପରେ ସହମତ ହୋଇପାରନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ୨୬% ଟାରିଫ୍ ଲଗାଇବା ଘୋଷଣା ପରଠାରୁ ଦୁଇ ଦେଶ ବାଣିଜ୍ୟ ଆଲୋଚନା ଉପରେ କଥାବାର୍ତ୍ତା ଜାରି ରଖିଛନ୍ତି। ଆମେରିକାର ଟାରିଫ୍ ଭାରତ ଉପରେ ଜୁଲାଇ ୮ରୁ ଲାଗୁ ହେବ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ପ୍ରେମ ବ୍ୟାପାରରେ ସଫଳ ହେବେ।


**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶ୍ରତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୯୧୯ - ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯ - ସି.ରାଜଗୋପାଳଚାରୀ ସ୍ୱତନ୍ତ୍ର ପାର୍ଟି ନିର୍ମାଣ ପାଇଁ ଘୋଷଣା କଲେ।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ।



# ଜୁନ୍ ୨୭ରେ 'ନିକିତା ରୟ'

ହରର୍ ଓ ରୋମାଣ୍ଟିକ ପରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବେ ଏକ ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ନିକିତା ରୟ'। ଏହି ଫିଲ୍ମ ମେ' ୩୦ରେ ସିନେମା ହଲ୍‌ରେ ରିଲିଜ୍ ହେବାର ଥିଲା। ହେଲେ ବର୍ତ୍ତମାନ ଫିଲ୍ମର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସୋନାକ୍ଷୀଙ୍କ ଭାଇ କୁଶ୍ ସିହ୍ନା ଅଛନ୍ତି। ଏହା ଏକ ସାଇକୋଲଜିକାଲ ସସ୍‌ପେନ୍ସ ଥ୍ରିଲର୍ ସିନେମା ହେବ। ଏଥିରେ ସୋନାକ୍ଷୀ ନିକିତା ଚରିତ୍ରରେ ନଜର ଆସିବେ। ସୋନାକ୍ଷୀଙ୍କ ବ୍ୟତୀତ ପରେଶ ରାୱଲ, ଅର୍ଜୁନ ରାମପାଲ ଏବଂ ସୁହେଲ ନାୟର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ସମ୍ପର୍କରେ ଅପ୍ରେଲ ମାସରେ ଘୋଷଣା କରାଯାଇଥିଲା ଏବଂ ଏହା ମେ' ୩୦ରେ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଏହାର ମୁକ୍ତିଲାଭ ଦିନକୁ ଘୁଞ୍ଚାଇ ଦିଆଯାଇଛି। ସୋନାକ୍ଷୀ ଏକ ପୋଷ୍ଟ ମାଧ୍ୟମରେ ଫିଲ୍ମର ନୂଆ ମୁକ୍ତିଲାଭ ଦିନ ବିଷୟରେ ଘୋଷଣା କରିଛନ୍ତି। ସେ ଫିଲ୍ମର ଏକ ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଆପଣଙ୍କ କ୍ୟାଲେଣ୍ଡରରେ ନୋଟ୍ କରି ଦିଅନ୍ତୁ। ରୋମାଞ୍ଚକ ଥ୍ରିଲର୍ 'ନିକିତା ରୟ'ର ନୂଆ ଡେଟ୍ ସାମ୍ନାକୁ ଆସିଛି। ଜୁନ୍ ୨୭ରେ ଥିଏଟରରେ ଏହାକୁ ଦେଖନ୍ତୁ।' ତେବେ ସୋନାକ୍ଷୀଙ୍କ ଏହି ପୋଷ୍ଟ ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି'। 'ନିକିତା ରୟ' ବାଦ୍ ସୋନାକ୍ଷୀ 'ଜଟାଧାରା' ଫିଲ୍ମ ମାଧ୍ୟମରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସୁଧୀର ବାବୁ ମୁଖ୍ୟ ଭୂମିକାରେ ନଜର ଆସିବେ।

# ତିନି ରାତି ନ ଶୋଇଲେ ବୃଦ୍ଧି ପାଏ ହୃଦ୍‌ଘାତ ଆଶଙ୍କା

ଆଜିକାଲି ଲୋକେ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଯୋଗୁଁ ରାତିରେ ବିଳମ୍ବରେ ଶୋଉଥିବାର ଦେଖାଯାଇଛି। ଲଗାତାର ତିନି ରାତି ଠିକ୍‌ରେ ନ ଶୋଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷକରି ହୃଦ୍‌ଘାତ ଆଶଙ୍କା ଅଧିକ ବୃଦ୍ଧି ପାଏ। ସୁନିଦ୍ରା କେବଳ ଥକ୍କାପଣ ଦୂର କରି ନ ଥାଏ, ଏହା ହୃତ୍‌ପିଣ୍ଡକୁ ମଧ୍ୟ ମଜଭୁତ କରିଥାଏ। ସ୍ୱିଡେନର ଉପସାଲା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, କିଛି ରାତିର ସ୍ୱଳ୍ପ ନିଦ୍ରା ବି ହୃଦୟ ପାଇଁ କ୍ଷତିକାରକ ହୋଇପାରେ। ନିଦ ପୂରା ନ ହେବା ଦ୍ୱାରା ଶରୀରରେ ଇମଫ୍ଲାମେସନ ବୃଦ୍ଧି ପାଏ। ଏହା ହିଁ ହୃଦ୍‌ରୋଗର କାରଣ ହୋଇଥାଏ। ସେହିପରି ଏହି ଗବେଷଣା ଲାଗି ୧୬ ଜଣ ସୁସ୍ଥ ଯୁବକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଓଜନ ସାମାନ୍ୟ ଥିବା ବେଳେ ନିଦ୍ରାଭ୍ୟାସ ବି ଠିକ୍ ଥିଲା। ସମସ୍ତଙ୍କୁ ଦୁଇଥର ନିଦ ଗବେଷଣାଗାରାରେ ରଖାଯାଇଥିଲା। ଥରୁଟିଏ ସେମାନଙ୍କୁ ତିନିରାତି ଭଲ ନିଦ୍ରା ପ୍ରଦାନ କରାଯାଇଥିଲା। ତା'ସହ ଦ୍ୱିତୀୟ ଥର ସେମାନଙ୍କୁ କେବଳ ୪ ଘଣ୍ଟା ଶୋଇବାକୁ ଦିଆଯାଇ ଥିଲା। ଦୁଇ ଥର ସେମାନଙ୍କ ଖାଦ୍ୟ ଓ ଗତିବିଧିକୁ ନିୟନ୍ତ୍ରଣାଧୀନ କରାଯାଇ ଥିଲା। ଏହାସହ ପ୍ରତିଦିନ ବ୍ୟାୟାମ କରିବା ପରେ ସକାଳେ ଓ ସଂଧ୍ୟାବେଳେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଉଥିଲା। ବୈଜ୍ଞାନିକମାନେ ସେମାନଙ୍କ ରକ୍ତରେ ଥିବା ପାଖାପାଖି ୯୦ ପ୍ରକାର ପ୍ରୋଟିନ୍‌ର ଯାଞ୍ଚ କରିଥିଲେ। ଯେତେବେଳେ ନିଦ ପୂରା ହୋଇ ନ ଥିଲା, ସେତେବେଳେ କିଛି ପ୍ରୋଟିନ୍‌ର ମାତ୍ରା ଏଭଳି ଭାବେ ବୃଦ୍ଧି ପାଇଥିଲା ଯେ, ଯାହାକି ହୃଦ୍‌ରୋଗ ସହିତ ଜଡ଼ିତ ଥିଲା। ସେହିପରି ବୈଜ୍ଞାନିକମାନେ କହିଛନ୍ତି, କମ୍ ନିଦ ସହିତ ବ୍ୟାୟାମ କରାଗଲେ, ଏହା ହୃଦୟ ମାଂସପେଶୀ ଉପରେ ଅଧିକ ପ୍ରଭାବ ପକାଇପାରେ। ଅନ୍ୟପଟେ ମହିଳା, ବୟସ୍କ ବ୍ୟକ୍ତି ବିଶେଷ, ହୃଦ୍‌ରୋଗୀ ଏବଂ ଅଲଗା ଅଲଗା ନିଦ ପ୍ୟାଟର୍ଣ୍ଣ ଯୁକ୍ତ ଲୋକଙ୍କ ଉପରେ ଏହାର ପ୍ରଭାବ କିଭଳି ଭିନ୍ନ ହୋଇପାରେ ଏନେଇ ଅଧିକ ଗବେଷଣାର ଆବଶ୍ୟକତା ଥିବା ସେମାନେ କହିଛନ୍ତି।



# କ୍ୟାମେରା ଜଗିଛି ଫସଲ

ସୁରକ୍ଷା ଦୃଷ୍ଟିରୁ ପଞ୍ଚତାରକା ହୋଟେଲ, ମନ୍ଦିର, ଦୋକାନ ତଥା ଘରମାନଙ୍କରେ ସିସିଟିଭି କ୍ୟାମେରା ଲଗାଯାଇଥାଏ। ଅଧୁନା ଅମାନିଆଙ୍କୁ ସାବାଡ଼ କରିବାକୁ ମଧ୍ୟ ଟ୍ରାଫିକ୍ ପୋଷ୍ଟ କିମ୍ବା ସଡ଼କରେ ସିସିଟିଭି କ୍ୟାମେରା ଲାଗୁଛି। ହେଲେ ଏବେ କଲରା ଚୋରି ରୋକିବାକୁ କ୍ଷେତରେ ସିସିଟିଭି କ୍ୟାମେରା ଲଗାଇ ଚର୍ଚ୍ଚାରେ ରହିଛନ୍ତି ବିହାର, ନଟୱା ଗାଁ'ର କୃଷକ ଭେଷ ନାରାୟଣ ସିଂହ। ସେ କଲରା ଚାଷକୁ ସୁରକ୍ଷା ଦେବା ସହ ଏହାର ଦେଖାରଖା କରିବାକୁ ସିସିଟିଭି କ୍ୟାମେରା ଏବଂ ସାଇରନ୍ ଲଗାଇଛନ୍ତି। ଏଥିପାଇଁ ସେ କ୍ଷେତରେ ଏକ ଲୁହା ଖୁଣ୍ଟରେ ଏକ ଘୂର୍ଣ୍ଣାୟମାନ କ୍ୟାମେରା ଲଗାଇଛନ୍ତି। ଯଦି ଜମି ମଧ୍ୟକୁ କୌଣସି ଭାରି ବସ୍ତୁ କିମ୍ବା କୌଣସି ବ୍ୟକ୍ତି ପ୍ରବେଶ କରନ୍ତି ତଥା ଗଛକୁ ଛୁଇଁବାକୁ ଚେଷ୍ଟା କରନ୍ତି ତେବେ କ୍ୟାମେରା ନିକଟରେ ଲାଗିଥିବା ସାଇରନ୍ ଜୋରରେ ଶବ୍ଦ କରିଥାଏ। ଜମି ନିକଟରୁ ନାରାୟଣ ସିଂହଙ୍କ ଘରର ଦୂରତା ଅଳ୍ପ ହୋଇଥିବାରୁ ସାଇରନ୍ ଶବ୍ଦ ତାଙ୍କ ଘର ଯାଏ ଶୁଣାଯାଇଥାଏ। ଏହି କ୍ୟାମେରା ଯୋଗୁଁ ତାଙ୍କ ଜମି ମଧ୍ୟକୁ ଚୋର କି ପଶୁପକ୍ଷୀ ପଶୁ ନ ଥିବା ଭେଷ ନାରାୟଣ କହିଛନ୍ତି। ସେହିପରି ଏହି ଚାଷୀ ଜଣକ ସିସିଟିଭି କ୍ୟାମେରା ଲଗାଇଥିବାରୁ ଜମିରେ ମୋଟର



ପମ୍ପ ଏବଂ ଅନ୍ୟ କୃଷି ଉପକରଣକୁ ସେଠାରେ ରଖି ଘରକୁ ଯାଇପାରୁଛନ୍ତି। ଭେଷ ନାରାୟଣଙ୍କ କହିବାନୁସାରେ, 'ତାଙ୍କର ଚାଷ ଜମିଟି ନଦୀ କୂଳରେ ଅବସ୍ଥିତ। ଏଠାରେ ଅଧିକାଂଶ ନୀଳଗାଈ ଏବଂ ପ୍ରାଣୀମାନେ ଫସଲକୁ ନଷ୍ଟ କରିଦିଅନ୍ତି। ହେଲେ ଏବେ ଜଙ୍ଗଲୀ ପ୍ରାଣୀ ଫସଲକୁ ପ୍ରବେଶ କରିବା ମାତ୍ରେ ସାଇରନ୍ ବାଜିବା ଆରମ୍ଭ କରିଦେଉଛି। ସାଇରନ୍ ଶବ୍ଦରେ ପ୍ରାଣୀମାନେ ଜମିରୁ ଭୟରେ ଦୌଡ଼ି ପଳାଉଛନ୍ତି।' ଭେଷ ନାରାୟଣ ୧୦,୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏପ୍ରକାର ସୁବିଧାର ଲାଭ ଉଠାଇଥିବା କୁହନ୍ତି।

## ସମ୍ଭାବନା



# ଜେନ୍ ଜେଡ୍‌ଙ୍କ ସହ ଯୋଡ଼ି ହେବାର କୌଶଳ

**ଆଜିକାଲି କାର୍ଯ୍ୟାଳୟରେ ଜେନ୍ ଜେଡ୍‌ଙ୍କ ସହ ତାଳମେଳ ରକ୍ଷା କରିବା ଖୁବ୍ ଜରୁରି। ସେମାନେ ସ୍ମାର୍ଟ, ଟେକ୍ନିକାଲ ଏବଂ ମୁକ୍ତ ଚିନ୍ତାଧାରାର ହୋଇଥାନ୍ତି। ତେଣୁ ସେମାନଙ୍କ ସହ ସହଜରେ ଯୋଡ଼ି ହେବା ଅନେକଙ୍କ ପକ୍ଷେ ସେତେଟା ସହଜ ନୁହେଁ।**



- ଜେନ୍ ଜେଡ୍ ଟେକ୍ନୋଲୋଜି ସହିତ ବଡ଼ ହେଉଛନ୍ତି। ସେମାନଙ୍କ ସହ କଥା ହେବା ଏବଂ କାମ କରିବା ବେଳେ ଇନଷ୍ଟାଣ୍ଟ ମେସେଜିଂ ଆପ୍, କୋଲାବରେସନ ଟୁଲ, ଭିଡିଓ କଲ୍ ଅଧିକ ବ୍ୟବହାର କରନ୍ତୁ।
- ସେମାନଙ୍କୁ ଲମ୍ବା ମିଟିଂ ଏବଂ ବୁଲେଇ ବଙ୍କେଇ କଥା କହିବା ପସନ୍ଦ ନୁହେଁ। ସେମାନଙ୍କ ସହ ସିଧା ଓ ସ୍ପଷ୍ଟ ଭାବେ କଥାବାର୍ତ୍ତା କରନ୍ତୁ।
- କ୍ୟାରିୟରରେ ଆଗକୁ ବଢ଼ିବା ଏବଂ ନୂଆ କିଛି ଶିଖିବା ଲାଗି ସେମାନେ ଲଗାତାର ଫିଡ୍‌ବ୍ୟାକ୍ ଚାହାନ୍ତି। ତେଣୁ କାମ ଉପରେ ତୁରନ୍ତ ମତାମତ ଲୋଡ଼ନ୍ତି।
- ଜେନ୍ ଜେଡ୍‌ଙ୍କୁ ୱାର୍କଲାଇଫ୍ ବାଲାନ୍ସ ଖୁବ୍ ପସନ୍ଦ। କେବଳ କାମ କରିବା ଚାହିଁ ନ ଥାନ୍ତି, ବରଂ କାମ କ'ଣ ଏବଂ ସେମାନେ କେଉଁ ବଡ଼ ଲକ୍ଷ୍ୟରେ ଯୋଗଦାନ ଦେବାକୁ ଯାଉଛନ୍ତି ସେକଥା ଉପରେ ଗୁରୁତ୍ୱ ଦିଅନ୍ତି।
- ନୂଆ ଜ୍ଞାନ କୌଶଳ ଶିଖିବା ପାଇଁ ଟ୍ରେନିଂ, ୱାର୍କସପ୍ ଏବଂ ମେଣ୍ଟରସିପ୍‌ର ଅବସର ପ୍ରଦାନ କରନ୍ତୁ।
- ମିଟିଂ ତଥା ପ୍ରୋଜେକ୍ଟ ଉପରେ ସେମାନଙ୍କ ମତାମତ ନିଅନ୍ତୁ।
- ମାନସିକ ସ୍ୱାସ୍ଥ୍ୟ ପ୍ରତି ସେମାନେ ଅଧିକ ସଚେତନ। ସେମାନଙ୍କୁ ସପୋର୍ଟିଭ ପରିବେଶ ପ୍ରଦାନ କରନ୍ତୁ।

# ଏକ ସମ୍ମାନଜନକ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା

ଏକ ସମ୍ମାନଜନକ କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରାଯାଏ। ଏହାସହ ସଠିକ୍ ଯୋଗାଯୋଗ, ସହଯୋଗ ଏବଂ ଗଠନମୂଳକ ଭାବରେ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ସହିତ ସ୍ୱୀକୃତି ପ୍ରଦାନ କରାଯାଏ।



### କର୍ମକ୍ଷେତ୍ରର ପରିବେଶ

- ଏହା ଏପରି ଏକ ସ୍ଥାନ, ଯେଉଁଠାରେ କର୍ମଚାରୀମାନେ ନିରାପଦ ଅନୁଭବ କରିବା ସହ ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସାରୁ ନିଜକୁ ସୁରକ୍ଷିତ ମଣନ୍ତି।
- ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।
- କର୍ମଚାରୀମାନେ ନିଜ ମତାମତ ଖୋଲାଖୋଲି ଭାବରେ ପ୍ରକାଶ କରିବାରେ ସହଜ ଅନୁଭବ କରନ୍ତି।
- ବିବାଦଗୁଡ଼ିକର ତୁରନ୍ତ ଏବଂ ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ କରାଯାଏ।
- କର୍ମଚାରୀଙ୍କୁ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ କାର୍ଯ୍ୟ ପାଇଁ ମଧ୍ୟ ଦାୟୀ ରଖାଯାଏ।
- କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ସମ୍ମାନ ରକ୍ଷା କରିବା ପାଇଁ ନିୟମିତ ମତାମତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ।
- ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ସଂଗଠନର ଖ୍ୟାତି ବୃଦ୍ଧି କରେ।
- ସକାରାତ୍ମକ କାର୍ଯ୍ୟ ପରିବେଶ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ।

### ଦଳ ମୁଖ୍ୟଙ୍କ ଭୂମିକା

- ସଂଗଠନର ଯେକୌଣସି ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସମୟରେ ସଂଯମତା ରକ୍ଷା କରନ୍ତୁ।
- ଆପଣଙ୍କଠାରୁ ଭିନ୍ନ ସହକର୍ମୀମାନଙ୍କ (ବୟସ, ଲିଙ୍ଗ, ଜାତି, ସଂସ୍କୃତି ଇତ୍ୟାଦି) ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରନ୍ତୁ।
- ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଉତ୍ସାହିତ କରନ୍ତୁ ଏବଂ ଯେତେସମ୍ଭବ ସହକର୍ମୀଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତୁ।
- ଦୟା, ସହାନୁଭୂତି ଏବଂ କରୁଣାକୁ ପ୍ରୋତ୍ସାହିତ କରି ସହକର୍ମୀଙ୍କୁ ମତାମତ ପ୍ରକାଶ କରିବାରେ ଉତ୍ସାହିତ କରନ୍ତୁ।
- ଅନ୍ୟମାନଙ୍କର ସଫଳତାକୁ ପ୍ରଶଂସା କରନ୍ତୁ, ଉତ୍କର୍ଷତାକୁ ଚିହ୍ନନ୍ତୁ ଏବଂ ପୁରସ୍କୃତ କରନ୍ତୁ।
- ଦଳର ସଦସ୍ୟଙ୍କ ସମସ୍ୟା ସମାଧାନ କରି ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ।
- ଏକ ବିଶ୍ୱାସ ଭିତ୍ତିକ ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ।




ଡାକ୍ତର ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ
ମୋବାଇଲ: ୯୨୩୪୬୬୭୫୪୬

# ଘରେ ତିଆରି ଅଫିସ୍ ପରିବେଶ

**ଅନେକ ଲୋକଙ୍କୁ ଘରେ ରହି ଅଫିସ୍ କାମ କରିବାକୁ ପଡ଼ିଥାଏ। ତେବେ ଆରାମରେ କାମ କରିବା ପାଇଁ ଘରେ ବି ୱାର୍କସ୍ପେସ୍ ରହିବା ଜରୁରି। ତେବେ କିଛି ଟିପ୍ସକୁ ଆପଣାଇ ଘରେ ମଧ୍ୟ ସୁନ୍ଦର ୱାର୍କସ୍ପେସ୍ ତିଆରି କରି ଘରେ ଅଫିସ୍ ପରିବେଶ ମିଳିବ।**

- ଘରେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠି କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ବେଡ୍‌ରୁମ୍‌ର ଏକ କୋଣ, ଅଲଗା କୋଠରି କିମ୍ବା ଲିଭିଂ ରୁମ୍‌ର ଏକ ଶାନ୍ତ ସ୍ଥାନ ଏ ଲାଗି ବାଛିପାରିବେ।
- ଘରର ଅଫିସ୍ ପରିବେଶକୁ ସଫାସୁତୁରା ରଖନ୍ତୁ। ଜିନିଷ ସବୁକୁ ଏଣେତେଣେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ରଖନ୍ତୁ। ଏହା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ କାମ କରିବାରେ ଆଗ୍ରହ ରହେ।
- ଘରେ ଆରାମରେ ବସି କାମ କରିପାରିବା ପାଇଁ ଉପଯୁକ୍ତ ଚେୟାର୍, ଟେବୁଲ ରଖନ୍ତୁ। ଏହା ଦ୍ୱାରା ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- କାମରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଠିକ୍



ଆଲୋକ ଜରୁରି। ଏ ଲାଗି ଡେସ୍କ ଲ୍ୟାମ୍ପ ବ୍ୟବହାର କରିପାରିବେ। ଏହା ଦ୍ୱାରା ଆଖି ଉପରେ କାମ ଚାପ ପଡ଼େ ଏବଂ ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- ଘରେ ଅଫିସ୍ କାମ କରିବା ସମୟରେ କଲମ, ନୋଟବୁକ୍, ଚାର୍ଜର ଭଳି ଜରୁରି ଜିନିଷ ପାଖରେ ରଖନ୍ତୁ। ଏହା ଦ୍ୱାରା ବାରମ୍ବାର ଉଠିବାକୁ ପଡ଼ିବନି ଏବଂ କାମ ଶୀଘ୍ର ହୋଇଯିବ।
- ଘରର ୱାର୍କସ୍ପେସ୍‌ରେ ନିଜ ପସନ୍ଦର ଜିନିଷ ରଖନ୍ତୁ। ଗଛ, ଫଟୋ ତଥା ମୋଟିଭେସନାଲ କୋଟ୍ ରଖନ୍ତୁ। ଏହାଦ୍ୱାରା ଖୁସି ଅନୁଭବ କରିବେ।

# ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍

ଗୁଗଲ୍ ଏବେ ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍ ଯୋଡ଼ିବ। ତେବେ ବ୍ୟବହାରକାରୀ ସର୍ଟ ଭିଡିଓରେ ଦେଖୁଥିବା ଯେକୌଣସି ବିଶେଷ ସ୍ଥାନ ବାବଦରେ ତଥ୍ୟ ଖୋଜିବାର ସୁବିଧା ଏହି ନୂଆ ଫିଚର୍ ପ୍ରଦାନ କରିବ। ଏହି ଲେନ୍ସ ଫିଚର ମାଧ୍ୟମରେ ସର୍ଟସ୍ ଦେଖୁଥିବା ବ୍ୟବହାରକାରୀ ଭିଡିଓରେ ଦେଖାଯାଉଥିବା ଜିନିଷକୁ ଶୀଘ୍ର ଚିହ୍ନଟ ଏବଂ ବୁଝିବା ଦିଗରେ ସାହାଯ୍ୟ କରିବ। ସେହିପରି ଭିଡିଓକୁ ପଜ୍ କରିବା ଲାଗି ଲେନ୍ସ ବଟନରେ ଟ୍ୟାପ୍ କରିବାକୁ ହେବ। ଏହାପରେ କୌଣସି ବସ୍ତୁକୁ ଟ୍ୟାପ୍ କରିବା ଦ୍ୱାରା ସେ ବାବଦରେ ତଥ୍ୟ ମିଳିଥାଏ। ଏହାପରେ ଗୁଗଲ ସେହି ଜିନିଷ ସହିତ ମେଳ ଖାଉଥିବା ଭିଜୁଆଲ ରେଜଲ୍ଟ ଦେଖାଏ। ତେବେ ଆଗାମୀ ଦିନରେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ର ବିଟା ପରୀକ୍ଷଣ




ଭାବେ ଆରମ୍ଭ କରାଯିବ। ସେହିପରି ଯେତେବେଳେ ଏହି ସୁବିଧା କୌଣସି ବ୍ୟବହାରକାରୀଙ୍କ ଆକାଉଣ୍ଟରେ ସକ୍ରିୟ ହେବ, ଭିଡିଓ ପଜ୍ କରିକି ଲେନ୍ସ ବଟନ୍‌କୁ ବ୍ୟବହାର କରିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ କୌଣସି ବିଜ୍ଞାପନ କିମ୍ବା ସପିଂ ଲିଙ୍କ ରହିବ ନାହିଁ।

ଫ୍ରେଞ୍ଚ ଓପନ୍

# ସାବାଲେଙ୍କା-ସ୍ୱିଆଟେକ୍ ସେମି ଲଢ଼େଇ

ପ୍ୟାରିସ, ୩।୬ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ ୩ଥରର ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ୍ଙ୍କ ମଧ୍ୟରେ ଚଳିତ ଫ୍ରେଞ୍ଚ ଓପନ୍‌ର ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବେଲାରୁଷର ସାବାଲେଙ୍କା ୭-୬ (୭/୩), ୬-୩ ସେଟରେ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଝେଙ୍ଗ୍ କ୍ୱିନୱିନଙ୍କୁ ହରାଇ ଅଗ୍ରଗତି କରିଥିଲେ। ଯଦି ସାବାଲେଙ୍କା ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ପ୍ରଥମଥର ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବେ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସ୍ୱିଆଟେକ ୬-୧, ୭-୫ ସିଧାସଳଖ ସେଟ୍‌ରେ ୟୁକ୍ରେନର ଏଲିନା ଭିଟୋଲିନାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସାବାଲେଙ୍କା ଓ ସ୍ୱିଆଟେକ୍ଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ସୋମବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ଓ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ନର ୬-୧, ୬-୩, ୬-୪ ସେଟ୍‌ରେ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ଓ ବଲ୍‌ବିକ ବ୍ରିଟେନର ଜାକ୍ ଡ୍ରାପରକୁ ପ୍ରିକ୍ୱାର୍ଟରରେ ପରାସ୍ତ କରିଥିଲେ।



# ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଜୁଲାଇ ୫ରେ

ନୂଆଦିଲ୍ଲୀ,୩।୬ (ଏଜେନ୍ସି): ଭାରତରେ ନୀରଜ ଚୋପ୍ରା କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତା ଜୁଲାଇ ୫ରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟର ଆୟୋଜକ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯିବା ସହ ପୂର୍ବରୁ ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଏହା ଆୟୋଜିତ ହେବ। ପୂର୍ବରୁ ମେ ୨୪ରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବା ଯୋଗୁଁ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଭାରତରେ ହେବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିମାନେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ୨୦୧୬ ଅଲିମ୍ପିକ୍ ସ୍ୱର୍ଣ୍ଣବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱଚାମ୍ପିଅନ କେନିଆର ଜୁଲିୟସ ୟେଗୋ ଓ ଭାରତର ଓଡ଼ିଆ ପ୍ରତିଯୋଗୀ କିଶୋର ଜେନା ଏଥିରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ଦେଇଛନ୍ତି। ଇଭେଣ୍ଟ ତାରିଖ ପରିବର୍ତ୍ତନ ହେବାଯୋଗୁଁ ଅନେକ ଖେଳାଳି ମଧ୍ୟ ଏଥିରୁ ଓହରିଯାଇଛନ୍ତି।

ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ

# ପଏଣ୍ଟ ଟେବଲ ଶୀର୍ଷରେ ଗୁକେଶ

କୋପେନ ହେଗେନ, ୩।୬ (ଏଜେନ୍ସି): ଏଠାରେ ଚାଲିଥିବା ନରୱେ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ ଭାରତର ଡି ଗୁକେଶ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ପହଞ୍ଚିଛନ୍ତି। ଗତକାଲି ସୋମବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡରେ ସେ ବିଶ୍ୱର ଶ୍ରେଷ୍ଠ ଖେଳାଳି ମ୍ୟାଗ୍ନସ କାର୍ଲସେନ ଓ ୭ମ ରାଉଣ୍ଡରେ ଅର୍ଜୁନ ଏରିଗାଏସୀଙ୍କୁ ପରାସ୍ତ କରି ଗୁକେଶ ଏହି ସଫଳତା ପାଇଛନ୍ତି। ଉଭୟ ଖେଳାଳିଙ୍କୁ ଗୁକେଶ କ୍ଲାସିକ୍ ଚେସ୍‌ରେ ପ୍ରଥମଥର ହରାଇବାରେ ସମର୍ଥ ହୋଇଥିଲେ। ୧୯ ବର୍ଷୀୟ ବିଶ୍ୱ ଚାମ୍ପିଅନ ଗୁକେଶ ୭ମ ରାଉଣ୍ଡ ଶେଷରେ ୧୨.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମ୍ୟାଗ୍ନସ କାର୍ଲସେନ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଚୀନ୍‌ର ଜୁ ୱେନ୍‌ଜୁନ୍ ୧୨.୫ ପଏଣ୍ଟ ପାଇ ପ୍ରଥମ, ଆନ୍ନା ମୁଜିଚୁକ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଆଇପିଏଲ୍-୧୮ : ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

# ଜାମିସନ-ଅର୍ଶଦୀପଙ୍କ ଘାତକ ବୋଲିଂ



ଅହମ୍ମଦାବାଦ୍, ୩।୬ (ଏଜେନ୍ସି)

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସର କାଏଲ ଜାମିସନ ଓ ଅର୍ଶଦୀପ ସିଂ ଘାତକ ବୋଲିଂ ପ୍ରଦର୍ଶନ କରିଛନ୍ତି। ଏହା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ କୌଣସି ଖେଳାଳି ବଡ଼ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ତେବେ ବିରାଟ କୋହଲି ସର୍ବାଧିକ ୪୩, ଅଧିନାୟକ ରଜତ ପାଟିଦାର ୨୬, ଲିଆମ ଲିଭିଂଷ୍ଟୋନ ୨୫, ମୟଙ୍କ ଅଗରୱାଲ ଓ ଜିତେଶ ଶର୍ମା ୨୪ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ପଞ୍ଜାବ ପକ୍ଷରୁ କାଏଲ ଜାମିସନ ଓ ଅର୍ଶଦୀପ ସିଂ ସର୍ବାଧିକ ୩ଟି ଲେଖାଏଁ ୱିକେଟ ପାଇଥିଲେ। ସୂଚନାଯୋଗ୍ୟ ଏହି ଟୁର୍ଣ୍ଣାମେଣ୍ଟର ୧୮ ତମ ସଂସ୍କରଣ ଚାଲିଥିଲାବେଳେ ଫାଇନାଲର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ୪ଥର ଫାଇନାଲ ଖେଳିଥିଲେ ମଧ୍ୟ କେହି ଥରେ ହେଲେ ଚାମ୍ପିଅନ ହୋଇ ନାହାନ୍ତି। ଏଥର ଆଇପିଏଲ୍ ଏକ ନୂଆ ଚାମ୍ପିଅନ ଦଳ ପାଇବା ନିଶ୍ଚିତ ହୋଇଛି।

### ଟସ୍ ଜିତିଲେ ଶ୍ରେୟସ ଆୟର

ମୁମ୍ବାଇ ବିପକ୍ଷରେ କ୍ୱାଲିଫାୟର-୨ ମୁକାବିଲାକୁ ଏକାକୀ ଜିତାଇଥିବା ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଏଠାରେ ଟସ୍ ଜିତିବା ପରେ ବେଙ୍ଗାଲୁରୁକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ବେଙ୍ଗାଲୁରୁର ଦୁଇ ଓପନର ବିରାଟ କୋହଲି ଓ ଫିଲିପ ସଲ୍ଟ ଆରମ୍ଭରୁ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ପଞ୍ଜାବ ବୋଲିଂକୁ ଉଚିତ ମୁକାବିଲା କରିପାରି ନ ଥିଲେ ବେଙ୍ଗାଲୁରୁ ବ୍ୟାଟର। ଗୋଟିଏ ପଟେ ବିରାଟ କୋହଲି ଦୁର୍ଗ ଜଗିଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ଦ୍ରୁତ ରନ୍ କରି ଆଉଟ ହୋଇଥିଲେ। ପ୍ରଥମେ ସଲ୍ଟ ୯ ବଲ୍‌ରେ ୧୬, ଦ୍ୱିତୀୟରେ ମୟଙ୍କ ଅଗରୱାଲ ୧୮ ବଲ୍‌ରେ ୨୪, ତୃତୀୟରେ ଅଧିନାୟକ ରଜତ ପାଟିଦାର ୧୬ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ। ଟପ୍ ଅର୍ଡରରେ ୩ଜଣ ବ୍ୟାଟରଙ୍କ ଆଉଟ ପରେ ବିରାଟଙ୍କ ବ୍ୟାଟ୍‌ରୁ ଏକ ଲମ୍ବା ଇନିଂସ ଆଶା କରାଯାଉଥିଲା। ସେ ମଧ୍ୟ ଦମ୍‌ର ସହ ବ୍ୟାଟିଂ କରୁଥିଲେ। ଲିଆମ ଲିଭିଂଷ୍ଟୋନ୍‌ଙ୍କ ସହ ଦ୍ରୁତ ରନ୍ ସଂଗ୍ରହ କରୁଥିଲାବେଳେ ଆଜମତୁଲ୍ଲା ଓମରଜାଇଙ୍କ ଏକ ମନ୍ଥର ବଲ୍‌କୁ ଖେଳି ନ ପାରି କ୍ୟାଚ୍ ଆଉଟ ହୋଇଥିଲେ। ଧୈର୍ଯ୍ୟର ସହ ଖେଳୁଥିବା କୋହଲି ୩୫ ବଲ୍‌ରେ ମାତ୍ର ୩ଟି ଚୌକା ମାରି ୪୩ ରନ୍‌ରେ ଓମରଜାଇଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ।

କୋହଲିଙ୍କ ଆଉଟ ସହ ବେଙ୍ଗାଲୁରୁର ଉତ୍ସାହ ଉଡିଯାଇଥିଲା। ଲିଭିଂଷ୍ଟୋନ୍ ୧୫ ବଲ୍‌ରୁ ୨୪, ଜିତେଶ ଶର୍ମା ୧୦ ବଲ୍‌ରୁ ୨୪ ରନ୍ କରିଥିଲେ। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ପାରି ନ ଥିଲେ। ଯାହା ଫଳରେ ଚତୁର୍ଥ ଫାଇନାଲ ଖେଳୁଥିବା ବେଙ୍ଗାଲୁରୁ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପକ୍ଷରୁ ଏହି ମ୍ୟାଚ୍‌ରେ ସମସ୍ତ ବୋଲର ଶୃଙ୍ଖଳାର ସହ ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ କାଏଲ ଜାମିସନ ୪୮ ରନ୍‌ରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆମତୁଲ୍ଲା ଓମରଜାଇ, ବିଜୟ କୁମାର ବ୍ୟାସକ ଓ ୟୁଜବେନ୍ଦ୍ର ଚହଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ପୁରସ୍କାର ରାଶି

ଏଥର ଆଇପିଏଲ୍‌ରେ ଗୋଟିଏ ନୂଆ ଦଳକୁ ଟ୍ରଫି ଜିତିବାର ସୌଭାଗ୍ୟ ମିଳିଛି। ଚାମ୍ପିଅନ ଦଳକୁ ଏଥର ଟ୍ରଫି ସହ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ରନର୍ସଅପ୍ ବିବେଚିତ ଦଳ ୧୨.୫ କୋଟି ଟଙ୍କାରେ ସନ୍ତୁଷ୍ଟ ରହିଛି। ଏଲିମିନେଟର୍‌ରେ ହାରି ବିଦାୟ ନେଇଥିବା ଗୁଜରାଟ ୬.୫ କୋଟି ଟଙ୍କା ପାଇଛି। ସେହିଭଳି କ୍ୱାଲିଫାୟର-୨ରେ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୭ କୋଟି ଟଙ୍କା ସାଙ୍ଗରେ ନେଇଛି।



# ସୁଦର୍ଶନଙ୍କୁ ଅରେଞ୍ଜ, କ୍ରିଷ୍ଣାଙ୍କୁ ପର୍ପଲ କ୍ୟାପ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶେଷ ହୋଇଯାଇଛି। ଏଥର ଗୁଜରାଟ ଟାଇଟନ୍ସ ଖେଳାଳି ଉଭୟ ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ହାତେଇ ନେଇଛନ୍ତି। ଗୁଜରାଟର ବାମହାତୀ ଓପନର୍ ସାଇ ସୁଦର୍ଶନ ଦମ୍‌ଦାର ପ୍ରଦର୍ଶନ କରି ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହେବା ସହ ଅରେଞ୍ଜ କ୍ୟାପ୍ ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚ୍ ଖେଳି ୫୪.୨୧ ହାରରେ ସର୍ବାଧିକ ୭୫୯ ରନ ସଂଗ୍ରହ କରିଛନ୍ତି। ଏଥର ଆଇପିଏଲ୍‌ରେ ତାଙ୍କ ବ୍ୟାଟର୍‌ରୁ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ସେ ୮୮ ଚୌକା ଓ ୨୧ ଛକା ମାରିଥିଲେ। ଏଭଳି ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ତାଙ୍କ ଦଳ କ୍ୱାଲିଫାୟର-୨ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥଲା।

ଅପରପକ୍ଷରେ ସେହି ଗୁଜରାଟର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏଥର ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଭାବେ ପର୍ପଲ କ୍ୟାପ୍ ଜିତିଛନ୍ତି। ପ୍ରସିଦ୍ଧ ୧୫ ମ୍ୟାଚରେ ୨୫ ୱିକେଟ୍ ନେଇଛନ୍ତି। ପ୍ରତି ୧୯ ରନ ବ୍ୟୟରେ ସେ ଗୋଟିଏ ୱିକେଟ୍ ପାଇଛନ୍ତି। ୪୧ ରନରେ ୪ ୱିକେଟ୍ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ସେହିଭଳି ଓଭର ପିଛା ସେ ୮.୨୭ ରନ ବ୍ୟୟ କରିଛନ୍ତି। ପୁରସ୍କାର ବାବଦକୁ ସୁଦର୍ଶନ ଓ ପ୍ରସିଦ୍ଧ ୧୦ ଲକ୍ଷ ଟଙ୍କା ଲେଖାଏ ପାଇଛନ୍ତି।

### ସର୍ବାଧିକ ରନ (ଅରେଞ୍ଜ କ୍ୟାପ୍)

| ବ୍ୟାଟର୍ | ଇନିଂସ | ରନ୍ | ହାରାହାରି | ୧୦୦/୫୦ |
|---|---|---|---|---|
| ସାଇ ସୁଦର୍ଶନ | ୧୫ | ୭୫୯ | ୫୪.୨୧ | ୧/୬ |
| ସୂର୍ଯ୍ୟକୁମାର ଯାଦବ | ୧୬ | ୭୧୭ | ୬୫.୧୮ | ୦/୫ |
| ଶୁବମନ ଗିଲ୍ | ୧୫ | ୬୫୦ | ୫୦.୦୦ | ୦/୬ |
| ମିଚେଲ ମାର୍ଶ | ୧୩ | ୬୨୭ | ୪୮.୨୩ | ୧/୬ |
| ବିରାଟ କୋହଲି | ୧୫ | ୬୧୪ | ୫୫.୮୧ | ୦/୮ |
| ଶ୍ରେୟସ ଆୟର | ୧୭ | ୬୦୩ | ୫୪.୮୧ | ୦/୬ |

### ସର୍ବାଧିକ ୱିକେଟ (ପର୍ପଲ କ୍ୟାପ୍)

| ବୋଲର୍ | ମ୍ୟାଚ୍ | ୱିକେଟ | ହାରାହାରି | ଶ୍ରେଷ୍ଠ |
|---|---|---|---|---|
| ପ୍ରସିଦ୍ଧ କ୍ରିଷ୍ଣା | ୧୫ | ୨୫ | ୧୯.୫୨ | ୪/୪୧ |
| ନୁର୍ ଅହମ୍ମଦ | ୧୪ | ୨୪ | ୧୭.୦୦ | ୪/୧୮ |
| ଟ୍ରେଣ୍ଟ ବୋଲ୍ଟ | ୧୬ | ୨୨ | ୨୩.୫୦ | ୪/୨୬ |
| ଜୋଶ୍ ହାଜଲେଉଡ୍ | ୧୨ | ୨୧ | ୧୫.୮୦ | ୪/୩୩ |
| ସାଇ କିଶୋର | ୧୫ | ୧୯ | ୨୦.୬୮ | ୩/୩୦ |
| ଯଶପ୍ରୀତ୍ ବୁମ୍‌ରା | ୧୨ | ୧୮ | ୧୭.୫୫ | ୪/୨୨ |
| ଅର୍ଶଦୀପ୍ ସିଂହ | ୧୭ | ୧୮ | ୨୭.୮୮ | ୩/୧୬ |


# ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୂର'

ଅହମ୍ମଦାବାଦ,୩।୬(ଏଜେନ୍ସି): ଫାଇନାଲ ମୁକାବିଲା ପୂର୍ବରୁ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଖାପାଖି ଏକ ଲକ୍ଷ ୩୦ ହଜାର ଦର୍ଶଙ୍କ ଉପସ୍ଥିତରେ ଆୟୋଜିତ ଏହି ରଙ୍ଗାରଙ୍ଗ ଉତ୍ସବର ଥିମ୍ ଅର୍ଥାତ ମୁଖ୍ୟ ଆକର୍ଷଣ 'ଅପରେସନ ସିନ୍ଦୂର' ଥିଲା। ଏଥିରେ ମନୋମୁଗ୍ଧକର ଏୟାର ଶୋ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭାରତୀୟ ବାୟୁସେନା ବିମାନ ମାଧ୍ୟମରେ ତ୍ରିରଙ୍ଗା ଫରମେସନ କରି ଦର୍ଶକଙ୍କୁ ବିମୋହିତ କରିଥିଲା। ଷ୍ଟାଡିୟମରେ ଏକ ବଡ଼ ସ୍କ୍ରିନରେ ଭାରତୀୟ ବାୟୁସେନାର ପରାକ୍ରମକୁ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଲିଉଡ ଗାୟକ ଶଙ୍କର ମହାଦେବନ ନିଜ ପୁଅ ସିଦ୍ଧାର୍ଥ ଓ ଶିବମଙ୍କ ସାଥି ହୋଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେ 'ମେ ରହୁ ନା ରହୁ, ଭାରତ ରହନା ଚାହିଏ', 'ଏ ବତନ ବତନ ମେରେ ଆବଦ ରହେ ତୁ', 'ସବ୍‌ସେ ଆଗେ ହିନ୍ଦୁସ୍ଥାନୀ', 'ସୁନ ଗୋର ସେ ଦୁନିଆବାଲୋ' ଓ 'ବନ୍ଦେ ମାତରମ୍'ଭଳି ଦେଶଭକ୍ତି ସମ୍ପର୍ଣ୍ଣ ଗୀତ ଗାଇ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଏହାପୂର୍ବରୁ କଳାକାରମାନେ ବି ପ୍ରାକଙ୍କ 'ତେରେ ମିଟି'ରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଷ୍ଟାଡିୟମରେ ଏକାଧିକ ବଲିଉଡ ତାରକା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଆଇପିଏଲ୍ ଉଦ୍‌ଯାପନୀ ଝଲକ୍















PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS